

ଇମ୍ତିଆଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-170 TUESDAY 16 DECEMBER 2025 PAGE-12 ₹ 6.00 | SAMBALPUR | ବର୍ଷ-୪୩ ସଂଖ୍ୟା-୧୭୦ ମଙ୍ଗଳବାର ୧୬ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

## ବାହା ବଜାରରେ ପୁଣି ସୁନା ମହଙ୍ଗା | ୧୦ ଗ୍ରାମ୍‌କୁ ୧.୩୫ ଲକ୍ଷ ଟପିଲା

■ ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ପୁଣି ଥରେ ହୁ ହୁ ହୋଇ ବଢ଼ୁଛି ସୁନା ଓ ରୁପା ଦର। ଘରୋଇ ବଜାରରେ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ଫଳରେ ସୁନା ମୂଲ୍ୟ ୧୦ ଗ୍ରାମ (୨୪ କ୍ୟାରେଟ୍) ପିଛା ୧.୩୫ ଲକ୍ଷ ଟଙ୍କାର ଐତିହାସିକ ରେକର୍ଡ ସ୍ତର ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢ଼ୁଛି ସୁନା ଓ ରୁପା ଦର।




ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଘରୋଇ ବଜାରରେ ଚଳିତବର୍ଷ ସୁନା ୫୭ ୧୦ ଗ୍ରମା ପିଛା ହଜାର ଟଙ୍କା ମହଙ୍ଗା ହୋଇଛି।

ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୫୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ▶ପୃଷ୍ଠା-୭

## ଗଙ୍ଗାକୁ ବିପଦ ୬୦ ବର୍ଷ ତଳର ପରମାଣୁ ଯନ୍ତ୍ରାଂଶ

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ହିମାଳୟରେ ଦୀର୍ଘ ଦିନଧରି ପୋତି ହୋଇ ରହିଥିବା ଶୀତଳ ଯୁଦ୍ଧର ଏକ ଗୁପ୍ତ ରହସ୍ୟ ପୁଣିଥରେ ଲୋକ ଲୋଚନକୁ ଆସିଛି। ପ୍ରାୟ୬୦ବର୍ଷ ତଳେ ନନ୍ଦାଦେବୀ ପର୍ବତରେ ହଜିଯାଇଥିବା ଏକ ପରମାଣୁ ଶକ୍ତି ସଞ୍ଚାଳନକାରୀ ଉପକରଣ ଏବେ ନୂଆ ବିପଦ ସୃଷ୍ଟି କରିଛି। ଏହା ଭାରତର ସବୁଠାରୁ ପବିତ୍ର ତଥା ଚିରସ୍ରୋତା ନଦୀ ଗଙ୍ଗାକୁ ବିପଦରେ





ପକାଇଛି। ବିକିରଣ ଆଶଙ୍କା ପାଇଁ ଗଙ୍ଗା ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ଶୀତଳ ଯୁଦ୍ଧ ଅବସରରେ ଚୀନ ପରମାଣୁ ପରୀକ୍ଷଣକୁ ଜୋରଦାର କରିଥିଲା। ସେତେବେଳେ ଉପଗ୍ରହ ବ୍ୟବସ୍ଥା ନ ଥିଲା। ତେଣୁ ଏହି ଗତିବିଧି ଉପରେ ନଜର ରଖିବା ପାଇଁ ଆମେରିକା ଓ ଭାରତ ମିଳିତ ଭାବେ ନନ୍ଦାଦେବୀ ପର୍ବତରେ ପରମାଣୁ ନିରୀକ୍ଷଣ ▶ପୃଷ୍ଠା-୭

# ଦିଲ୍ଲୀ ବାୟୁ ପ୍ରାଣଘାତୀ

## ସୂର୍ଯ୍ୟ ଉଭାନ; ମଧ୍ୟାହ୍ନରେ ମଧ୍ୟରାତ୍ରି ସମ ଅନ୍ଧାର ■ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସିଲା

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ଅସହ୍ୟ ହେଲାଣି ପ୍ରଦୂଷଣ। ବାୟୁମଣ୍ଡଳ ଏତେ ବିଷାକ୍ତ ହେଲାଣି ଯେ ନିଶ୍ୱାସ ନେବାକୁ ବି ଡର ଲାଗୁଛି। ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସମଗ୍ର ଜାତୀୟ ରାଜଧାନୀ ପ୍ରଦୂଷିତ ବାୟୁମଣ୍ଡଳ କବଜାରେ ରହିଛି। ପଶ୍ଚିମାଝଡ଼ର ପ୍ରଭାବ କମ୍ ହେବାରୁ ଦିଲ୍ଲୀର ବାୟୁ ସ୍ଥିର ହୋଇଯାଇଛି। ଫଳରେ ଶୀତ ସହିତ କୁହୁଡି ଓ ପ୍ରଦୂଷଣର ଜାଲରେ ଫସିଯାଇଛି ଦିଲ୍ଲୀ। ଗତକାଲି ବର୍ଷର ସବୁଠାରୁ ଘନ କୁହୁଡି ଦେଖିବାକୁ ମିଳିଥିଲା। ଅକ୍ଷରଧାମ ସମେତ ଅନେକ ଅଞ୍ଚଳରେ ଦୃଶ୍ୟମାନ ୫୦ ମିଟର ତଳକୁ ଖସିଆସିଥିଲା। ଦିନରେ ବି କିଛି ଦେଖାଯାଉନି। ପରିସ୍ଥିତି ଏମିତି ହୋଇଛି ଯେ ଆଜି ଦିଲ୍ଲୀରେ ୬୦ଟି ବିମାନକୁ ବାତିଲ କରାଯାଇବା ବେଳେ ୨୫୦ଟି ବିମାନ ବିଳମ୍ବିତ ହୋଇଛି।

**କେତେକ ସ୍ଥାନରେ ଏକ୍ୟୁଆଇ ୫୦୦ ପାର୍**

**୬୦ ବିମାନ ବାତିଲ, ୨୫୦ ଉଡ଼ାଣ ବିଳମ୍ବିତ**

**ଭୁବନେଶ୍ୱରରେ ୧୪ ଉଡ଼ାଣ ପ୍ରଭାବିତ**

ପ୍ରଦୂଷକ କଣିକା ବାୟୁମଣ୍ଡଳରେ ପରିବ୍ୟାପ୍ତ ହୋଇଛି ଓ ଏହାଦ୍ୱାରା ଦିଲ୍ଲୀ ଏକ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି। କେତେକାଞ୍ଚଳରେ ବାୟୁ ▶ପୃଷ୍ଠା-୭




## ଇତିହାସ ପାଲଟିବ ମନରେଗା; ଆସିବ 'ଭିବି ଜି ରାମ ଜି'

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଏବେ ଇତିହାସ ପାଲଟିଯିବ ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ ବା ମନରେଗା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ଏହି ସ୍କିମକୁ ଉଚ୍ଛେଦ କରି ଏହା ବଦଳରେ କେନ୍ଦ୍ର ସରକାର ଏକ

**ଲୋକସଭାରେ ସରକାର ଆଗତ କଲେ ବିଲ୍**

ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହି ଯୋଜନାର ନାମ ହେବ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଜୀବିକା ମିସନ (ଗ୍ରାମୀଣ) ବା ଜି ରାମ ଜି। ଏଥିପାଇଁ ସରକାର ଆଜି ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଚଳିତ ଅଧିବେଶନରେ ଏହି ବିଲ ଅନୁମୋଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହି କାରଣରୁ ସଂସଦରେ ଉପସ୍ଥିତ ରହିବା ଲାଗି ସମସ୍ତ ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ଯୋଜନାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।




ମହାତ୍ମା ଗାନ୍ଧୀଙ୍କ ନାମ ପ୍ରତି ସରକାର କାହିଁକି ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପ୍ରିୟଙ୍କା ଗାନ୍ଧୀ। ଏହି ବିଲକୁ ନେଇ ସଂସଦରେ ପୁଣି ସରକାର ଓ ବିରୋଧୀ ମୁହାଁମୁହିଁ ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ୨୦୦୫ରେ ମନମୋହନ ସିଂହଙ୍କ ▶ପୃଷ୍ଠା-୭

### ରାଜ୍ୟ କଂଗ୍ରେସରେ କମ୍ପନ

## ମହମ୍ମଦ ମୋକିମ୍ ଦଳରୁ ବହିଷ୍କୃତ

■ ଭୁବନେଶ୍ୱର, ୧୫।୧୨ (ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୋକିମଙ୍କ ବରିଷ୍କାର ପାଇଁ ଏଆଇସିସିକୁ ସୁପାରିସ କରିଥିଲେ। ଏଆଇସିସି ଏହି ସୁପାରିସକୁ ଅନୁମୋଦନ ଦେବା ପରେ ପିସିସି ପକ୍ଷରୁ ମୋକିମଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଥିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

**କଂଗ୍ରେସ ମୋ ବିଚାରଧାରାରେ ରହିବ: ମୋକିମ**

**ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି: ନିରଞ୍ଜନ**

**କଟକରେ ଦଳ ଉପରେ ପ୍ରଭାବ ପଡ଼ିବ: ନରସିଂହ**

**ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଠିକ୍ ନଥିଲା: କଂଗ୍ରେସ**



ମୋକିମଙ୍କ ବହିଷ୍କାର ପରେ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି। ବହୁ ବରିଷ୍ଠ ନେତା ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। କିଛି ନେତା ପରୋକ୍ଷରେ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ କରି ଦଳର ନିଷ୍ପତ୍ତି ସପକ୍ଷରେ ▶ପୃଷ୍ଠା-୭

## ଜାରି ରହିବ ଶୀତ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ଯଦିଓ ଉପକୂଳ ଓଡ଼ିଶାରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ଆଭ୍ୟନ୍ତରରେ ଶୀତ ସ୍ଥିତି ଜାରି ରହିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ତାମପାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୮, ନବରଙ୍ଗପୁରରେ ୯, ଭବାନୀପାଟଣାରେ ୯.୨, ଅନୁଗୁଳ ୯.୬, ବୌଦ୍ଧ ୯.୭ ଓ ଝାରସୁଗୁଡ଼ାରେ ତାପମାତ୍ରାରେ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ଶୀତ ପ୍ରାୟ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସବୁଠାରୁ କମ୍ ତାପମାତ୍ରା କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ହୋଇଥିବା ବେଳେ କିଛି କିଛି ସ୍ଥାନରେ ହ୍ରାସ ମଧ୍ୟ ପାଉଛି। ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଘଟିନାହିଁ। ଗତ ୨୪ ଘଣ୍ଟାରେ ଦୁଇଟି ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଥିଲା।

### ରାଜ୍ୟରେ 'ପେସା' ଆଇନ ଲାଗୁରେ ଟାଳଟୁଳ ନୀତି

## ବଢ଼ୁଛି ଆଦିବାସୀଙ୍କ ରୋଷ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷା ପାଇଁ ପେସା ଆଇନ ଲାଗୁ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ଉପରେ ଉଠିଥିବା ପ୍ରଶ୍ନ ଏବେ ଶାସକ ବିଜେପିର ଶିରପୀଡ଼ା ହେବାକୁ ବସିଛି। ସରକାର କେବଳ ସେମାନଙ୍କୁ ଭଣ୍ଡାଉଛନ୍ତି ବୋଲି ଅଭିଯୋଗ କରିବା ସହ ଆଦିବାସୀ ନେତାମାନେ କ୍ରୋଧିତ ହୋଇଛନ୍ତି। ବିଧାନସଭା ଦ୍ୱିତୀୟ ଅଧିବେଶନରେ ପେସା ଆଇନ ଲାଗୁ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ୫ଟି ଅଧିବେଶନ ପରେ ବି ଏହି ଆଇନ କାର୍ଯ୍ୟକାରୀ ହୋଇପାରି ନାହିଁ। ଯେଉଁଥିପାଇଁ ଆଦିବାସୀଙ୍କର ବିକାଶ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ଏବଂ ରାଜ୍ୟ ସରକାର କେବଳ ଓଡ଼ିଶାବାସୀ, ଆଦିବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

**୫ ଅଧିବେଶନ ଶେଷ ପରେ ବି ଆସିଲାନି ଆଇନ**

**ବିଭାଗ ଗ୍ରହଣ କରୁନାହିଁ ରାଜ୍ୟପାଳଙ୍କ ପରାମର୍ଶ**

**'ବିଚାର' ମଧ୍ୟରେ ସୀମିତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ**



ସଦ୍ୟ ସମାପ୍ତ ବିଧାନସଭା ଶୀତ ଅଧିବେଶନରେ ପେସା ଆଇନ କାର୍ଯ୍ୟକାରିତା ସଂକ୍ରାନ୍ତ ଏକ ପ୍ରଶ୍ନରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଅସ୍ପଷ୍ଟ ଉତ୍ତର ▶ପୃଷ୍ଠା-୭

### ରାଜଧାନୀରେ ଅସୁରକ୍ଷିତ ପର୍ଯ୍ୟଟନସ୍ଥଳୀ

## ପୁରୁଷବନ୍ଧୁଙ୍କୁ ମାଡ଼ ମାରି ନାବାଳିକାକୁ ଗଣଦୁଷ୍କର୍ମ

■ ଭୁବନେଶ୍ୱର, ୧୫।୧୨ (ସମିସ): ଅସୁରକ୍ଷିତ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀ ଏବଂ ରାମଚଣ୍ଡୀ ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭିନଥିବା ବେଳେ ରାଜଧାନୀ ଉପକଣ୍ଠ ଧଉଳିରୁ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁରୁଷବନ୍ଧୁଙ୍କ ସହ ବୁଲି ଯାଇଥିବା ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦିନ ଦି'ପହରେ ଦୁର୍ବୃତ୍ତମାନେ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ଆଖି ଆଗରେ ନାବାଳିକାକୁ ଗଣଦୁଷ୍କର୍ମ କରିଛନ୍ତି। ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ୧୦ ତାରିଖରେ ଏହି ବର୍ବର କାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

**୨ ଜଣ ଗିରଫ, ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ**

ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଆସିଥିଲେ। ପରେ ସେମାନେ ଲିଙ୍ଗିପୁର ନିକଟ ଦୟାନଦୀ କୂଳ ଦେଇ ଘରକୁ ଫେରୁଥିଲେ। ଏହି ▶ପୃଷ୍ଠା-୭

### ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ସଂଘବଦ୍ଧ ଆକ୍ରମଣ ଘଟଣା

# ୪ ଗିରଫ, ୪ ମାମଲା ରୁଜୁ

■ ଭୁବନେଶ୍ୱର/କବାଟବନ୍ଧ, ୧୫।୧୨ (ସମିସ): ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଗ୍ରାମ ନିକଟସ୍ଥ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସରେ ରବିବାର ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଅଶାନ୍ତ ହୋଇଛି ଧର୍ମଶାଳା ନିର୍ବାଚନମଣ୍ଡଳୀ। ଏହି ଘଟଣା ବିଧାୟକ ହିମାଂଶୁ ସାହୁଙ୍କ ପ୍ରରୋଚନାରେ ଘଟିଥିବା ଅଭିଯୋଗ କରି ବିଜେଡି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜଧାନୀରେ ଡିଜିଙ୍କ କ୍ୟାମ୍ପ ଅଫିସ ଘେରାଉ ସହ ଅହୋରାତ୍ର ଧାରଣା ଦେଇଛି। ଏହା ମଧ୍ୟରେ ସୋମବାର ବିଳମ୍ବିତ ସନ୍ଧ୍ୟାରେ ଜେନାପୁର ପୁଲିସ ୪ ଜଣଙ୍କୁ ଗିରଫ କରିଛି।

ଜେନାପୁର ଥାନାରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଦେଇଥିବା ସୂଚନା ଅନୁସାରେ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ଭଙ୍ଗାରୁଜା ଘଟଣାରେ ପୁଲିସ ନିଜ ଆଡ୍ରୁ ୪ ଗୋଟି ମାମଲା ରୁଜୁ କରିଛି ଓ ବିଭିନ୍ନ ସ୍ଥାନରୁ ୪ ଜଣଙ୍କୁ ଗିରଫ କରିଛି।





ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ କହିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଆଜି ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ବିଜେଡି ନେତାଙ୍କ ସହ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି ଆଲୋଚନା କରି ୨୪ ଘଣ୍ଟା

**ଡିଜି ଅଫିସ ସମ୍ମୁଖରେ ବିଜେଡିର ଧାରଣା**

**ଜେନାପୁର ଥାନା ଘେରିଲା ବିଜେପି**

ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପ୍ରଦାନ ସହ ଧାରଣାରୁ ଉଠିବାକୁ ଅନୁରୋଧ କରିଛନ୍ତି। ମାତ୍ର ଧର୍ମଶାଳାରେ ପୁଲିସ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ ଯେ ପର୍ଯ୍ୟନ୍ତ ସବୁ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପ୍ରଣବ ବଳବନ୍ତରାୟ କହିଛନ୍ତି। ଯାଜପୁର ପୁଲିସ ଓ ଜେନାପୁର ଥାନା ଉପରେ ତାଙ୍କର ଭରସା ନାହିଁ। ଏହା ପୂର୍ବରୁ ବହୁବାର ତାଙ୍କ ଉପରେ ଏବଂ ମହିଳା, ଯୁବ, ଛାତ୍ର ସମସ୍ତ କର୍ମୀ ଉପରେ ଏଭଳି ଆକ୍ରମଣ ହୋଇଛି। କିନ୍ତୁ ପୁଲିସ ସବୁ କ୍ଷେତ୍ରରେ ନିରବଦ୍ରଷ୍ଟା ସାଜିଥିବା ସେ କହିଛନ୍ତି।

ସେହିପରି ବିଧାୟକ ଡଃ. ଅରୁଣ ସାହୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବୋଲି କିଛି ନାହିଁ ଓ ତାଲିବାନୀ ଶାସନ ଚାଲିଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଆମେ ଧାରଣା ଦେବୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଞ୍ଜୟଦାସବର୍ମା, ରାଜେନ୍ଦ୍ର ସାହୁ, ପ୍ରୀତି ରଞ୍ଜନ ଘଡାଇ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ, ବରିଷ୍ଠ ନେତ୍ରୀ ଶର୍ମିଷ୍ଠା ସେଠୀ, ଛାତ୍ରବିଜେଡ଼ି ସଭାପତି ଇପ୍‌ସିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ▶ପୃଷ୍ଠା-୭





ସକାଳ THE SAKALA
www.sakalaepaper.com

## ରାଜ କୁମାର ଗୋୟଲ ମୁଖ୍ୟ ସୂଚନା କମିଶନର ନିଯୁକ୍ତ



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରାଜ କୁମାର ଗୋୟଲ ଦେଶର ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତ ହୋଇଛନ୍ତି। ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ତିନି ଜଣିଆ କମିଟି ତାଙ୍କ ନାମ ସୁପାରିସ କରିଥିଲେ। ଶ୍ରୀ ଗୋୟଲ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ, କେନ୍ଦ୍ରଶାସିତ ଅଞ୍ଚଳ (ଏଜିଏମୟୁଟି) କ୍ୟାଡରର ୧୯୯୦ ବ୍ୟାଚର ଆଇଏଏସ ଅଧିକାରୀ। ସେ ଗତ ଅଗଷ୍ଟ ୩୧ ତାରିଖରେ ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ ଅଧିନସ୍ଥ ନ୍ୟାୟ ବିଭାଗର ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ସେ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସଚିବ (ସୀମା ପରିଚାଳନା) ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କେନ୍ଦ୍ର ଏବଂ ଜମ୍ମୁ-କଶ୍ମୀରର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଥିଲେ।

## ସଙ୍ଗୀତା ବରୁଆ ପ୍ରେସ କ୍ଲବ ଅଫ୍ ଇଣ୍ଡିଆର ନୂଆ ଅଧ୍ୟକ୍ଷା



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବରିଷ୍ଠ ସାମ୍ବାଦିକା ସଙ୍ଗୀତା ବରୁଆ ପ୍ରସ୍ କ୍ଲବ ଅଫ ଇଣ୍ଡିଆ (ପିସିଆଇ) ର ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ୧୯୫୭ ଡିସେମ୍ବର ୨୦ରେ ପିସିଆଇ ପ୍ରତିଷ୍ଠା ହେବା ପରଠାରୁ ଏହି ପଦରେ ରହିଥିବା ସେ ପ୍ରଥମ ମହିଳା ହୋଇଛନ୍ତି। ପିସିଆଇର ବିଭିନ୍ନ ପଦପଦବୀ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗୀତାଙ୍କ ଟିମ୍ ସବୁ ପଦାଧିକାରୀ ଏବଂ ପରିଚାଳନା କମିଟିର ପଦବୀରେ ବିଜୟୀ ହୋଇଛି। ୨୧-୦ରେ ସେ କ୍ଲିନସ୍ୱିପ କରିଛନ୍ତି। ସଙ୍ଗୀତାଙ୍କୁ ମୋଟ ୧୦୧୯ ଭୋଟ ମିଳିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱି ଅତୁ ମିଶ୍ରା ୧୨୯ଟି ଏବଂ ଅରୁଣ ଶର୍ମା ୮୯ଟି ଭୋଟ ପାଇଥିଲେ। ସେହିପରି ଅଫଜଲ ଇମାମ କ୍ଲବ୍‌ର ସାଧାରଣ ସମ୍ପାଦକ, ଜତିନ ଗାନ୍ଧୀ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ଅଦିତି ରାଜପୁତ କୋଷାଧ୍ୟକ୍ଷ ଏବଂ ପିଆର ସୁନୀଲ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସଚିବ ହୋଇଛନ୍ତି।

## ଦୁର୍ଘଟଣାରେ ୨ ପୁଲିସ ଅଧିକାରୀଙ୍କ ସମେତ ୪ ମୃତ

ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ମୁମ୍ବଇ- ଦିଲ୍ଲୀ ଏକ୍ସପ୍ରେସୱେରେ ସୋମବାର ସକାଳେ ବଡ଼ ଦୁର୍ଘଟଣା ଘଟିଛି। ପାଖାପାଖି ୨୦ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛି। ସକାଳ ୫ଟାରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇଜଣ ପୁଲିସ ଅଧିକାରୀଙ୍କ ସମେତ ୪ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ୧୫ରୁ ୨୦ ଜଣ ଆହତ ହୋଇଛନ୍ତି। ଘନ କୁହୁଡି କାରଣରୁ ଦୃଶ୍ୟମାନ କ୍ଷମତା କମ୍ ଥିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ପ୍ରଥମ ଦୁଇଟି ଓଭରଲୋଡ ଡମ୍ଫର ଟ୍ରକ ପରସ୍ପରକୁ ଧକ୍କା ଦେଇଥିଲେ। ଏହାପରେ ଗୁଆ ବୋଝେଇ ଟ୍ରକ୍ ଓ ଅନ୍ୟଗାଡିଗୁଡିକ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ମୋଟ ଉପରେ ୨୦ରୁ ୨୫ ଗାଡ଼ି ଧକ୍କା ଦେବାରୁ ସିରିଜ ଦୁର୍ଘଟଣା ହୋଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ, ଆମ୍ବୁଲାନ୍ସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଏକାଧିକ ଲୋକ ଗୁରୁତର ଅଛନ୍ତି।


## ପିଓକେରେ ବୃଦ୍ଧି ପାଉଛି ଆତଙ୍କବାଦୀ କାର୍ଯ୍ୟକଳାପ

ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀ ଠିକଣା ତଥା ଭିତ୍ତିଭୂମି ବୃଦ୍ଧିପାଉଛି ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସିଗୁଡିକ ଅତି ନିକଟରୁ ନିରୀକ୍ଷଣ କରିଛନ୍ତି। ଏ ନେଇ ଏଜେନ୍ସିଗୁଡିକ ସତର୍କ କରାଇ ଦେଇଛନ୍ତି। ପିଓକେର ବିଭିନ୍ନ ଉପତ୍ୟକାରେ ଦ୍ୱୈତ-ବ୍ୟବହାର ସୁବିଧାଥିବା ଭିତ୍ତିଭୂମୀ ନର୍ମାଣ କରାଯାଉଛି ବୋଲି ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ନଭେମ୍ବର ପରଠାରୁ ଲସ୍କର-ଇ- ତୋଇବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛି। ଏହି ଆତଙ୍କବାଦୀ ସଂଗଠନ ସରଦା ଅଞ୍ଚଳରେ 'ଜାମିଆ ମସଜିଦ ଆଇବିଏନ୍ ତେମିଆ ୱା ମର୍କଜ' ନାମକ ଏକ ନୂଆ କେନ୍ଦ୍ର ମଧ୍ୟ ସ୍ଥାପନ କରିଛି। ସେହିପରି ଧିରକୋଟ, ବାଗ, ଖାଇଗାଲା, ରାୱଲକୋଟ, ପଲାଣ୍ଡ୍ରୀ ଓ ସୁଧାନୋଟିରେ ମଧ୍ୟ ନୂଆ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଅପରେସନ ସିନ୍ଦୂର ପରେ ପିଓକେରେ ଆତଙ୍କବାଦୀ ଠିକଣାଗୁଡିକ ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର ହେବା ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ପିଓକେରେ ନୂଆ ଭିତ୍ତିଭୂମି ନିର୍ମାଣ ଭାରତ ପାଇ ଚିନ୍ତା ସୃଷ୍ଟି କରିଛି।

## ୭ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ଜୋର୍ଡାନ ଗସ୍ତ

ନୂଆଦିଲ୍ଲୀ/ଅମ୍ମାନ, ୧୫ ।୧୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି। ଜୋର୍ଡାନ ପ୍ରଧାନମନ୍ତ୍ରୀ ଜାଫର ହସନ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। ହୋଟେଲରେ ପହଞ୍ଚିବା ପରେ ପ୍ରବାସୀ ଭରାତୀୟଙ୍କୁ ମୋଦୀ ଭେଟିଥିଲେ। ଏହି ଅବସରରେ ମୋଦୀଙ୍କ ସାମ୍ନାରେ କଳାକାରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜୋର୍ଡାନ ରାଜା ଅବଦୁଲ୍ଲାଙ୍କୁ ମୋଦୀ ହୁସେନିଆ ପ୍ୟାଲେସ୍‌ରେ ଭେଟିଛନ୍ତି। ଏଠାରେ ଉଭୟ ନେତା ଏବଂ ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

# ସିଡ୍‌ନୀ ଆକ୍ରମଣ ପଛରେ ପାକିସ୍ତାନୀ ବାପା-ପୁଅ



ସିଡନୀ, ୧୫ ।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ସିଡ୍‌ନୀର ବଣ୍ଡି ବିଚ୍‌ରେ ରବିବାର ହୋଇଥିବା ଆତଙ୍କବାଦୀ ଆକ୍ରମଣ ଗୋଟିଏ ଧର୍ମର ଦୁଇଟି ରୂପକୁ ଦର୍ଶାଇଛି। ଉଭୟ ଆକ୍ରମଣକାରୀ ଏବଂ ଆକ୍ରମଣକାରୀଙ୍କଠାରୁ ଲୋକଙ୍କୁ ସୁରକ୍ଷା ଦେଇଥିବା ବ୍ୟକ୍ତି ଇସଲାମ ଧର୍ମର। ଦୁଇ ଜଣ ଜୀବନ ନେଇଥିବାବେଳେ ଅନ୍ୟ ଜଣେ ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ପୁଲିସ ସୂଚନା ଅନୁଯାୟୀ, ଆକ୍ରମଣ କରିଥିବା ଦୁଇ ଆତଙ୍କବାଦୀ ବାପା ଓ ପୁଅ। ଉଭୟେ ପାକିସ୍ତାନ ବଂଶୋଦ୍ଭବ ବୋଲି ସନ୍ଦେହ କରାଯାଉଛି। ବାପାର ନାମ ସାଜିଦ ଆକ୍ରମ ଥିବାବେଳେ ପୁଅ ନବିଦ। ସେହିପରି ଲୋକଙ୍କ ଜୀବନ ବଞ୍ଚାଇ ଥିବା ବ୍ୟକ୍ତିଙ୍କ ନାମ ଅହମ୍ମଦ-ଅଲ-ଅହମ୍ମଦ ରହିଛି।

**ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି, ୪୫ରୁ ଊର୍ଦ୍ଧ୍ୱ ଆହତ**

ଏହି ଘଟଣାରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚି ଯାଇଛି। 'ହାନୁକା' ଉତ୍ସବ ପାଳନ ପାଇଁ ବେଳାଭୂମିକୁ ଯାଇଥିବା ଇହୁଦୀଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୦ ବର୍ଷୀୟ ସାଜିଦ ନିହତ ହୋଇଛି। ପୁଅ ନବିଦ ଆକ୍ରମ ପୁଲିସ ଗୁଳିରେ ଆହତ ହୋଇଛି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତା ଅବସ୍ଥା ଗୁରୁତର ଅଛି।

ଅଷ୍ଟ୍ରେଲିଆ ଗୃହମନ୍ତ୍ରୀ ଟୋନ ବର୍କ କହିଛନ୍ତି ଯେ, ସାଜିଦ ଆକ୍ରମ ୧୯୯୮ରୁ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଆସିଥିଲେ। ସେ ଅଷ୍ଟ୍ରେଲିଆ ମହିଳା ଭେରେନାଙ୍କୁ ବିବାହ କରି ନିଜ ଭିସାକୁ ପାର୍ଟନର ଭିସାରେ ପରିଣତ କରିଥିଲେ। ସେବେଠାରୁ ସେ ରେସିଡେଣ୍ଟ ରିଟର୍ଣ୍ଣ ଭିସାରେ ରହି ଆସୁଥିଲା। ଅର୍ଥାତ ସେ ଅଷ୍ଟ୍ରେଲିଆର ନାଗରିକ ନ ଥିଲେ, ପାକିସ୍ତାନରୁ ଆସିଥିଲା। ଆକ୍ରମରୁ ପୁଅ ନଭିଦ ୨୦୦୧ରେ ଜନ୍ମଗ୍ରହଣ କରିଥିଲା। ସେ ଅଷ୍ଟ୍ରେଲୀୟ ନାଗରିକ। ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଦୁହେଁ ଆକ୍ରମଣ କରିଥିଲେ। ସାଜିଦ ଆଇନଗତ ଭାବେ ୬ଟି ବନ୍ଧୁକ ରଖିଥିଲା। ଘରେ ମାଛ ଧରିବାକୁ ଯାଉଛୁ ବୋଲି କହି ବାପା ଓ ପୁଅ ଏହି ଜଘନ୍ୟ କାଣ୍ଡ ଘଟାଇଥିଲେ। ଆକ୍ରମଣ ପରେ ପୁଲିସ ଆକ୍ରମର ଘରେ ଚଢ଼ାଉ କରିଥିଲା। ତା'ର ଏକ ଫଳ ଦୋକାନ ଥିଲା ବୋଲି ପୁଲିସ କହିଛି।

## ଆତଙ୍କବାଦୀ ସହ ଲଢ଼ିଥିବା ଅହମ୍ମଦ କିଏ



ସିଡନୀ, ୧୫ ।୧୨(ଏଜେନ୍ସି): ବଣ୍ଡି ବିଚ୍ ଅଗ୍ନିକାଣ୍ଡରେ ଦୁଇ ବାପ-ପୁଅ ଆତଙ୍କବାଦୀ ସହ ଖାଲି ହାତରେ ଲଢ଼େଇ କରିଥିବା ଅହମ୍ମଦ ଅଲ-ଅହମ୍ମଦଙ୍କୁ ସବୁଠି ପ୍ରଶଂସା କରାଯାଉଛି। ନିଜ ଜୀବନକୁ ବାଜି ଲଗାଇ ୪୪ ବର୍ଷୀୟ ଅହମ୍ମଦ ଅନେକ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏବେ ସେ ଅଷ୍ଟ୍ରେଲିଆରେ ହିରୋ ପାଲଟି ଯାଇଛନ୍ତି। ଆଖିବୁଜା ଗୁଳି ଚଳାଉଥିବା ସାଜିଦ ଆକ୍ରମକୁ ସେ ଖାଲି ହାତରେ କାବୁ କରିବାକୁ ପ୍ରୟାସ କରିଥିଲେ। ପଛଆଡୁ କୁଦି ପଡ଼ି ସେ ଆକ୍ରମଠାରୁ ରାଇଫଲ୍ ଛଡ଼ାଇ ନେଇଥିଲେ। ଫଳରେ ଘଟଣାସ୍ଥଳରୁ ବହୁ ଲୋକ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ନ ହେଲେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଲୋକେ ଏବେ ଅହମ୍ମଦଙ୍କୁ ଅଷ୍ଟ୍ରେଲିଆର ହିରୋ ବୋଲି ବିବେଚିନା କରୁଛନ୍ତି। ଆକ୍ରମକୁ ଧକ୍କା ଦେଇ ତଳେ ପକାଇଦେଇଥିଲେ ମଧ୍ୟ ତା ପୁଅ ପଛପଟୁ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଏତିଯୋଗୁଁ ଅହମ୍ମଦଙ୍କ ବାମ କାନ୍ଧରେ ଦୁଇଟି ଗୁଳି ବାଜିଥିଲା। ତେଣୁ ସେ ଚେତା ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଯଦି ଆବଶ୍ୟକ ପଡେ ପୁଣିଥରେ ଆତଙ୍କବାଦୀଙ୍କ ସହ ଲଢ଼ିବି ବୋଲି ସେ କହିଛନ୍ତି। ଅହମ୍ମଦ ଯେତେବେଳେ ଆତଙ୍କବାଦୀଙ୍କ ସହ ଲଢ଼ିବାକୁ ଯାଉଥିଲେ, ସେତେବେଳେ ଭାଇ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। ସେ ନିଜ ଭାଇଙ୍କୁ କହିଥିଲେ ଯେ ଯଦି ମୋର କିଛି ହୋଇଯାଏ ତେବେ ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ଜୀବନ ଦେଇଥିବା ପରିବାର ସଦସ୍ୟଙ୍କୁ କହିବ। ପ୍ରକୃତରେ ଅହମ୍ମଦ ନିଜ ସମ୍ପର୍କୀୟ ଭାଇ ଜୋଜାୟ ଅଲକଞ୍ଜଙ୍କ ସହ ହନୁକା ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ଦୁଇଜଣ କଫି ପିଇବାକୁ ବାହାରକୁ ଯାଇଥିଲେ। କିନ୍ତୁ କିଛି ମିନିଟ୍ ମଧ୍ୟରେ ଆଖିବୁଜା ଗୁଳିମାଡ ହୋଇଥିଲା। ଦୁଇଜଣ ଲୋକ ଭିଡ଼ ଉପରକୁ ଗୁଳି ଚଳାଉଥିବାର ସେ ଦେଖିଥିଲେ। ସେତେବେଳେ ଚିତ୍କାର କରି ଲୋକେ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିଲେ। ଦୁହେଁ ଏତିକିବେଳେ କାର୍ ପଛପଟେ ଲୁଚିଥିଲେ। ଏହାପରେ ସୁବିଧା ଦେଖି ସେ ଆକ୍ରମକୁ ପଛପଟୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଅହମ୍ମଦଙ୍କୁ ବନ୍ଧୁକ ଚଳାଇବା ଆସୁ ନ ଥିଲା। ଏହି କାରଣରୁ ବନ୍ଧୁକ ଚଳାଇ ନ ଥିଲେ ବୋଲି ଜୋଜାୟ କହିଛନ୍ତି। ଉଲ୍ଲେଖଥାଉ କି, ଅହମ୍ମଦ ମୂଳତଃ ସିରିଆର ନାଗରିକ। କିନ୍ତୁ ସେଠାରେ ଗୃହଯୁଦ୍ଧ କାରଣରୁ ସିରିଆ ଛାଡି ୨୦୦୬ରେ ଅଷ୍ଟ୍ରେଲିଆ ଚାଲିଆସିଥିଲେ। ତାଙ୍କର ୫ ଓ ୬ ବର୍ଷରୁ ଦୁଇ ଝିଅ ଅଛନ୍ତି। ତେବେ ତାଙ୍କୁ ୨୦୨୨ରେ ଅଷ୍ଟ୍ରେଲୀୟ ନାଗରିକତା ମିଳିଥିଲା।



## ପହଲଗାମ୍ ହମ୍‌ଲା: ଏନ୍‌ଆଇଏ ଚାର୍ଜସିଟ୍‌ରେ ପାକ୍ ଆତଙ୍କବାଦୀ ସଂଗଠନ ଓ ୫ ଅଭିଯୁକ୍ତ



ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଜମ୍ମୁର ସ୍ୱତନ୍ତ୍ର କୋର୍ଟରେ ୧, ୩୦୦ ପୃଷ୍ଠାର ଚାର୍ଜସିଟ୍ (ଆରୋପପତ୍ର) ଦାଖଲ କରିଛି। ଏଥିରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଏବଂ ୫ ଅଭିଯୁକ୍ତଙ୍କ ନାମ ରହିଛି। ଏଥିରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ଛାମୁଆ ସଂଗଠନ ଦ ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ), ସାଜିଦ ଜାଟ, ଫୈସଲ ସୁଲେମାନ ଶାହା ଓରଫ ସୁଲେମାନ ଶାହା, ହବିବ ତାହିର ଓରଫ ଜିବରାନ ଓ ହାମଜା ଆଫଗାନିର ନାମ ରହିଛି। ଜୁଲାଇ ୨୨ରେ ପହଲଗାମଠାରୁ ୬ କିମି ଦୂରରେ ବ୍ୟାସରଣ ଉପତ୍ୟକାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବା ବେଳେ ୧୬ଜଣ ଆହତ ହୋଇଥିଲେ। ଆତଙ୍କାବାଦୀମାନେ ଧର୍ମ ପଚାରି ଲୋକଙ୍କୁ ଗୁଳି ମାରିଥିଲେ। ମିଳିଥିବା ସୂଚନା ଅନୁସାରେ ସାଜିଦ ଜାଟ ପାକିସ୍ତାନରେ ରହୁଛି। ସେ ଏଲଇଟିର ଅପରେସନ ମୁଖ୍ୟ ରହିଛି। ସାଜିଦ ହିଁ ପହଲଗାମ ଆକ୍ରମଣ ପାଇଁ ଅନ୍ୟ ଦୁଇଜଣଙ୍କୁ ଦାୟିତ୍ୱ ଦେଇଥିଲା। ସେ ଏହି ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ। ଜୁଲାଇ ୨୬ରେ ସୁରକ୍ଷା ବାହିନୀ ଶ୍ରୀନଗରର ହରୱାନ ଜଙ୍ଗଲରେ 'ଅପରେସନ ମହାଦେବ' ଚଳାଇଥିଲା। ଏଥିରେ ପହଲଗାମ ଆକ୍ରମଣରେ ସାମିଲଥିବା ଉଭୟ ଆତଙ୍କବାଦୀ ହାସିମ ମୁସା ସାମିଲ ଥିଲା। ଏବେ ଏ ନେଇ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଏବେ କୋର୍ଟରେ ହିଁ କିଏ ଦୋଷୀ ଓ ନିର୍ଦ୍ଦୋଶ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣର ଦୁଇମାସ ପରେ ଜୁନ୍ ୨୩ରେ ଆତଙ୍କବାଦୀଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇଜଣଙ୍କୁ ଏନ୍‌ଆଇଏ ଗିରଫ କରିଥିଲା। ଜୁଲାଇ ୨୮ ରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସମେତ ୩ ଆତଙ୍କବାଦୀ ନିହତ ହୋଇଥିଲେ। ପହଲଗାମ ଆକ୍ରମଣର ଜବାବରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା ଏବଂ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରି ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରିଥିଲା।

## ପ୍ରିୟଙ୍କା ଭଦ୍ରା-ପ୍ରଶାନ୍ତ କିଶୋରଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ କଂଗ୍ରେସର ରାଜନୈତିକ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ଖୋରାକ ଯୋଗାଇଛନ୍ତି ନିର୍ବାଚନ ରଣନୀତିକାର ତଥା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର। ସେ ଗତ ସପ୍ତାହରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦-ଜନପଥ ସ୍ଥିତ ବାସଭବନକୁ ଯାଇଥିଲେ। ଏଠାରେ ସୋନିଆଙ୍କ ଝିଅ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ପ୍ରଶାନ୍ତ ଏବଂ ପ୍ରିୟାଙ୍କାଙ୍କ ମଧ୍ୟରେ ଏଠାରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରୁଦ୍ଧ ଦ୍ୱାର ବୈଠକ ହୋଇଥିଲା। ତେବେ ଉଭୟଙ୍କ ମଧ୍ୟରେ କି ଆଲୋଚନା ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମାତ୍ର ଏହି ସାକ୍ଷାତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସରଗରମ ହୋଇ ଉଠିଛି।

ଏହି ସାକ୍ଷାତକୁ ନେଇ ଉଭୟେ ପ୍ରିୟଙ୍କା ଏବଂ ପ୍ରଶାନ୍ତ ଚୁପ୍ ରହିଛନ୍ତି। କୌଣସି ବୈଠକ ହୋଇ ନଥିବା ପ୍ରଶାନ୍ତ କହିଥିବାବେଳେ ମୁଁ କାହା ସହ ମିଶୁଛି ତାହା ଜାଣିବା ପାଇଁ କେହି ଚାହାନ୍ତି ନାହିଁ ବୋଲି ପ୍ରିୟଙ୍କା କହିଥିଲେ। ମାତ୍ର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିହାର ଏବଂ ଦେଶରେ ବିରୋଧୀଙ୍କ ରାଜନୀତି ଉପରେ ଉଭୟେ ଚର୍ଚ୍ଚା କରିଥିଲେ। ଅନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଉଛି। ଉତ୍ତର ପ୍ରଦେଶ ରାଜନୀତି ମଧ୍ୟ ଏହି ଚର୍ଚ୍ଚାର ଏଜେଣ୍ଡାରେ ଥିଲା ବୋଲି କୁହାଯାଉଛି। ୨୦୨୬ ଏବଂ ୨୦୨୭ରେ ୧୨ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ କଂଗ୍ରେସକୁ ସବୁ ରାଜ୍ୟରେ ମଜବୁତ କରିବାର ରଣନୀତି ନେଇ ଚର୍ଚ୍ଚା କରିଥିଲେ। ଜାତୀୟସ୍ତରରେ ପ୍ରଶାନ୍ତଙ୍କ ପ୍ରଦର୍ଶନ ଭଲ ରହିଛି ବୋଲି କଂଗ୍ରେସର ଏକ ଗୋଷ୍ଠୀ ଭାବୁଛନ୍ତି। ସେମାନେ ପ୍ରଶାନ୍ତଙ୍କୁ ରଣନୀତିରେ ସାମିଲ କରିବାକୁ ଚାହୁଁଛନ୍ତି। କଂଗ୍ରେସକୁ ନିଜ ସାମର୍ଥ୍ୟରେ ମଜବୁତ ହେବାକୁ ପଡ଼ିବ। ଏଥିପାଇଁ ବଡ଼ ରାଜ୍ୟ ପାଇଁ ମଜବୁତ ରଣନୀତିକାରର ଆବଶ୍ୟକତା ରହିଛି। ସେହିପରି କଂଗ୍ରେସ ଏଥର ବିଭିନ୍ନ ରାଜ୍ୟରେ ନିଜ ଦମରେ ଲଢ଼ିବା ପାଇଁ ଚାହୁଁଥିବା କୁହାଯାଉଛି।

## ୩ ଝିଅଙ୍କୁ ମାରି ବାପାର ଆତ୍ମହତ୍ୟା

ପାଟନା, ୧୫।୧୨ (ଏଜେନ୍ସି):ବିହାର ମୁଜାଫରପୁରର ମିସରୌଲିଆ ଗ୍ରାମରୁ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ବାପ ନିଜର ତିନି ଝିଅକୁ ଦଉଡ଼ିରେ ଟାଣି ମାରିବା ପରେ ନିଜେ ଆତ୍ମହତ୍ୟା କରିଛି। ମୃତ ବାପାର ନାମ ଅମରନାଥ ରାମ। ସେ ନିଜ ୫ ସନ୍ତାନକୁ ମାରିବାକୁ ପ୍ରୟାସ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ଦୁଇ ପୁଅ ବଞ୍ଚି ଯାଇଛନ୍ତି। ବାପା ଏପରି କାହିଁକି କଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ପୁଲିସ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅମରନାଥଙ୍କ ସ୍ତ୍ରୀ ବର୍ଷେ ତଳେ ପ୍ରାଣ ହରାଇ ଥିଲେ। ସ୍ତ୍ରୀ ମୃତ୍ୟୁ ପରେ ସ୍ୱାମୀ ଝିଅ ଅନୁରାଧା (୧୨), ଶିବାନୀ (୭), ରାଧିକା (୬), ପୁଅ ଶିବମ (୬) ଏବଂ ଚନ୍ଦନ ସହ ରହୁଥିଲେ। ଏହି ହତ୍ୟାକାଣ୍ଡ ପଛରେ ଅନେକ କାରଣ ଥିବା କୁହାଯାଉଛି। ତେବେ ପୁଲିସ କିଛି ସ୍ପଷ୍ଟ କରିନାହିଁ। ସ୍ଥାନୀୟ ଅଧିବାସୀଙ୍କ ଅନୁଯାୟୀ, ପତ୍ନୀ ମୃତ୍ୟୁ ପରେ ପିଲାଙ୍କୁ ପାଳିବା ପାଇଁ ବାପା ସଂଘର୍ଷ କରୁଥିଲେ। ଆଉ କିଛି କହିଛନ୍ତି ଯେ ଅମରନାଥ ଏକ ଘରୋଇ ଫାଇନାନ୍ସ କମ୍ପାନୀଠାରୁ ଋଣ ଆଣିଥିଲେ। ଏହା ସୁଝିବା ପାଇଁ କମ୍ପାନୀ ବାରମ୍ବାର ଚାପ ପକାଉ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରୋଷେଇ ଘରେ ଅଣ୍ଡା ଖୋଳ ଥିଲା। ମାରିବା ପୂର୍ବରୁ ରୋଷେଇ କରି ଅମରନାଥ ପିଲାଙ୍କୁ ଖାଇବାକୁ ଦେଇଥିଲେ ଏବଂ ଏକ ଟ୍ରଙ୍କ ଉପରେ ଠିଆ ହେବାକୁ କହିଥିଲା। ମୃତ ପତ୍ନୀଙ୍କ ଏକ ଶାଢୀ ଆଣି ସମସ୍ତଙ୍କ ବେକରେ ଫାସ ପକାଇ ଥିଲେ ଏବଂ ଗୋଟିଏ ପଟକୁ ନିଜ ବେକରେ ବାନ୍ଧି ଥିଲେ। ପରେ ସମସ୍ତଙ୍କୁ ତଳକୁ ଡେଇଁବାକୁ କହିଥିଲା ଏବଂ ନିଜେ ମଧ୍ୟ ସେଭଳି କରିଥିଲା। ତେବେ ଦୁଇ ପୁଅ ଟ୍ରଙ୍କ ନ ଡେଇଁବାରୁ ବଞ୍ଚି ଯାଇଥିଲେ। ଅନ୍ୟମାନେ ଏଥିରେ ପ୍ରାଣ ହରାଇଥିଲେ। ୬ ବର୍ଷୀୟ ପୁଅ ଶିବମ କହିଛି ଯେ, ମୋବାଇଲରେ ଖେଳୁଥିବାବେଳେ ବାପା ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଆସିବାକୁ କହିଥିଲେ। ଏହା ପରେ ବାପା ବେକରେ ଫାଶ ପକାଇ ଦେଇଥିଲେ।

### ଆଇପିଏସ ପୁରନଙ୍କ ଆତ୍ମହତ୍ୟା ମାମଲା

## ହଟିଲେ ହରିୟାଣା ଡିଜିପି ଶତ୍ରୁଜିତ କପୁର

ପଞ୍ଚକୁଲା, ୧୫।୧୨ (ଏଜେନ୍ସି): ଆଇପିଏସ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟାକୁ ନେଇ ବିବାଦରେ ଥିବା ହରିୟାଣା ଡିଜିପି ଶତ୍ରୁଜିତ କପୁରଙ୍କୁ ସରକାର ପଦରୁ ହଟାଇ ଦେଇଛନ୍ତି। ଦୁଇ ମାସ ହେଲା ଛୁଟିରେ ପଠା ଯାଇଥିବା ଏହି ଅଧିକାରୀଙ୍କ ପାଖରେ ଏବେ କେବଳ ପୁଲିସ ହାଉସିଂ କର୍ପୋରେସନର ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଓପି ସିଂହଙ୍କୁ କାର୍ଯ୍ୟାନିର୍ବାହୀ ଡିଜିପି ନିଯୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ଅକ୍ଟୋବର ୭ ତାରିଖରେ ଆଇପିଏସ ପୁରନ କୁମାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପୂର୍ବତନ ଡିଜିପି ଶତ୍ରୁଜିତ କପୁରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ବିରୋଧରେ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ପୂରନଙ୍କ ଆଇଏଏସ ପତ୍ନୀ ଡିଜିପିଙ୍କୁ ହଟାଇବା ପାଇଁ ଦାବି କରିଥିଲେ। ବିବାଦ ବଢ଼ିବାରୁ ଅକ୍ଟୋବର ୧୪ରେ କପୁରଙ୍କୁ ୨ ମାସ ପାଇଁ ଛୁଟିରେ ପଠାଇ ଦିଆଯାଇଥିଲା। ଶନିବାର ଏହି ଅବଧି ଶେଷ ହୋଇଥିଲା। ଅନ୍ୟପଟେ ଓପି ସିଂହଙ୍କ ଡିସେମ୍ବର ୩୧ରେ ଅବସର ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ନୂଆ ଡିଜିପି ନିଯୁକ୍ତି କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ ୫ ଅଧିକାରୀଙ୍କ ନାମ ୟୁପିଏସସି ପାଖକୁ ପଠା ଯାଇଥିଲା। ତେବେ ଶତ୍ରୁଜିତ ଏବେ ବି ପଦରେ ଅଛନ୍ତି ଏବଂ କାର୍ଯ୍ୟକାଳ ଶେଷ ହୋଇନାହିଁ କହି ୟୁପିଏସସି ଏହାକୁ ଫେରାଇ ଦେଇଥିଲା।

# ଭଗବାନଙ୍କୁ ବି ଶାନ୍ତିରେ ଶୋଇବାକୁ ଦେଉନାହାନ୍ତି

**■ ସୁପ୍ରିମକୋର୍ଟରେ ବାଙ୍କେ ବିହାରୀଙ୍କ ଦର୍ଶନ ମାମଲା**
**■ ପରିଚାଳନା କମିଟିକୁ ନୋଟିସ୍**
**■ ଟଙ୍କା ଦେଇ ସ୍ୱତନ୍ତ୍ର ପୂଜା କରାଉଛନ୍ତି ଭିଆଇପି**



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ବାଙ୍କେ ବିହାରୀ ମନ୍ଦିରରେ ଦର୍ଶନ ଅବଧି ବଢ଼ାଇବା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଟଙ୍କା ନେଇ ମନ୍ଦିରରେ ଭିଆଇପିଙ୍କୁ 'ସ୍ୱତନ୍ତ୍ର ପୂଜା' କରାଇବାର ବ୍ୟବସ୍ଥାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ସମାଲୋଚନା କରିଛନ୍ତି। କଡ଼ା ଟିପ୍ପଣୀ ଦେଇ କହିଛନ୍ତି ଯେ ଅପରାହ୍ଣରେ ମନ୍ଦିର ବନ୍ଦ କରିବା ପରେ ଭଗବାନଙ୍କୁ ବି ଶାନ୍ତିରେ ଶୋଇବାକୁ ଦିଆଯାଉ ନାହିଁ। ଭଗବାନଙ୍କୁ ଗୋଟିଏ ମିନିଟ ବି ବିଶ୍ରାମ ନେବାକୁ ଦେଉନାହାନ୍ତି। ଏହି ସମୟରେ ବେଶୀ ସମସ୍ୟା ସୃଷ୍ଟି ହେଉଛି ଏବଂ ଶୋଷଣ କରାଯାଉଛି। ବାଙ୍କେ ବିହାରୀ ମନ୍ଦିରର ଗୋସ୍ୱାମୀ ସମ୍ପ୍ରଦାୟ ପକ୍ଷରୁ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସେପ୍ଟେମ୍ବର ୧୨ ତାରିଖରେ ହୋଇଥିବା ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଦର୍ଶନ ସମୟ ଦୈନିକ ଅଢେଇ ଘଣ୍ଟା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଆବେଦନରେ ବିରୋଧ କରାଯାଇଛି।

ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଦର୍ଶନ ସମୟକୁ ବଦଳା ଯାଇପାରିବ ନାହିଁ। ଏଥିପାଇଁ ମନ୍ଦିରର ସବୁ ବିଧିବିଧାନର ସମୟ ମଧ୍ୟ ବଦଳୁଛି। ବିଶ୍ରାମ ନେବା ପାଇଁ ଭଗବାନଙ୍କ ସ୍ୱତନ୍ତ୍ର ସମୟ ରହିଛି। ଏହି ଅବଧିରେ ଦଖଲ ଦିଆଯାଇପାରିବ ନାହିଁ। ଭଗବାନ ବିଶ୍ରାମ ନେଉଥିବା ସମୟରେ ତାଙ୍କୁ ଆରାମ କରିବାକୁ ବି ଦିଆଯାଉନି। ସେହି ସମୟରେ ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ନ ଥାଏ। ମାତ୍ର ପ୍ରଭାବଶାଳୀ ଲୋକେ ବିପୁଳ ଅର୍ଥ ଦେଇ ସ୍ୱତନ୍ତ୍ର ପୂଜା କରିପାରୁଛନ୍ତି। ସେମାନଙ୍କୁ ଏଥିପାଇଁ ଅନୁମତି ଦିଆଯାଉଛି। ମନ୍ଦିରର ଦର୍ଶନ ସମୟ ପରିବର୍ତ୍ତନ, କିଛି ପାରମ୍ପରିକ ଧାର୍ମିକ ପୂଜା ରୋକିବାକୁ ନେଇ କୋର୍ଟ ବାଙ୍କେ ବିହାରୀ ମନ୍ଦିରର ପରିଚାଳନା କମିଟିକୁ ଜବାବ ମାଗିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଜାନୁଆରୀ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟ ଅଗଷ୍ଟରେ ମନ୍ଦିର ପ୍ରଶାସନକୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପର୍ଯ୍ୟବେକ୍ଷଣରେ ରଖିଥିଲେ।

ସେବାୟତଙ୍କ ଓକିଲ କହିଥିଲେ ଯେ ପୂଜା ସମୟ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏହାକୁ କଠୋରତାର ସହ ପାଳନ କରାଯାଉଛି। ପୂଜା ସମୟକୁ କେବଳ ପ୍ରାଶାସନିକ ପ୍ରସଙ୍ଗ ଧରାଯାଇପାରିବ ନାହିଁ। କାରଣ ଏହା ପୁରୁଣା ପରମ୍ପରା ସହ ଜଡ଼ିତ। ଏହା ଉପରେ ସିଜେଆଇ କଡ଼ା ଟିପ୍ପଣୀ ଦେଇଥିଲେ। ଭଗବାନଙ୍କ ବିଶ୍ରାମ ସମୟରେ କାହାକୁ ବି ସ୍ୱତନ୍ତ୍ର ଦର୍ଶନ ଅନୁମତି ଦେବା ଅନୁଚିତ ବୋଲି କହିଥିଲେ।

## ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

### ରାତି ୨ରେ ଫିଟିବ ଦ୍ୱାର, ଭୋର ସାଢେ ୫ରେ ପହିଲି ଭୋଗ

ପୁରୀ,୧୫।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି । ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ । ଗତ ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତିକୁ ଅନୁମୋଦନ ମିଳିଛି । ପହିଲି ଭୋଗ ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାରଫିଟା, ଭିତର ଶୋଧ ୨ଟା ୩୦, ୩ଟାରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ । ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ । ସକାଳ ୬ଟା ୩୦ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ୮ଟା ୨୦ରୁ ୧୦ଟା ଭୋଗମଣ୍ଡପ, ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୭ଟା ୪୫ରୁ ୯ଟା ୩୦ ଦ୍ୱିତୀୟ ଭୋଗମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ । ଅପରାହ୍ଣ ୫ଟାରେ ସନ୍ଧ୍ୟା ଆଳତି, ୬ଟା ୩୦ରୁ ରାତି ୮ଟା ସନ୍ଧ୍ୟାଧୂପ, ୯ଟାରେ ଚନ୍ଦନଲାଗି, ୧୦ଟାରେ ବଡ଼ସିଂହାର ବେଶ, ୧୦ଟା ୩୦ ବଡ଼ସିଂହାର ଭୋଗ ଏବଂ ୧୧ଟାରେ ରାତ୍ରପହୁଡ଼ ନୀତି ସମ୍ପନ୍ନ ଲାଗି ନୀତି ନିର୍ଘଣ୍ଟ ହୋଇଛି ।



## ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ଡିମାଣ୍ଡକୁ ନେଇ ବଢୁଛି ବିବାଦ

- ଡିମାଣ୍ଡ ନୋଟିସ ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍ ଦ୍ୱାରା ପରିଚାଳିତ: ଟିପିସିଓଡିଏଲ
- ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛିକି ନାହିଁ ପ୍ରତିବର୍ଷ ହୁଏ ସମୀକ୍ଷା, ଜମା ଅଧିକ ଥିଲେ କମ୍ପାନୀ କରିବ ଟଙ୍କା ଫେରସ୍ତ
- ସ୍ପଷ୍ଟୀକରଣ ଉପରେ ଶକ୍ତି ସମୀକ୍ଷକଙ୍କ ମତ, ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ଟାଟାର ଇଚ୍ଛାଧିନ ବ୍ୟାପାର
- ୪ ବର୍ଷ ହେଲାଣି ବଢ଼ିନି ବିଜୁଳି ଦର, କମ୍ପାନୀ କାହିଁକି କଲା ସୁରକ୍ଷା ଜମା ସମୀକ୍ଷା

ଭୁବନେଶ୍ୱର,୧୫।୧୨(ସମିସ): ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ନିକଟରୁ ଅତିରିକ୍ତ ସୁରକ୍ଷା ଜମା ବାବଦରେ ଅତିରିକ୍ତ ଦେୟ ଦାଖଲ ପାଇଁ ନୋଟିସକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏପରିକି ୪ ବର୍ଷ ଧରି ବିଜୁଳି ଦର ବୃଦ୍ଧି କରାଯାଇ ନ ଥିବା ବେଳେ, କମ୍ପାନୀ କାହିଁକି ସୁରକ୍ଷା ଜମା ସମୀକ୍ଷା କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅତିରିକ୍ତ ଜମାକୁ ନେଇ ଗ୍ରାହକଙ୍କ ଅସନ୍ତୋଷ ପ୍ରରିପେକ୍ଷୀରେ ସ୍ପଷ୍ଟୀକରଣ ରଖିଛି ଟିପିସିଓଡିଏଲ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ) । କିଛି ଉପଭୋକ୍ତାଙ୍କୁ ଜାରି କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଡିମାଣ୍ଡ ନୋଟିସ୍ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ ଦ୍ୱାରା ପରିଚାଳିତ ଅଟେ । ଏହା ଏକ ବାଧ୍ୟତାମୂଳକ ବାର୍ଷିକ ବୈଧାନିକ ଅନୁପାଳନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଅପରପକ୍ଷେ ଟାଟା ପାୱାରର ଉପରୋକ୍ତ ସ୍ପଷ୍ଟୀକରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ । ଓଡ଼ିଶା ବିଦ୍ୟୁତ୍ ଆୟୋଗ ଜାରି କରିଥିବା ଅଧିନିୟମ ଧାରା ୫୨, ୫୩, ୫୪ ଓ ୫୫ ଅନୁସାରେ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ । ଏହା ଟାଟାର ଇଚ୍ଛାଧିନ ବ୍ୟାପାର ବୋଲି ଶକ୍ତି ସମୀକ୍ଷକମାନେ ଦାବି କରିଛନ୍ତି ।

ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ ଅଟେ । ଏହି ଆଇନ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବାବଦରେ ଉପଭୋକ୍ତାଙ୍କଠାରୁ ଉପଯୁକ୍ତ ସୁରକ୍ଷା ରାଶି ଦାବି କରିବାକୁ କ୍ଷମତା ପ୍ରଦାନ କରେ । ଏହି ଆଇନକୁ ଆଧାର କରି ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ର ନିୟମାବଳୀ ୫୨, ୫୩, ୫୪ ଏବଂ ୫୫ ପ୍ରଣୟନ କରିଛନ୍ତି, ଯାହା ଏହି ପ୍ରକ୍ରିୟାକୁ କଠୋର ଭାବରେ ନିୟନ୍ତ୍ରଣ କରିଥାଏ । ନିୟମାବଳୀ ୫୩ ଅନୁଯାୟୀ ଉପଭୋକ୍ତାଙ୍କ ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛି କି ନାହିଁ ତାହା ପ୍ରତି ବର୍ଷ ସମୀକ୍ଷା କରାଯାଏ । ଏହି ସମୀକ୍ଷା ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ଉପଭୋକ୍ତାଙ୍କ ହାରାହାରି ବିଦ୍ୟୁତ୍ ବ୍ୟବହାର ଉପରେ ଆଧାରିତ । ଟିପିସିଓଡିଏଲ ଆହୁରି ମଧ୍ୟ କହିଛି ଯେ ଯଦି ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ତେବେ ପୂର୍ବରୁ ଥିବା ସୁରକ୍ଷା ଜମା (୨ ମାସର ବିଲିଂ ପାଇଁ ଗଣନା କରାଯାଇଥିବା) କମ୍ ପଡିଥାଏ । ତେଣୁ ଉପଭୋକ୍ତାଙ୍କୁ ଏହି ପାର୍ଥକ୍ୟ ରାଶିକୁ ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଭାବରେ ପୈଠ କରିବାକୁ ପଡିଥାଏ । ଅନ୍ୟ ପକ୍ଷରେ, ଯେଉଁ ଉପଭୋକ୍ତା ମାନଙ୍କର ବିଦ୍ୟୁତ୍ ବ୍ୟବହାର ୨୦୨୪-୨୫ ଆର୍ଥିକ ବର୍ଷରେ ହ୍ରାସ ପାଇଛି ଏବଂ ଫଳସ୍ୱରୂପ ସୁରକ୍ଷା ଜମା ଅଧିକ (ଆବଶ୍ୟକ ରାଶିର ୧୦%ରୁ ଅଧିକ) ରହିଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଆଡଜଷ୍ଟମେଣ୍ଟ ମାଧ୍ୟମରେ ଅତିରିକ୍ତ ରାଶି ଫେରସ୍ତ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି କମ୍ପାନୀ ସ୍ପଷ୍ଟ କରିଛି ।

ଅପରପକ୍ଷେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ, ଏହା ଟାଟାର ଇଚ୍ଛାଧିନ ବ୍ୟାପାର । ଆୟୋଗଙ୍କ ଅଧିନିୟମ ଅନୁସାରେ ଯେଉଁ ବର୍ଷ ଆୟୋଗ ଟାରିଫ୍ ବୃଦ୍ଧି କରିବେ ତାର ପରବର୍ଷ ବିତରଣ କମ୍ପାନୀ ନିଜ ପାଖରେ ଗଚ୍ଛିତ ଥିବା ସୁରକ୍ଷା ଜମାଟଙ୍କାକୁ ସମୀକ୍ଷା କରିବ । ଏଥିପାଇଁ ଉପଭୋକ୍ତାର ପୂର୍ବବର୍ଷରେ ବ୍ୟବହାର କରିଥିବା ବିଦ୍ୟୁତ୍ ପରିମାଣର ଦୁଇ ମାସର ହାରାହାରି ବ୍ୟବହାର ନିର୍ଣ୍ଣୟ କରି ସୁରକ୍ଷା ଜମାଟଙ୍କା ହିସାବ କରନ୍ତି । ଯଦି ଅକଳିତ ସୁରକ୍ଷା ଜମା ଗଚ୍ଛିତ ଥିବା ସୁରକ୍ଷା ଜମାର ୧୦% ଠାରୁ ଅଧିକ ହୁଏ, ତେବେ ବିତରଣ କମ୍ପାନୀ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବେ । ଆୟୋଗ ଏପରି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଗତ ଚାରି ବର୍ଷ ଧରି ରାଜ୍ୟରେ ଟାରିଫ ବୃଦ୍ଧି ହୋଇନାହିଁ । ଏପରିସ୍ଥଳେ କେଉଁ କାରଣରୁ ବିତରଣ କମ୍ପାନୀ ସୁରକ୍ଷା ଜମା ସମୀକ୍ଷା କଲେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତବର୍ଷ ବିବାଦୀୟ ଭାବେ ଟାଟା ଅଧିକ ଆଦାୟ କରିଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କାକୁ ନେଇ ଦାୟର ମାମଲା ଆୟୋଗଙ୍କ ବିଚାରାଧୀନ ଥିବାବେଳେ ଓ ଟାଟା ତାହାକୁ ଫେରସ୍ତ ନକରି ପୁଣି ଚଳିତ ବର୍ଷରେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ପାଇଁ ନୋଟିସ ଦେବା ଓ ତାହାକୁ ଆଦାୟ କରିବା ପାଇଁ ନିଶ୍ଚିତ ପ୍ରକ୍ରିୟା ଆରମ୍ଭ କରିବା ସଂପୂର୍ଣ୍ଣ ବେଆଇନ୍ ଅଟେ । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହା ଉପରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଭୋକ୍ତା ମହଲରେ ଦାବି ହେଉଥିବା ସେ କହିଛନ୍ତି ।

## ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

**ନୂଆବର୍ଷରୁ ଲାଗୁ ହେବ ନିୟମ, ଅଗଷ୍ଟରୁ ପିଛିଲା ଭାବେ ଲାଗୁ**

ଭୁବନେଶ୍ୱର,୧୫ ।୧୨(ସମିସ): ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ ବୃଦ୍ଧି ହୋଇଛି । ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ । ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି । ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ୬୨ ପ୍ରତିଶତ ବୃଦ୍ଧି ସହ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ଷ୍ଟାଇପେଣ୍ଡରେ ୬୭ ପ୍ରତିଶତ ବୃଦ୍ଧି ସହ ଏହି ରାଶିର ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି । ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି । ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ଓଡ଼ିଶା ପୁଲିସ୍‌ର ନୂତନ ୱେବସାଇଟ୍ ଲୋକାର୍ପଣ

**ଓଡ଼ିଆ ଓ ଇଂରାଜୀ ଭାଷାରେ ମିଳିପାରିବ ସୂଚନା**

କଟକ, ୧୫ ।୧୨(ସମିସ): ଓଡ଼ିଶା ପୁଲିସର ସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍ (police.odisha.gov.in)କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି ଲୋକାର୍ପଣ କରିଛନ୍ତି । ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ । ଆଗାମୀ ଦିନରେ ସାଧାରଣ ଲୋକଙ୍କ ନିମନ୍ତେ ଏହି ୱେବସାଇଟ୍‌ଟି ବହୁ ଉପଯୋଗୀ ହେବା ସହ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ଡିଜିପି ମତପ୍ରକାଶ କରିଛନ୍ତି । ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା ଭଳି ସୂଚନା ଉପଲବ୍ଧ ରହିଛି । ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ । କାର୍ଯ୍ୟକ୍ରମରେ ଏସ୍‌ଏଫ୍‌ଏସଲ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଏସ୍‌ଆଇଆର ପ୍ରସଙ୍ଗରେ ସାଂସଦ ମାନସଙ୍କ ଉଦ୍‌ବେଗ

## ସଂସ୍କାର ସନ୍ଦେହ ନୁହେଁ; ଆତ୍ମବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ

- ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ସର୍ବଦା ସ୍ୱାଗତଯୋଗ୍ୟ
- ସମ୍ପ୍ରତି ଏସ୍‌ଆଇଆର କାର୍ଯ୍ୟକାରିତାକୁ ନେଇ ସାରା ଦେଶରେ ଚିନ୍ତା



ଭୁବନେଶ୍ୱର,୧୫।୧୨(ସମିସ): ଦେଶରେ ବିଭିନ୍ନ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର)କୁ ନେଇ ସୋମବାର ରାଜ୍ୟସଭାରେ ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ । ଏକ ସ୍ୱଚ୍ଛ ଓସଠିକ୍ ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି । ମାତ୍ର ସମ୍ପ୍ରତି ଯେଉଁଭଳି ଭାବେ ଏସ୍‌ଆଇଆର୍ କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି । ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ତୃଣମୂଳସ୍ତରରୁ ଆସୁଥିବା ରିପୋର୍ଟ ଅନୁସାରେ ଏସ୍‌ଆଇଆର କାର୍ଯ୍ୟନ୍ୱୟନ ବେଳେ ପ୍ରକୃତ ଭୋଟରମାନଙ୍କୁ ଏକାଧିକ ଡକ୍ୟୁମେଣ୍ଟ(କାଗଜପତ୍ର) ଦାଖଲ କରିବାକୁ କୁହାଯାଇଛି । ଯାହାଫଳରେ ଗରିବ, ପ୍ରବାସୀ ଶ୍ରମିକ, ଦିନ ମଜୁରିଆ ଏବଂ ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳର ଲୋକମାନେ ଏହାଦ୍ୱାରା ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେତେବେଳେ ଯୋଗ୍ୟ ନାଗରିକମାନେ ଭୋଟର ତାଲିକାରୁ ବାଦ ପଡ଼ିବାର ଭୟ କରନ୍ତି, ଏହା ଆଉ ସଂସ୍କାର ନୁହେଁ-ଏହା ଏକରକମ ବହିଷ୍କାର । ବର୍ତ୍ତମାନ ଚାଲିଥିବା ଏସ୍‌ଆଇଆର କାର୍ଯ୍ୟର ସମୟ ଅତ୍ୟନ୍ତ ଚିନ୍ତାଜନକ । ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ବ୍ୟାପକ ସଂଶୋଧନ ସନ୍ଦେହ ଓ ଅବିଶ୍ୱାସ ସୃଷ୍ଟି କରିଛି । ଶ୍ରୀ ମଙ୍ଗରାଜ ପୁଣି କହିଛନ୍ତି ଯେ ଏଯାବତ୍ ଏକ ମୌଳିକ ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ । ଏସ୍‌ଆଇଆର କେବଳ ଏକ ଭୋଟର ତାଲିକା ସଂଶୋଧନ, ନା ଏହା ବର୍ତ୍ତମାନ ନାଗରିକତ୍ୱ ଯାଞ୍ଚର ଏକ ବିକଳ୍ପ ତାହା ବି ସ୍ପଷ୍ଟ ନୁହେଁ । ନିର୍ବାଚନ କମିଶନଙ୍କଠାରୁ ଏନେଇ କୌଣସି ସ୍ପଷ୍ଟୋକ୍ତିର ଅଭାବ ଅନାବଶ୍ୟକ ଉଦେବେଗ ସୃଷ୍ଟି କରିଛି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ନିରବତା ଆଦୌ ଗ୍ରହଣୀୟ ନୁହେଁ । ତେଣୁ ଏ କ୍ଷେତ୍ରରେ ତେଣୁ ମୁଁ ତୁରନ୍ତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ ଦାବି କରୁଛି । କମିଶନଙ୍କ ପକ୍ଷରୁ ଏନଇ ସ୍ପଷ୍ଟ ଏବଂ ଏକକ ନିର୍ଦ୍ଦେଶାବଳୀ ଜାରି କରାଯିବାର ଆବଶ୍ୟକତା ରହିଛି । ଏହାସହ ଡକ୍ୟୁମେଣ୍ଟେସନ ଆବଶ୍ୟକତାକୁ ସରଳ କରାଯିବା ଆବଶ୍ୟକ । ଏଥିପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବା ଆବଶ୍ୟକ ବୋଲି ଶ୍ରୀ ମଙ୍ଗରାଜ ପ୍ରସ୍ତାବ ଦେଇଛନ୍ତି । ଟେକ୍ନୋଲୋଜି ଭୋଟରମାନଙ୍କୁ ସାହାଯ୍ୟ କରିବା ଉଚିତ, ସେମାନଙ୍କୁ ଭୟଭୀତ କରିବା ଉଚିତ ନୁହେଁ । ପ୍ରବାସୀ ଶ୍ରମିକ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ପ୍ରଥମ ଥର ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଶିବିର ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି । ସେହିପରି ଭ୍ରାମ୍ୟମାଣ ଦଳଗୁଡ଼ିକ(ମୋବାଇଲ ଟିମ) ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ପହଞ୍ଚିବା ଆବଶ୍ୟକ । ମତଦାନ ଏକ ସାମ୍ବିଧାନିକ ଅଧିକାର । ଯେ କୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ । କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡୁନାହାନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ଆଇଆରପରବର୍ତ୍ତୀ ଅଡିଟ୍ ଜରୁରୀ । ଯଦି ଆମେ ପ୍ରକୃତରେ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ୍' ମୂଲ୍ୟବୋଧରେ ବିଶ୍ୱାସ କରୁ, ତେବେ ଗଣତନ୍ତ୍ରକୁ ମଜବୁତ କରାଯିବା ଉଚିତ, ଏହାକୁ ଦୁର୍ବଳ କରିବା ଉଚିତ ନୁହେଁ । ଏହି ଗୃହ ଏହି ସଂସ୍କାରକୁ ସମର୍ଥନ କରେ । ମାତ୍ର ଏହା ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ କଦାପି ସମର୍ଥନ କରିବ ନାହିଁ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି ।


### ବିଧାୟକଙ୍କ ଦରମା ବୃଦ୍ଧି ବିଲ୍‌କୁ ନାମଞ୍ଜୁର ପାଇଁ ରାଜ୍ୟପାଳଙ୍କୁ ନିବେଦନ

## ବିଲ୍ ଫେରାଇଦେବାକୁ ଦାବିକଲା ସିପିଆଇ(ଏମ୍)

**ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟବ୍ୟାପୀ ପ୍ରତିବାଦ କରିବ ଦଳ**

ଭୁବନେଶ୍ୱର,୧୫ ।୧୨(ସମିସ): ଗତ ଡିସେମ୍ବର ୯ ତାରିଖରେ ଓଡ଼ିଶା ବିଧାନସଭାରେ ବିଧାୟକ, ପୂର୍ବତନ ବିଧାୟକ ମାନଙ୍କ ପାଇଁ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି (ସଂଶୋଧନ) ବିଲ୍ -୨୦୨୫ ପାରିତ ହୋଇଛି । ଏହି ବିଲକୁ ରାଜ୍ୟପାଳ ମଞ୍ଜୁରୀ ନଦେବା ପାଇଁ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବିଲ୍‌ଗୁଡିକୁ ଫେରାଇ ଦେବା ଦାବି କରି ସିପିଆଇ(ଏମ୍) ପକ୍ଷରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ସୋମବାର ଦଳର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟାପାଳଙ୍କୁ ସାକ୍ଷାତ କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଷ୍ଟ୍ରପତି ଏବଂ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଘୋଷଣା କରିଛି ।

ବର୍ତ୍ତମାନ ଓଡିଶାରେ ଭୟଙ୍କର ବେକାରୀ ସମସ୍ୟା, ଗମ୍ଭୀର ଦାଦନ ସମସ୍ୟା, କୃଷି ସଂକଟ, ଆକାଶ ଛୁଆଁ ଦରବୃଦ୍ଧି, ଋଣଭାର ବୋଝ, ସକଳ ସ୍ତରର ଶ୍ରମିକ ଏବଂ କର୍ମଚାରୀମାନେ ନ୍ୟାୟ ସଙ୍ଗତ ସର୍ବନିମ୍ନ ମଜୁରୀ ପାଉ ନଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ ଏହିଭଳି ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ଚରମ ଅନ୍ୟାୟ ଏବଂ ଜନ ବିରୋଧୀ ନୀତି ବୋଲି ସିପିଆଇ(ଏମ୍) କହିଛି । ସାଂସଦ ଏବଂ ବିଧାୟକମାନେ ଦେଶ ଓ ରାଜ୍ୟର ମାଲିକ ନୁହଁନ୍ତି । ଜନଗଣ ହିଁ ଦେଶ ଓ ରାଜ୍ୟର ମାଲିକ । ସଂସଦୀୟ ବ୍ୟବସ୍ଥାରେ ସାଂସଦ ଏବଂ ବିଧାନସଭାରେ ଲୋକଙ୍କ ସ୍ୱାର୍ଥ ପାଇଁ ନୀତି ପ୍ରଣୟନ କରିବା ହେଉଛି ବିଧାୟକ ଏବଂ ସାଂସଦମାନଙ୍କର ମୌଳିକ କାମ ଏବଂ ସାମ୍ବିଧାନିକ ଦାୟିତ୍ୱ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେ ଓଡିଶାରେ ଜନପ୍ରତିନିଧିମାନେ ନିଜ ସ୍ୱାର୍ଥ ପାଇଁ ଶାସକ-ବିରୋଧୀ ଏକାଠି ହୋଇ ଲୁଟିବା ପାଇଁ ଆଇନ ପ୍ରଣୟନ କରୁଛନ୍ତି । ବର୍ଦ୍ଧିତ ଦରମା ଏବଂ ଭତ୍ତା ସବୁ ରାଜ୍ୟର ମାସିକ ଦରମା ଏବଂ ଭତ୍ତାକୁ ଅତିକ୍ରମ କରି ଯାଇଛି । ଏହା ଓଡ଼ିଶାବାସୀଙ୍କ ଯନ୍ତ୍ରଣା ଏବଂ ସମସ୍ୟା ପ୍ରତି କ୍ରୂର ଉପହାସ ବୋଲି ଦଳ କହିଛି । କୃଷକ ଆନ୍ଦୋଳନ ଏବଂ ଜନସାଧାରଣଙ୍କ ଚାପରେ ଜନବିରୋଧୀ ତିନୋଟି କୃଷି ଆଇନ ବାତିଲ ହୋଇଥିଲା । ବର୍ତ୍ତମାନ୍ ବିଧାୟକ ମାନଙ୍କ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ସମ୍ପର୍କିତ ଜନ ବିରୋଧୀ ବିଲ୍‌ଗୁଡିକ କାହିଁକି ବାତିଲ ହୋଇପାରିବ ନାହିଁ ବୋଲି ସିପିଆଇ(ଏମ୍) ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି । ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦାସ, ପୁଷ୍ପା ଦାଶ ଏବଂ ବଦ୍ରୀ ନାରାୟଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।



### ଶିମିଳିପାଳ ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ନିର୍ମାଣ

## ଆଦିବାସୀଙ୍କ ଜମିରେ ରିସର୍ଟ ତିଆରି

**କାମ ବନ୍ଦ କରାଇ ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିସିଏଫ୍**

ବାରିପଦା, ୧୫।୧୨ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନ୍ସିଟିଭ ଜୋନ୍)ରେ ବେଆଇନ ନିର୍ମାଣ । ଆଦିବାସୀଙ୍କ ଜମିରେ ତିଆରି ଚାଲିଛି ରିସର୍ଟ । ସେଠାକୁ ଉଚ୍ଚକ୍ଷମତାସଂପନ୍ନ ବିଦ୍ୟୁତ୍ ସଂଯୋଗ ବି ନିଆଯାଇଛି । ଗୋଟିଏ କି ଦୁଇଟି ନୁହେଁ, ପ୍ରତିଯୋଗିତାମୂଳକ ଭାବେ ଏକାଧିକ ରିସର୍ଟ ବେଆଇନ ଭାବେ ନିର୍ମାଣ ଚାଲିଛି । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ପ୍ରବେଶ ଫାଟକ ପିଠାବଟା ରେଞ୍ଜ ଲୁଲୁଙ୍ଗ ନିକଟରେ ଦିନ ଦିପହରେ ଏହି କାର୍ଯ୍ୟ ଜାରି ରହିଥିବା ବେଳେ ଦୀର୍ଘଦିନ ପରେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଜାଣି ନପାରିବା ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ତେବେ କିଛି ଦିନ ତଳେ ଏ ବାବଦରେ ଅଭିଯୋଗ ହେବା ପରେ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆରସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ସଦଳବଳେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ନିରୀହ ଆଦିବାସୀଙ୍କୁ ହାତବାରିସି କରି ସେମାନଙ୍କ ଜମିରେ ଏପରି ବେଆଇନ ନିର୍ମାଣ କରିଆସୁଥିବା ପୁଞ୍ଜିପତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍ ମହଲରେ ଦାବି ହୋଇଛି ।



୨୦୧୧ ମସିହାର ଗାଇଡଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବାଣିଜ୍ୟ, ଖଣି ଖନନ, ପ୍ରଦୂଷଣ ସୃଷ୍ଟି କରୁଥିବା ଉଦ୍ୟୋଗ, ଜଳବିଦ୍ୟୁତ୍ ପ୍ରକଳ୍ପ, ନୂତନ ଉଚ୍ଚତା ବିଶିଷ୍ଟ ହୋଟେଲ କିମ୍ବା ରିସର୍ଟ ସ୍ଥାୟୀ ନିର୍ମାଣକୁ ନିଷେଧ କରାଯାଇଛି । ସେହିପରି ନିୟନ୍ତ୍ରିତ କାର୍ଯ୍ୟକଳାପ କ୍ଷେତ୍ରରେ ହୋଟେଲ ଏବଂ ରିସର୍ଟ ନିର୍ମାଣ, ଗଛ କାଟିବା, ବାଣିଜ୍ୟିକ ଜଳ ବ୍ୟବହାର, ରାସ୍ତା ବୃଦ୍ଧି ସହିତ ନୂତନ କଂକ୍ରିଟ ନିର୍ମାଣ, କୃଷି ପ୍ରଣାଳୀରେ ବଡ଼ ପରିବର୍ତ୍ତନ ଭଳି କାର୍ଯ୍ୟଗୁଡ଼ିକ ପାଇଁ ମନିଟରିଂ କମିଟି ବା ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଅନୁମତିର ଆବଶ୍ୟକତା ରହିଛି । ସେହିପରି ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ପ୍ରତ୍ୟେକ ସଂରକ୍ଷିତ ଅଞ୍ଚଳରେ ଅତି କମ୍‌ରେ ୧ କିମି ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରହିବ ବୋଲି ନିର୍ଦ୍ଦେଶ ରହିଛି । ମାତ୍ର ସବୁ ନିୟମକୁ ଦଳିମକଚି ଏଠାରେ ବେଧଡ଼କ ଭାବେ ରିସର୍ଟ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏକ ଡ୍ରାଫ୍ଟ ନୋଟିଫିକେସନ୍ ୨୦୧୯ ଜାନୁଆରୀରେ ପ୍ରକାଶ ପାଇଥିଲା । ଏଥିରେ ୦-୧୦କିମି ପର୍ଯ୍ୟନ୍ତ ସମ୍ବେନଶୀଳ ଅଂଚଳ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ଏହା ୦-୫କିମି ପର୍ଯ୍ୟନ୍ତ ସଂଶୋଧିତ ହୋଇଥିଲା । ତେବେ ଉକ୍ତ ଘଟଣାକୁ ନେଇ ଅଦ୍ୟାବଧି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ଖଣି, ପର୍ଯ୍ୟଟନ ଏବଂ ସ୍ଥାନୀୟ ବିକାଶ ସହ ଜଡ଼ିତ ବିବାଦ ରହିଛି । ତେବେ ଅନ୍ତିମ ନୋଟିଫିକେସନ ପ୍ରକାଶ ପାଇ ନଥିବାରୁ ପ୍ରସ୍ତାବିତ ଅଞ୍ଚଳରେ ଅନିୟନ୍ତ୍ରିତ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଉଠିଛି । ଏହାକୁ ନେଇ ଏନ୍‌ଜିଟିରେ ଅଭିଯୋଗ ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ସଚିବଙ୍କୁ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏ ସଂକ୍ରାନ୍ତରେ ଆରସିସିଏଫ୍ ଗୋଗିନେନୀ କହିଛନ୍ତି, ବେଆଇନ ନିର୍ମାଣକୁ ରୋକ୍ ଲଗାଇବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ । ଏପରିକି, ବିଦ୍ୟୁତ୍ ସଂଯୋଗ କରୁଥିବା ଟିପିଏନ୍‌ଓଡିଏଲ୍ ସଂସ୍ଥା ପକ୍ଷରୁ କୌଣସି ଅନୁମତି ନନେଇ ଏଭଳି କାର୍ଯ୍ୟକଳାପ ଜାରି ରହିଥିବା ସଂପୃକ୍ତ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି ।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ-ଡିଭିଜନ୍‌ର କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି, ଶିମିଳିପାଳ ଜାତୀୟ ଉଦ୍ୟାନର ସମ୍ବେଦନଶୀଳ ଅଞ୍ଚଳ ନେଇ ଏକ ପ୍ରସ୍ତାବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି । କେଉଁ ଅଞ୍ଚଳ, କେତେ ଦୂର ମଧ୍ୟରେ ସମ୍ବେଦନଶୀଳ ଭାବେ ରଖାଯିବ, ତାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିଶ ହୋଇଛି । କେନ୍ଦ୍ର ଜଳବାୟୁ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେସନ୍ ପ୍ରକାଶିତ ହୋଇ ନଥିବାରୁ ଆମେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇପାରୁନାହିଁ । ଜିଲ୍ଲା ପ୍ରଶାସନର ପୂର୍ଣ୍ଣମାତ୍ରାରେ ଦାୟିତ୍ୱ ରହିଥିବା ବେଳେ କମିଟି ଗଠନ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଖଣି ମାଫିଆ ଓ ପର୍ଯ୍ୟଟନ ବ୍ୟବସାୟୀ ଏହାର ଫାଇଦା ନେଉଛନ୍ତି । ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଉଚ୍ଚକ୍ଷମତା ସମ୍ପନ୍ନ ଲାଇଟ୍ ଓ ସାଉଣ୍ଡ ବ୍ୟବହାର ଯୋଗୁଁ ଭୟର ବାତାବରଣରେ ବନ୍ୟଜନ୍ତୁ ଅସୁରକ୍ଷିତ ମଣୁଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଆଦିବାସୀ ଜମି ଲିଜ୍ ଦେବା ଭଳି କୌଣସି ନିୟମ ନାହିଁ । ଏଭଳି ଘଟଣା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍'

**ଭିସା ପାଇଁ ଆଉ କୋଲକତା, ଦିଲ୍ଲୀ, ହାଇଦ୍ରାବାଦ ଦୌଡ଼ିବାକୁ ପଡ଼ିବନି**

ଭୁବନେଶ୍ୱର,୧୫।୧୨(ସମିସ):ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍' ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ପ୍ରସ୍ତାବିତ ଏହି ଭିସା ସେଣ୍ଟର୍ ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ । ଏଥିପାଇଁ ରାଜ୍ୟ ସରକାର ୩ ହଜାର ବର୍ଗଫୁଟ୍‌ର ଜାଗା ଯୋଗାଇଦେବେ । ଆନ୍ତର୍ଜାତିକ ଭିସା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା । ଭୁବନେଶ୍ୱରରେ ଏକ ଭିସା ସେଣ୍ଟର୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀ ବହୁଦିନରୁ ଦାବି କରିଆସୁଥିଲେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

## ଶିକାରୀ ଗୁଳିରେ ଦନ୍ତାହାତୀ ମୃତ



ଅନୁଗୋଳ, ୧୫ ।୧୨ (ସମିସ): ଅନୁଗୋଳ ବନଖଣ୍ଡରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି । ସପ୍ତାହ ତଳେ ଶିକାରୀ ଫାଶରେ ପଡ଼ି କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ବେଳେ ଏବେ ଶିକାରୀଙ୍କ ଗୁଳିରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି । ଅନୁଗୋଳ ବନଖଣ୍ଡ ପୋକୁଣ୍ଡା ସେକ୍ସନ ମାଣିକଯୋଡ଼ି ଗାଁ ବଳିଆପଶି ନିକଟରେ ଗୁଳିବିଦ୍ଧ ଦନ୍ତାର ମୃତଦେହ ଉଦ୍ଧାର ହୋଇଛି । ହାତୀଟି ବଳିଆପଶି ଅଞ୍ଚଳକୁ ଆସିଥିବା ବେଳେ ଶିକାରୀମାନେ ତାକୁ ଗୁଳି କରିଥିଲେ । ସୋମବାର ସକାଳେ ଘଟଣା ଜଣାପଡ଼ିବା ପରେ ରେଞ୍ଜର୍‌ଙ୍କ ସହ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ବାଘ ପରେ ହାତୀକୁ ହତ୍ୟା ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ବିପଦପୂର୍ଣ୍ଣ ଗଛ କେତେବେଳେ ମଧ୍ୟ ଭାଙ୍ଗିପଡିବାର ଆଶଙ୍କା ରହିଛି।

## ରାଜଶ୍ରୀ ଧର୍ମଶାଳାକୁ ଐତିହ୍ୟ ଗୃହ ଘୋଷଣା ଦାବି




**ବଲାଙ୍ଗିର,୧୫ ।୧୨(ସମିସ):** ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାରଠାରେ ଅଭିଭାବକ ମଞ୍ଚ ଏବଂ ଶରତ ଚନ୍ଦ୍ର ପାଣିଗ୍ରାହୀ ଫାଉଣ୍ଡେସନର ମିଳିତ ଉଦ୍ୟମରେ 'ରାଜଶ୍ରୀ ମହୋତ୍ସବ-୨୦୨୫' ପାଳନ କରାଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ସଭାପତି ଭବାନୀଶଙ୍କର ପଟେଲ ରାଜଶ୍ରୀ ଧର୍ମଶାଳାକୁ ଐତିହ୍ୟ ଗୃହ ଭାବରେ ରାଜ୍ୟ ସରକାର ଘୋଷଣା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରବୁଦ୍ଧ ପାଠକ ସଂସଦ ସଭାପତି ଗିରିଜା ଶଙ୍କର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଜୟ କୁମାର ଆ.ର୍ଯ୍ୟ ମଞ୍ଚାସୀନ ଥିଲେ। କବିତା ମିଶ୍ର ମଞ୍ଚ ପରି.ଳନା କରିଥିଲେ। ଅଭିଭାବକ ମଞ୍ଚ ସଭାପତି ଧର୍ମବ୍ରତ ରଥ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଐତିହ୍ୟ ସୁରକ୍ଷା କମିଟିର ଆବାହକ ପ୍ରଶା ମହାକୁର, ଟିକ୍ରାପଡା ୟୁପି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବୀଣାପାଣି ତ୍ରିପାଠି, ମାଲଗୋଦାମ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁସୟା ଖୁଆସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତରୁଣ ମିଶ୍ର, କପିଳ ପତି, ମଦନ ମୋହନ ରଥ, ମାଳତି ଉଦ୍‌ଗାତା, ରାଜଶ୍ରୀ ତ୍ରିପାଠି, ରତ୍ନମୟ ତ୍ରିପାଠି, ସତ୍ୟବ୍ରତ ବେହେରା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, କୃଷ୍ଣଚନ୍ଦ୍ର ମହାକୁର, ଛବିଲାଲ ବେହେରା, ଅରୁଣ ଖୁଆସ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ଉପସଭାପତି ପ୍ରଶନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସାଲେଭଟା ଅଙ୍ଗ ନଦୀ ବ୍ରିଜରେ ଦୁର୍ଘଟଣା: ଜଣେ ମୃତ

**ଲୋଇସିଂହା,୧୫ ।୧୨(ସମିସ) :** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ସାଲେଭଟା ଅଙ୍ଗ ନଦୀ ବ୍ରିଜ ଉପରେ ସୋମବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। କୌଣସି ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ପରିସ୍ଥିତିରୁ ପୁଲିସ ଅନୁମାନ କରିଛି। ମୃତ ଯୁବକ ଜଣକ ହେଲେ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ନଙ୍ଗଲକଟା ଗାଁର ଦେବୀ ପ୍ରସାଦ ମିଶ୍ର(୩୫)। ବାଇକ୍ ସହ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ଉପରେ ପଡିଥିଲାବେଳେ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ତେବେ ଦୁର୍ଘଟଣା କେଉଁ ଥାନା ଅଞ୍ଚଳରେ ହୋଇଛି ସେନେଇ ମାପ କରାଯାଇଥିଲା। ରାଜସ୍ୱ ନୀରିକ୍ଷକ ମାପ କରିବା ପରେ ଲୋଇସିଂହା ଥାନା ସୀମାରେ ଦୁର୍ଘଟଣା ଘଟିଥିବା ଜଣା ପଡିଥିଲା। ଲୋଇସିଂହା ପୁଲିସ ମାମଲା ରୁଜୁ କରି ଶବ ଜବତ କରିଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ ସୂଚନା ଦେଇଛନ୍ତି।

### ଦାଦନ ଶ୍ରମିକଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତକୁ ଧରିବାରେ ବିଫଳ ଖାକି

# ନ୍ୟାୟ ମାଗୁଛି ସ୍ତ୍ରୀ; ପୁଲିସ ହାତ ପାଉନି

**ବଲାଙ୍ଗିର,୧୫ ।୧୨(ସମିସ):**

- ୪ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି
- ଅକ୍ଟୋବର ୯ ତାରିଖରେ ମେହେବୁବନଗରରେ ମିଳିଥିଲା ମୃତଦେହ
- ମୁରିବାହାଲ ଥାନା ଅଧିକାରୀଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ





ବଲାଙ୍ଗିର ଜିଲ୍ଲାରେ ଦାଦନ ସଂଖ୍ୟା ଯେତିକି ଦାଦନଙ୍କ ଦୁଃଖ ସଂଖ୍ୟା ମଧ୍ୟ ସେତିକି। ଦାଦନ ଶ୍ରମିକଙ୍କ ଦୁଃଖ ଅସରନ୍ତି। କେତେବେଳେ ନିର୍ଯାତନା ତ କେତେବେଳେ ନ୍ୟାୟକୁ ନେଇ ଦାଦନ ଶ୍ରମିକଙ୍କ ପରିବାର ନିୟମିତ ସଂଘର୍ଷ କରିଆସୁଛନ୍ତି। କିଛି ମାସ ତଳେ ଘର ଚଳାଇବା ପାଇଁ ସ୍ଥାନୀୟ ଜଣେ ସର୍ଦ୍ଦାରଙ୍କ ଜରିଆରେ ମୁରିବାହାଲ ଥାନା ଜଏଁତରା ଗାଁର ନେପାଳ ପଟ୍ଟନାୟକ ଦାଦନ ଖଟିବାକୁ ଯାଇଥିଲେ। ଫେରିବା ପୂର୍ବରୁ ସେ ହଠାତ ନିଖୋଜ ହୋଇଗଲେ। ନିଖୋଜ ହେବାର ସପ୍ତାହେ ପରେ ଏକ ଜମିରୁ ତାଙ୍କ ଗଳିତ ମୃତଦେହ ମିଳିଲା। କେବଳ ତାଙ୍କର ନୁହଁ; ତାଙ୍କର ଜଣେ ବନ୍ଧୁଙ୍କ ସହ ସନ୍ଦେହଜନକ ଭାବେ ମୃତଦେହ ମିଳିବା ପରେ ସ୍ତ୍ରୀ ହତ୍ୟା ଅଭିଯୋଗ ଆଣିଥିଲେ। ଏସପିଙ୍କ ନିର୍ଦ୍ଦେଶ ପରେ ମୁରିବାହାଲ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ବାହାରେ ବୁଲୁଛନ୍ତି; କିନ୍ତୁ ପୁଲିସ ଆଖିରେ ସେମାନେ ଫେରାର। ନ୍ୟାୟ ପାଇଁ ବିଧବା ମହିଳା ଅନେଇ ବସିଥିବାବେଳେ ଅଭିଯୁକ୍ତର ଭାଇ ପାଖରୁ ହତ୍ୟା ଧମକ ମିଳୁଛି। ଏମିତିରେ ପେଟ ପୋଷିବା ପାଇଁ ଗୋଡ କାଢିଥିବା ଶ୍ରମିକଙ୍କୁ ହତ୍ୟା ଅଭିଯୋଗ ଆଣିଥିବା ବିଧବା ମହିଳା ଜଣକ ଏସପି ଅଫିସକୁ ନ୍ୟାୟ ପାଇଁ ଧାଉଁଛନ୍ତି; କିନ୍ତୁ ପୁଲିସକୁ କିଛି ଫରକ ପଡୁନାହିଁ। ତେବେ ବର୍ତ୍ତମାନ ନ୍ୟାୟ ବ୍ୟବସ୍ଥାକୁ ନେଇ ମହିଳା ଜଣକ ପ୍ରଶ୍ନ ଉଠାଇଥିବା ବେଳେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ନକଲେ ଏସ୍‌ପି ଅଫିସ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଜଏଁତରା ଗାଁର ବବିତା ପଟ୍ଟାନୟକ। କାଖରେ କୁନି ଶିଶୁକୁ ନେଇ ସପ୍ତାହେ ଦୁଇ ସପ୍ତାହ ବ୍ୟବଧାନରେ ପ୍ରାୟ ଶହେ କିଲୋମିଟର ଦୂରରୁ ଏସପି ଅଫିସକୁ ଆସୁଛନ୍ତି। ନିଜ ଦାଦନ ସ୍ୱାମୀ ହତ୍ୟା ମାମଲାରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ନ୍ୟାୟ ପାଇବା ପାଇଁ ସେ ଗୋଟିଏ ମାସ ହେଲା ଏସପି ଅଫିସ ଆସୁଛନ୍ତି। ଏଯାଏଁ କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ତାଙ୍କ ଅଭିଯୋଗ ଅନୁସାରେ ଗତ କିଛି ମାସ ତଳେ ତାଙ୍କ ସ୍ୱାମୀ ନେପାଳ ପଟ୍ଟନାୟକ ସ୍ଥାନୀୟ ଦାଦନ ସର୍ଦ୍ଦାର ପ୍ରସାଦ ଚନ୍ଦନ ଜରିଆରେ ତେଲେଙ୍ଗାନାର ମେହେବୁବନଗରକୁ କାମ କରିବାକୁ ଯାଇଥିଲେ। ତାଙ୍କ ସହ ସେହି ଗାଁର ମଦନ ପ୍ରଧାନୀ, ପାଟଣାଗଡ ଥାନା ତାଲପଦର ଗାଁର ସଖୀଲାଲ ଜାଲ, ଚଲକି ନିକଟସ୍ଥ ଖୁଜେନପାଲି ଗାଁର ଅକ୍ରୁର ବଗର୍ତ୍ତି ମଧ୍ୟ କାମ କରିବାକୁ ଯାଇଥିଲେ। ନେପାଳ ନଭେମ୍ବର ପ୍ରଥମ ସପ୍ତାହରେ ଫେରିଆସୁବାକୁ କହୁଥିବା ବେଳେ ଗତ ସେପ୍ଟେମ୍ବର ୨୮ ତାରିଖରେ ସେ ନିଖୋଜ ହୋଇଯାଇଥିଲେ। ତାଙ୍କ ଫୋନ ଲାଗୁ ନ ଥିବା ବେଳେ ତାଙ୍କ ସହ ଯାଇଥିବା ସହଯୋଗୀ ମାନେ ଫେରିଆସିଥିଲେ। ପରିବାର ଲୋକ ନେପାଳଙ୍କ ବିଷୟରେ ଜାଣିବା ପାଇଁ ସମସ୍ତଙ୍କୁ ଯୋଗାଯୋଗ କରିଥିବା ବେଳେ କେହି କିଛି ଖୋଜଖବର ପାଇ ନ ଥିଲେ। ତେବେ ଅକ୍ଟୋବର ୯ ତାରିଖରେ ମେହେବୁବନଗରର ଏକ ଜମିରେ ନେପାଳ ଓ ଆଉ ଜଣେ ଯୁବକଙ୍କ ମୃତଦେହ ଗୋଟିଏ ସ୍ଥାନରେ ସନ୍ଦେହଜନକ ଭାବେ ଗଳିତ ଅବସ୍ଥାରେ ମିଳିଥିଲା। ଅନ୍ୟ ଯୁବକ ଜଣକ ମଧ୍ୟ ବଲାଙ୍ଗିର ଜିଲ୍ଲାର ହୋଇଥିବା ବେଳେ ଏକା ସାଙ୍ଗରେ ମୃତଦେହକୁ ସ୍ଥାନୀୟ ପୁଲିସ ନ ଦେଇ ଦୁଇ ଦିନ ବ୍ୟବଧାନରେ ହସ୍ତାନ୍ତର କରିଥିଲା; ଯାହାକି ସନ୍ଦେହ ସୃଷ୍ଟି କରିଥିଲା। ଏବିଷୟରେ ଜାଣିବା ସହ ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ନେପାଳଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଉଭୟ ମେହେବୁବନଗର ଓ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଚାପିବା ପାଇଁ ସ୍ଥାନୀୟ ପୁଲିସ ଅଧିକାରୀ ସନାନତନ ସାହୁଙ୍କୁ ଦାଦନ ସର୍ଦ୍ଦାର ହାତ କରିଥିବା ବେଳେ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ମୁରିବାହାଲ ଥାନାରେ ଏନେଇ କେସ ନଂ ୨୧୧/୨୦୨୫ ଦଫା ୧୦୩(୧), ୩(୫) ରେ ମାମଲା ରୁଜୁ ହୋଇଛି; କିନ୍ତୁ ମାମଲା ରୁଜୁକୁ ୨ ମାସ ବିତିଯାଇଥିବା ବେଳେ ଅଭିଯୁକ୍ତ ପ୍ରସାଦ ଚନ୍ଦନ, ମଦନ ପ୍ରଧାନୀ, ଅକ୍ରୁର ବଗର୍ତ୍ତି, ସଖୀଲାଲ ଜାଲଙ୍କୁ ପୁଲିସ ଗିରଫ କରିନାହିଁ। ଅଭିଯୁକ୍ତମାନେ ଖୋଲାରେ ବୁଲୁଥିବା ବେଳେ ପୁଲିସ ଆଖିରେ ସେମାନେ ଫେରାର ଅଛନ୍ତି। ଏହାକୁ ନେଇ ପରିବାର ଲୋକେ ଏହି ମାମଲାରେ ସର୍ଦ୍ଦାର ସହ ସ୍ଥାନୀୟ ଥାନା ଅଧିକାରୀଙ୍କ ଗୁପ୍ତ ଡିଲ୍ କରିଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଥାନା ଅଧିକାରୀ ଶ୍ରୀ ସାହୁଙ୍କ ସହ ପରିବାର ଲୋକ ଆଲୋଚନା କରିବାକୁ ଚେଷ୍ଟା କରିଥିବା ବେଳେ ସମ୍ଭବ ହୋଇନି। ଅନ୍ୟପକ୍ଷେ ଅଭିଯୁକ୍ତ ସର୍ଦ୍ଦାରର ଭାଇ ଦିବାକର ଚନ୍ଦନଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଉଥିବା ବବିତା ଅଭିଯୋଗ ଆଣିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ନ୍ୟାୟ ପାଇଁ ବବିତା ଗତ ଦୁଇ ମାସ ହେଲା ନିୟମିତ ବ୍ୟବଧାନରେ ଏସପିଙ୍କୁ ଭେଟି ଗୁହାରୀ କରୁଛନ୍ତି; କିନ୍ତୁ ହତ୍ୟା ମାମଲା ରୁଜୁ ହେବା ସତ୍ତ୍ୱେ ଅଭିଯୁକ୍ତକୁ ଗିରଫ କରିବାକୁ ଥାନା ଅଧିକାରୀ ସନାତନ ସାହୁ ସାହସ କରୁନାହାନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ ସର୍ଦ୍ଦାର ମୁଣ୍ଡ ଉପରେ ସରକାରୀ ଦଳର ଆଗଧାଡିର ନେତାଙ୍କ ହାତ ରହିଛି। ଏହା ଫଳରେ ପୁଲିସ ମଧ୍ୟ ହାତ ମାରିବାକୁ ଭୟ କରୁଥିବା ଅଭିଯୋଗ କରିଛନ୍ତି। ତେବେ ଯଦି ନ୍ୟାୟ ନ ମିଳେ ତେବେ ବାଧ ହୋଇ ନିଜ ଶିଶୁ ଓ ପରିବାରକୁ ଧରି ଏସପି ଅଫିସ ଆଗରେ ଧାରଣା ଦେବେ ବୋଲି ବବିତା ଚେତାବନୀ ଦେଇଛନ୍ତି।

## ୧୭ରୁ ମୁରିବାହାଲ ବିରାଟ ଧନୁଯାତ୍ରା ମହୋତ୍ସବ



**ମୁରିବାହାଲ,୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଆସନ୍ତା ୧୭ତାରିଖରୁ ସ୍ଥାନୀୟ ଧନୁଯାତ୍ରା ପଡିଆରେ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ସୋମବାର ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ୨୩ ପର୍ଯ୍ୟନ୍ତ ଏହି ବିରାଟ ଧନୁଯାତ୍ରା ମହୋତ୍ସବ ଏଠାରେ ମହାସମାରୋହରେ ଅନୁଷ୍ଠିତ ହେବ। ମୁରିବାହାଲ ସଦର ମହକୁମା ମଥୁରାନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମଞ୍ଚ କଳାକାର ଆର୍ତ୍ତତ୍ରାଣ ସୁନାନୀ ମହାରାଜ କଂସ ଭୂମିକାରେ ଅଭିନୟ କରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତରୁଣ ପୋଡ଼, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର, କୋଷାଧ୍ୟକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ, କାର୍ଯ୍ୟକାରୀ ସଭାପତି ରମେଶ ନାଗ, ରାଜୀବ ମହାନ୍ତି, ସୁଦାମ ବଘାର, ଉପସଭାପତି ବିଶ୍ୱବିହାରୀ ଯୋଶୀ, ନାରାୟଣ ସାହୁ, ଲକ୍ଷ୍ମୀକାନ୍ତ ଧରୁଆ, ସୁଧାଂଶୁ ପୋଡ଼ ଯାଦବ, କେଦାର ବଡ଼ଜେନା, ଅବିନାଶ ଭୋଇ, ମନୋଜ କର, ତରଣି ମେହେର, ଉଦିତ୍ କଟା, ତୁଳସୀ ସାହୁ, ପ୍ରେମାନନ୍ଦ ମାଝୀ, କୁନ୍ତ ପୋଡ, ହୃଦା ସାହୁ, ମଧୁସୂଦନ ନାଗ, ନେପାଳ ସାହୁ, ଯୋଗେନ୍ଦ୍ର ଥାଟି ଓ ଯଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସମୀର ପଟ୍ଟନାୟକଙ୍କ ଦେହାନ୍ତ



**ବଲାଙ୍ଗିର,୧୫ ।୧୨(ସମିସ):** ଗାନ୍ଧୀ ପାଠାଗାରର ସକ୍ରିୟ ସଦସ୍ୟ ସମୀର ପଟ୍ଟନାୟକ (ମଣ୍ଟୁ)ଙ୍କ ୫୦ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଗତ କିଛି ସମୟ ହେବ ସେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଛତିଶଗଡ ରାୟପୁରରେ ଚିକିତ୍ସିତ ହେଉଥିଲେ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ପାଠାଗାରରେ ଏକ ଶୋକ ସଭାସଭା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ପ୍ରକାଶ ନେପାକ ସଭାପତିତ୍ୱ କରିଥିଲେ। ପାଠାଗାରର ଉପସଭାପତି ସନ୍ତକ ବହିଦାର, ସଂପାଦକ ପ୍ରଦୀପ ସାହୁ, ବରିଷ୍ଠ ସଭ୍ୟ ନିଳମଣୀ ମିଶ୍ର, ଭଗବାନ ବଗର୍ତ୍ତି, ଅଶୋକ .ନ୍ଦ, ଧର୍ମବ୍ରତ ରଥ, ରାଜେନ୍ଦ୍ର ମିଶ୍ର, ସଂଗ୍ରାମ ବହିଦାର, ରିୟାଜ ଖାନ, ପ୍ରମୋଦ ପ୍ରଧାନ, ମହମ୍ମଦ ଅକବର, ଭକ୍ତବନ୍ଧୁ ନାଏକ, ରାଜେଶ ଜୈନ, ଅନିଶ ସାହୁ, ସୁରୁ ସାହୁ, ଦାସିଆ ସାହୁ, ମହେନ୍ଦ୍ର ବାଗ, କୁନୁ ପାତ୍ର, ଦୁର୍ଗା ସାହୁ, ଅଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

■ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ହଟକଟ ଦଳ



**ବେଲପଡା,୧୫ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକର ତେନ୍ତୁଲିମୁଣ୍ଡା ବଜାର ଖେଳ ପଡିଆରେ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରଥମ ମ୍ୟାଚ୍ ଖଇରମାଲ ଓ ହଟକଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହଟକଟ ଦଳ ଟାଇବ୍ରେକର ରେ ୫-୪ ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କୁମପଥର ଏବଂ ଅଇଁଲାପାଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ୫-୩ ଗୋଲରେ କୁମପଥର ବିଜୟ ହୋଇଥିଲା। ସେମି ଫାଇନାଲ ହଟକଟ ଏବଂ କୁମପଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ରେ ହଟକଟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଅଭି ଦୀପ, ଯୋଗିଲାଲ ମେହେର, କୃଷ୍ଣଚନ୍ଦ୍ର ମଲ୍ଲିକ, ଜନୁଧର ବନଗୁଲା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିବଛ ମାଝୀ, ବୈଷ୍ଣବ ତାଣ୍ଡି, ନବୀନ ସରାଫ ପ୍ରମୁଖ ଖେଳ ପରିଚଳନା କରିଥିଲେ। ଦେବେନ୍ଦ୍ର ମଲ୍ଲିକ, ନିରୋଜ ମଲ୍ଲିକ, ହରିହର ତାଣ୍ଡିଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତା ଉପରେ ଆଲୋଚନା

**ଲୋଇସିଂହା,୧୫ ।୧୨(ସମିସ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ, ରୋତ)ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ "ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରମୋଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ ସମାଜର ଦର୍ପଣ ସଦୃଶ ବୋଲି ସେ ମତବ୍ୟକ୍ତ କରିଥଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ଦିବ୍ୟାନୀ ପଧାନ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥଲେ। ମୋହନ ପଣ୍ଡା, ଜ୍ୟୋସ୍ନାମୟୀ ଭୁଏ, ଜ୍ୟୋସ୍ନା ସାହୁ, ଗୋଲାପି ମୁଣ୍ଡା, ସୁଦେଷ୍ଣା ବରିହା, ନିକିତା ଭୋଇ, ଝୁମି ସାହୁ, ଇପ୍ସିତା ସାହୁ, ମାମୀ ସାହୁ, ଅମିତ ସାହୁ, ସୁନିତା ବାଘ, ଗୌତମ ସାହୁ, ସଞ୍ଜୀବ ତ୍ରିପାଠୀ, ସିତିକଣ୍ଠ ସରାଫ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅଧ୍ୟାପକ ବାମଦେବ ମେହେର, ଡକ୍ଟର ସୋମନାଥ ପଧାନ ଓ ଡକ୍ଟର ଲିଙ୍ଗରାଜ ମେହେର ପ୍ରମୁଖ ସ୍ୱାଧୀନତା ପରବର୍ତ୍ତୀ କାଳ ଓଡ଼ିଆ କବିତାର ପୃଷ୍ଠଭୂମି ଓ ବୈଶିଷ୍ଟ୍ୟ ଆଦି ସଂପର୍କରେ ଆଲୋକପାତ କରିଥିଲେ।



## ପ୍ରାକ୍ ବଡଦିନ ଓ ଶିଶୁ ମହୋତ୍ସବ ପାଳନ



**ବଲାଙ୍ଗିର,୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମନହିରା ପଞ୍ଚାୟତ ଅମାମୁଣ୍ଡା ଗ୍ରାମରେ 'ହୋପ' ଅନୁଷ୍ଠାନ ପକ୍ଷରୁ ପ୍ରାକ୍ ବଡଦିନ ଓ ଶିଶୁ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଛି। ଅନୁଷ୍ଠାନର ସଂପାଦକ ଶିଶିର ଚନ୍ଦ୍ର ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ତଥା ପୂର୍ବତନ ଲୋକପାଳ ସଚ୍ଚିଦାନନ୍ଦ ହନୁମାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଭଞ୍ଜ କିଶୋର ନାଗ, ଲୋଭାବତି ନାଗ, ଆଦିତ୍ୟ ହନୁମାନ, ରାଜ କିଶୋର ବାରିକ, ଜେଉ୍ନାରାଣୀ ନାଗ, ଗୀତାଞ୍ଜଳି ନନ୍ଦ, ଦିଲୀପ ନାଗ, ଆଲେକଜେଣ୍ଡାର ବାଗ, ବିଶ୍ୱଜିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମ ଉଚ୍ଛେଦ ଅଭିଯାନର ବୈଠକ

**ବଲାଙ୍ଗିର,୧୫ ।୧୨(ସମିସ):**




ଶିଶୁ ଶ୍ରମ ଉଚ୍ଛେଦ ଅଭିଯାନ ଓଡିଶା ତରଫରୁ ବଲାଙ୍ଗିର ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଏକ ଜିଲ୍ଲା ଓ ଜୋନାଲସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ରାଜ୍ୟ ଆବାହକ ଉମେଶ ଚନ୍ଦ୍ର ପୁରୋହିତ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଆବାହକ ସୁକାନ୍ତ ନାୟକ, ଜୋନାଲ ସ୍ତରୀୟ ଆବାହିକା ମିନାକ୍ଷୀ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ର ପ୍ରାୟ ୧୦ ଟି ଅନୁଷ୍ଠାନ, ସୋନପୁର, କଳାହାଣ୍ଡି, ନୂଆପଡା, ସମ୍ବଲପୁର, ବରଗଡ଼, ବୌଦ୍ଧ, ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାରେ ଦେଶାନ୍ତର ଶିଶୁ ଶ୍ରମିକ ସମସ୍ୟା, କୃଷି କ୍ଷେତ୍ରରେ ଶିଶୁ ଶ୍ରମିକ, ରାସ୍ତାକଡ଼ରେ ଜରି ବୋତଲ ଗୋଟାଉଥିବା ଶିଶୁ ତଥା କିଛି ହୋଟେଲ, ଗ୍ୟାରେଜ ଓ ଘରୋଇ କାମରେ ଏବେ ମଧ୍ୟ ଶିଶୁ ଶ୍ରମିକ ନିଯୁକ୍ତି ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିଶୁମାନଙ୍କ ବୟସରେ ତଞ୍ଚକତା କରି ଆଇନକୁ ଏଡ଼ାଇବାକୁ ଚେଷ୍ଟା କରାଯାଉଥିବା ବେଳେ ଶିଶୁ ଶ୍ରମିକ ଆଇନ ଠିକ ଭାବରେ ପାଳନ ହେଉ ନ ଥିବା ପ୍ରକାଶ ପାଇଥିଲା। ବଲାଙ୍ଗିର ଜିଲ୍ଲାରେ ଏହି ଅଭିଯାନ ସକ୍ରିୟ କରିବା ପାଇଁ ସର୍ବ ସମ୍ମତି କ୍ରମେ ଚନ୍ଦ୍ରକାନ୍ତି ମଲ୍ଲିକଙ୍କୁ ଆବାହିକା ଓ ଗୋଦାବରୀଶ ରଥଙ୍କୁ ସହ ଆବାହକ ଚୟନ କରା ଯାଇଥିଲା। ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକକାରିଣୀ କମିଟିରେ ଏଫଏଚଡ଼ି ଇଣ୍ଡିଆରୁ ବେଲନ ସାଗର, ଷ୍ଟୁଡେଣ୍ଟ କାଉନସିଲର ଯଶସ୍ୱିନୀ ନନ୍ଦ, ପାର୍ବତିଗିରି ବାଳ ନିକେତନରୁ ଇପସିତା ପୁରୋହିତଙ୍କୁ ଦାୟିତ୍ୱ ଦିଆଯାଇଛି। ପଶ୍ଚିମ ଓଡିଶାରେ ଏହି ଅଭିଯାନ ସକ୍ରିୟ କରିବା ପାଇଁ ଏକ ଜୋନାଲସ୍ତରୀୟ ସାଧାରଣ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ପରିଶେଷରେ ମିନାକ୍ଷୀ ପୁରୋହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜାନୁଆରୀ ୧ରୁ ରେଙ୍ଗାଲି ପଟେଲପଡ଼ା ମହୋତ୍ସବ

● ଲୋଗୋ ଉନ୍ମୋଚିତ



**ସଇଁତଳା,୧୫ ।୧୨(ସମିସ):** ସଇଁତଳା ବ୍ଲକ୍ ରେଙ୍ଗାଲି ପଟେଲପଡ଼ା ମହୋତ୍ସବ ଜାନୁଆରୀ ୧ରୁ ଆରମ୍ଭ ହେବ। ଏଥିଲାଗି ରେଙ୍ଗାଲି ପଟେଲ ପଡ଼ା କ୍ଲବରେ ଲୋଗୋ ଉନ୍ମୋଚନ କରାଯାଇଛି। ଜାନୁଆରୀ ୭ ତାରିଖରେ ଏହି କାର୍ଯ୍ୟକ୍ରମ ଶେଷ ହେବ ବୋଲି ଜୟ ଲକ୍ଷ୍ମୀ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଲୋଗୋ ଉନ୍ମୋଚନ ସଭାରେ କମିଟି ସଭାପତି ମହେନ୍ଦ୍ର ପଟେଲ, ଉପ ସଭାପତି ପ୍ରମୋଦ ପଟେଲ, ଜଗତ ପଟେଲ, ଶଶିକାନ୍ତ ପଟେଲ, ରବୀନ୍ଦ୍ର ପଟେଲ, ଯୌତୁକ ପଟେଲ, ପ୍ରସନ୍ନ ପଟେଲ, ବଶିଷ୍ଠ ପଟେଲ, ନିତାଇଗୁରୁ ପଟେଲ, ଜଗବନ୍ଧୁ ପଟେଲ, ବସନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶ୍ରୀକୃଷ୍ଣ ପଟେଲ ସଭା ପରିଚାଳନା କରିଥିଲେ।

## ଅଙ୍ଗନବାଡ଼ିରେ ଗୋ-ମାଂସ ରନ୍ଧା

# ଅଙ୍ଗନବାଡ଼ି କର୍ମୀ ନିଲମ୍ବିତ





**କୋଇଡା, ୧୫।୧୨(ସମିସ)**

କୋଇଡା ବ୍ଲକର ଚୋରଧରା ଅଙ୍ଗନବାଡ଼ି କେନ୍ଦ୍ରରେ ରବିବାର ଗୋ ମାଂସ ରାନ୍ଧିବା ଅଭିଯୋଗରେ ଉକ୍ତ କେନ୍ଦ୍ରର ଅଙ୍ଗନବାଡି ଦିଦି ସୁଶେରୀ ମୁଣ୍ଡାଙ୍କୁ ସୋମବାର ସିଡିପିଓ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସୂଚନାନୁଯାୟୀ, ରବିବାର କୋଇଡଶ ବ୍ଲକର ଚୋରଧରା ଅଙ୍ଗନବାଡ଼ି କେନ୍ଦ୍ରରେ ଗୋ ମାଂସ ରନ୍ଧା ଚାଲିଥିବା ବେଳେ ଗ୍ରାମବାସୀ ଧରିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଧରା ପଡ଼ିବା ପରେ ଆଙ୍ଗନବାଡ଼ି ଦିଦି ସେଠାରୁ ଫେରାର ହୋଇଯାଇଥିଲେ। ତାଙ୍କ ଝିଅ ଓ ଜ୍ୱାଇଁ ଅଧା ରନ୍ଧା ମାଂସକୁ ଫିଙ୍ଗି ଦେଇଥିଲେ। ଆଙ୍ଗନବାଡ଼ି ଦିଦିଙ୍କ ଜ୍ୱାଇଁ ଏହା ଗୋମାଂସ ବୋଲି ଗ୍ରାମବାସୀଙ୍କ ଆଗରେ ସ୍ୱୀକାର କରିଥିଲେ। ଗ୍ରାମବାସୀ ସେ ସମୟର ଭିଡିଓ ରେକର୍ଡିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ କେ ବଲାଙ୍ଗ ପୁଲିସ ଆସି ସ୍ଥିତି ନିୟନ୍ତ୍ରଣ କରିଥିଲା। ଆଙ୍ଗନବାଡ଼ି ଦିଦିଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଆଜି ସକାଳେ ଗୋ ମାଂସ ଦେଇ ଯାଇଥିଲେ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ରବିବାର ଥିବାରୁ ଛୁଆମାନେ ଏହି କେନ୍ଦ୍ରକୁ ଆସିନଥିଲେ। ତେଣୁ କାହା ପାଇଁ ଗୋ ମାଂସ ରନ୍ଧା ଚାଲିଥିଲା ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଥିଲା। ଆଙ୍ଗନବାଡ଼ି କେନ୍ଦ୍ରରେ ଗୋ ମାଂସ ରନ୍ଧା ହେବା ଘଟଣାକୁ ନେଇ କୋଇଡା ସିଡିପିଓ ଅନିତା ସାହୁ ଆଜି ଘଟଣାସ୍ଥଳରେ ପହଞ୍ଚି ଘଟଣାର ସତ୍ୟତାକୁ ପରଖୀ ଉକ୍ତ ଅଙ୍ଗନବାଡ଼ି ଦିଦି ସୁଶେରୀ ମୁଣ୍ଡାଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପି ପକ୍ଷରୁ ଇ-ମାର୍କେଟପ୍ଲେସ୍ ଅଧିବେଶନ

**ରାଉରକେଲା, ୧୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସାମଗ୍ରୀ ପରିଚାଳନା (ଏମଏମ) ବିଭାଗରେ କ୍ରେତା ଏବଂ ବିକ୍ରେତାଙ୍କ ପାଇଁ ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ଉପରେ ଏକ ଯୋଗାଯୋଗ ଅଧିବେଶନ ଡିସେମ୍ବର ୧୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଇଏମ୍‌ର ପ୍ରମୁଖ ପ୍ରକ୍ରିୟା ଏବଂ କାର୍ଯ୍ୟକାରିତା ବିଷୟରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଏମଏମ ବିଭାଗର ପିଆଇଭିଡି ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମଏମ, ପ୍ରକଳ୍ପ ଏବଂ ସିସି (କାର୍ଯ୍ୟ) ବିଭାଗର ଅଧିକାରୀ ଏବଂ ଏମ୍-ଜଙ୍କସନ୍ ଏବଂ ଭେଣ୍ଡର ପ୍ରତିନିଧି ଏହିଭଳି ପ୍ରାୟ ୧୦୦ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏମଏମ ପର୍ଚ୍ଚେଜ ବିଭାଗର ସିଜିଏମ ଟି. ବିନୋଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସନ୍ଧ୍ୟା ଅଧିବେଶନରେ ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଆଲୋକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଅଧିବେଶନକୁ ଜିଇଏମ୍ ପ୍ରଶିକ୍ଷକ ଆନନ୍ଦ କିଶୋର ମିଶ୍ର ପରିଚାଳନା କରିଥିଲେ। ଏମଏମ ପର୍ଚ୍ଚେଜ ବିଭାଗର ଜିଏମ ଅସୀମ



ଅପୂର୍ବ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏମଏମ ପର୍ଚ୍ଚେଜ ବିଭାଗର ଡେପୁଟି ମ୍ୟାନେଜର ଏମ୍.ସି. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କାର୍ ଧକ୍କାରେ ୨ ଛାତ୍ର ଗୁରୁତର

**ରାଉରକେଲା, ୧୫।୧୨(ସମିସ):** ରିଙ୍ଗ ରୋଡଠାରେ କାର ଧକ୍କାରେ ୨ ଜଣ ଛାତ୍ର ଗୁରୁତର ହୋଇଛନ୍ତି। ଦୁହିଁଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଛି। ସେକ୍ଟର -୧୩ ରିଙ୍ଗ ରୋଡଠାରେ ସୋମବାର ଅପରାହ୍ନ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ସେକ୍ଟର ପଟୁ ଛେଣ୍ଡ ଆଡ଼କୁ ଯାଇଥିବା ରାସ୍ତା ତଥା ସେକ୍ଟର -୧୪ରୁ ସେକ୍ଟର -୧୩ ଯାଏଁ ରାସ୍ତା ମରାମତି କାର୍ଯ୍ୟ ଜାରି ରହିଛି। ତେବେ ଗୋଟିଏ ପାଖ ରାସ୍ତାରେ ଯାତାୟାତ ହେଉଥିଲା। ହଠାତ୍ ସ୍କୁଟିରେ ଯାଉଥିବା ଛାତ୍ର ଦ୍ୱୟଙ୍କୁ କାର ଧକ୍କା ଦେଇଥିଲା। ଫଳରେ ଦୁହେଁ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷେ ଦୁର୍ଘଟଣା ଘଟାଇବା ପରେ କାର୍ ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ବାଇକ୍ ଧକ୍କାରେ ଯୁବତୀ ଆହତ

**ରାଉରକେଲା, ୧୫।୧୨(ସମିସ):** ମୁଖ୍ୟ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ଯୁବତୀ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଉଦିତନଗର ପଟୁ ଏସଟିଆଇ ଆଡକୁ ଯାଇଥିବା ରାସ୍ତା ତଥା ଓଭରବ୍ରିଜ ତଳ ରାସ୍ତାରେ ସୋମବାର ଅପରାହ୍ନ ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ସ୍କୁଟି ଯୋଗେ ଯୁବତୀ ଜଣକ ଯାଉଥିଲେ। ହଠାତ୍ ବାଇକ୍ ଚାଳକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଯୁବତୀ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଚାଳକଙ୍କୁ ଧରି ପୁଲିସ ଜିମା ଦେଇଥିଲେ।

# ବାର୍ଷିକ ଖେଳକୁଦ ପ୍ରତିଯୋଗିତା

**ରାଉରକେଲା, ୧୫।୧୨(ସମିସ):** ବନ୍ଧମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଅନୀଲ ବରଣ ଷଡ଼ଙ୍ଗୀ ଯୋଗ ଦେଇ କ୍ରୀଡ଼ା ହେଉଛି ପ୍ରେରଣା, ସକାରାତ୍ମକ ସାହସ, ଦକ୍ଷତା ଏବଂ ଏକାଗ୍ରତାର ମାଧ୍ୟମ ବୋଲି କହିବା ସହ ଛାତ୍ରମାନଙ୍କ ବିକାଶ ପାଇଁ କ୍ରୀଡା ବିଦ୍ୟାଳୟ ପାଠ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମୁଖ୍ୟବକ୍ତା ଭାବେ ଗୋଦାବରୀଶ ଶତପ୍ଥୀ କ୍ରୀଡା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସୁରେନ୍ଦ୍ର କୁମାର ଶତପଥୀ କ୍ରୀଡା, ଦୈନିକ ଜୀବନଯାପନ ଓ ଶୃଙ୍ଖଳାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା ସମିତିର ସଭାପତି ଡି.ଆପ୍ପା ରାଓ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପାଦକ ମନୋଜ ପଣ୍ଡା, କୋଷାଧ୍ୟକ୍ଷ ରାଜେଶ ଦଳେଇ, ସଦସ୍ୟା ଅନୀତା ସାହୁ ଓ ମାନୀନି ସରଦାର୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଧନଞ୍ଜୟ ଚୌଧୁରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗିରିଧାରୀ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୌଡ଼, ଡିଆଁ ଭଳି ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସନତ୍ ରାୟଙ୍କ ତିରୋଧାନ ଦିବସ



**ରାଉରକେଲା, ୧୫।୧୨(ସମିସ):** କଲଚରାଲ ଏକାଡେମୀ ପରିସରରେ ସନତ୍ ରାୟ ସ୍ମୃତିକମିଟି ଆନୁକୂଲ୍ୟରେ ସଭାପତି ପଶୁପତିନାଥ ଚାଟାର୍ଜୀ ଏବଂ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଅଧ୍ୟାପକ ସନତ୍ ରାୟଙ୍କ ପଞ୍ଚଦଶତମ ତିରୋଧାନ ଦିବସ ଓ ସାରସ୍ୱତ ସ୍ମୃତି ତର୍ପଣ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପଶୁପତିନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭାରତ ଭୂଷଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଡ. ପ୍ରଭାତ କୁମାର ମଲ୍ଲିକ, ଡ. ଅଶ୍ୱିନୀ କୁମାର ରାୟ ବରେଣ୍ୟ ବକ୍ତା ରୂପେ ଯୋଗଦେଇଥିଲେ। ଏଥିରେ ମାଲକାନଗିରିରେ ଶିକ୍ଷା ପ୍ରଶିକ୍ଷକ ରୂପେ କାର୍ଯ୍ୟରତ କବି ହେମନ୍ତ କୁମାର ଦଳପତିଙ୍କୁ ସନତ୍ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନତ୍ ରାୟ କାବ୍ୟ ସମଗ୍ରର ପ୍ରକାଶକ ଶ୍ରୀ ମହାପାତ୍ର ସନତ୍ ରାୟଙ୍କ ତିରୋଧାନ ପରେ କିଭଳି ବିଭିନ୍ନ ବାଧାବିଘ୍ନଭିତରେ ତାଙ୍କର ପାଣ୍ଡୁଲିପିକୁ ସଂଗ୍ରହ କରାଯାଇ ଗ୍ରନ୍ଥାବଳୀ ପ୍ରକାଶନ କରାଯାଇଥିଲା, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସନତ୍‌ଙ୍କ କବିତା ସହିତ ପ୍ରଗତିଶୀଳ କବିତା ପାଠୋତ୍ସବରେ ଡଃ କୃପାସିନ୍ଧୁ ନାୟକ, ପ୍ରଶାନ୍ତ କୁମାର ପତି, ବଳରାମ ରାଉଳ, ତ୍ରିନାଥ ସିଂହ, ଅଙ୍ଗୁରବାଳା ପରିଡ଼ା, ପରେଶ କୁମାର ବିଶ୍ୱାଳ, ମୀନକେତନ ପଶାୟତ, ପ୍ରତାପ କୁମାର ପଣ୍ଡା, ଧୋବେଇ ବେହେରା, ଅଶୋକ କୁମାର ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ଗୀତାରାଣୀ ବେହେରା, ସୁଶାନ୍ତ କୁମାର ନାୟକ, ଗଙ୍ଗାଧର ପୁହାଣ, ସୁସ୍ମିତା ମହାପାତ୍ର, ଭାରତ ଭୂଷଣ ମହାନ୍ତି, ଧନଞ୍ଜୟ ମଲ୍ଲିକ, ସଂଘମିତ୍ରା ମହାରଣା ପ୍ରମୁଖ କବିତା ପାଠ କରିଥିଲେ। ଏହି ସାରସ୍ୱତ ସ୍ମୃତି ସମାରୋହରେ ରାଉରକେଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ ତଥା ସାହିତ୍ୟାନୁଷ୍ଠାନର ସଦସ୍ୟ ଗଗନ ବିହାରୀ ଧଳ, ସ୍ୱର୍ଣ୍ଣଲତା ରାୟ, ସୁକାନ୍ତି ତ୍ରିପାଠୀ, ବାସୁଦେବ ସାହୁ, ସୁରେଶ କୁମାର ଶତପଥୀ, ବ୍ରଜେନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ବେହେରା, ଅକ୍ଷୟ କୁମାର ସାମଲ, କାଶୀନାଥ ପାତ୍ର, ସଞ୍ଜୀବ ଭୋଇ, ବିଜୟିନୀ ଜେନା, କାଶୀନାଥ ନନ୍ଦୀ, ଡଃ ନଗେନ ଦାସ, ରାଧାମୋହନ ନାୟକ, ଶ୍ରୀଧର ସୁନା, ସୁକାନ୍ତ ମହାପାତ୍ର, ରୋଜାଲିନ ମଲ୍ଲିକ, ଶୁଭସ୍ମିତା ସାହୁ, ସବିତା ପରିଡ଼ା, ନିରୁପମା ନାୟକ, ଗୌତମ ଦାସ, ଅଭିରାମ ପ୍ରଧାନ, ଭଗବାନ ପରିଡ଼ା, ପ୍ରବୀର କୁମାର ଦୁବେ, ମନୋରମା ସାହୁ, ଲକ୍ଷ୍ମୀକାନ୍ତ ମହାପାତ୍ର, ଅଶୋକ କୁମାର ରାଉତ, ଦେବେନ୍ଦ୍ର ମହାରଣା, ଦେବସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା କବି ସୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ପରିଶେଷରେ କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁରେ ଖୋଲିଲା ଧାନ ମଣ୍ଡି

# ଧାନ ବିକ୍ରି କରିବେ ୨୬୦୨ ଚାଷୀ



**ବଣାଇଁ, ୧୫।୧୨(ସମିସ):** ଆଜି ବଣାଇଁ ନିୟନ୍ତ୍ରୀତ ବଜାର କମିଟି ପକ୍ଷରୁ ଦରେଇକଳା ଠାରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଜିଲ୍ଲା ଅଧିକାରୀ ରଶ୍ମିବାଳା ବେହେରା, ସୁନ୍ଦରଗଡ଼ ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, ରାମଚନ୍ଦ୍ର ସାହୁ, ଲ୍ୟାମ୍ପ ସଭାପତି ଭାସ୍କର କିସାନ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ହରେନ୍ଦ୍ର ବାରିକ ପରିଚାଳନା କରିଥିଲେ। ମଣ୍ଡିରେ ଧାନ ବିକ୍ରୟ କରିବାକୁ ୨୬୦୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ପାଞ୍ଚ ଜଣ ଚାଷୀଙ୍କ ଠାରୁ ୧୦୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଚାଷୀଙ୍କ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ତିନି ଜଣ ମିଲର ନିୟୋଜିତ ହୋଇଥିବା ବେଳେ ଏଫ୍‌ଏକ୍ୟୁମାନଙ୍କୁ ନେଇ ଚାଷୀ ଓ ମିଲରଙ୍କ ମଧ୍ୟରେ ଟଣା ଓଟରା ଚାଲିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠି ନଥିଲା। ବହୁ କଷ୍ଟରେ ଚାଷୀ ତାର ଧାନ ଉପାର୍ଜନ କରି ମଣ୍ଡିକୁ ଧାନ ବିକ୍ରୟ ପାଇଁ ଆସିଥିବା ବେଳେ ମିଲର କିନ୍ତୁ ବିନା କଟନୀରେ ଧାନ କ୍ରୟ କରିବାକୁ ଅମଙ୍ଗ ହେଉଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପସ ଅଧିକାରୀ ହସ୍ତକ୍ଷେପ କରିବା ପରେ ଧାନ କ୍ରୟ ସୁରୁଖୁରୁରେ ହୋଇଥିବା ଜଣାପଡ଼ିଛି।

# ମଣ୍ଡଳସ୍ତରୀୟ ଗଜସାଥି ଓ ବିଦ୍ୟୁତ୍ ପ୍ରହରୀଙ୍କ ପ୍ରଶିକ୍ଷଣ




**ବଣାଇଁ, ୧୫।୧୨(ସମିସ):** ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଗଜସାଥୀ ଓ ବିଦ୍ୟୁତ ପ୍ରହରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ କ୍ରମେ ଆଜି ରାଉରକେଲା ମଣ୍ଡଳ ପକ୍ଷରୁ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମା ସ୍ୱାମୀ ପି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଯୋଗ ଦେଇଥିଲେ। ବର୍ତ୍ତମାନ ବିଭିନ୍ନ ବନଖଣ୍ଡରେ ଧାନ ଫସଲ ଅମଳ ଚାଲିଥିବା ବେଳେ ହାତୀ ମଣିଷ ଲଢେଇକୁ ପ୍ରତିହତ କରି, ହାତୀଙ୍କ ଗତି ଅନୁଧ୍ୟାନ ଓ ନିୟନ୍ତ୍ରଣ କରିବା, ଗୃହ ଓ ଫସଲ ହାନି ଉପରେ ନଜର ରଖି ଧନ ଜୀବନର ସୁରକ୍ଷା ସହ ଶିକାରୀ ଓ ବିଦ୍ୟୁତ ସଂସ୍ପର୍ଶରୁ ହାତୀଙ୍କୁ ସୁରକ୍ଷା ଦେବା ପାଇଁ ଗଜସାଥୀ ଓ ବିଦ୍ୟୁତ ପ୍ରହରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଭୁବନେଶ୍ୱର ମୁଖ୍ୟ ବନ ବିଭାଗ କାର୍ଯ୍ୟାଳୟରୁ ସହକାରୀ ବନ ସଂରକ୍ଷକ ସୋମ୍ୟରଞ୍ଜନ ସାହୁ ଏବଂ ଗୁରୁତ୍ୱପୂର୍ଣ୍ଣ ତଦନ୍ତ ଏବଂ ଶିକ୍ଷା କର୍ମଶାଳା ପକ୍ଷରୁ ଡଃ କେକେ ପାଣିଗ୍ରାହୀ ଯୋଗଦେଇ ବନ୍ୟଜନ୍ତୁ ଅପରାଧ ମାମଲା ଉପରେ ବନ କର୍ମଚାରୀ ଓ ଗଜସାଥୀଙ୍କ କର୍ତ୍ତବ୍ୟ ଉପରେ ଆଇନଗତ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ନଳିନୀ କାନ୍ତ ବେହେରା, ଅରୁଣ କୁମାର ବେହେରା, ଅକ୍ଷୟ ଛତ୍ରିଆ ଉପସ୍ଥିତ ରହିଥିଲେ। କେନ୍ଦୁଝର, ଦେବଗଡ଼ ଓ ବଣାଇଁ ବନଖଣ୍ଡର ୧୮୦ରୁ ଉର୍ଦ୍ଧ୍ୱ ଗଜସାଥି ଓ ବିଦ୍ୟୁତ ପ୍ରହରୀ ପ୍ରଶିକ୍ଷଣ ନେଇଥିଲେ। ତିନୋଟି ବନଖଣ୍ଡର ସମସ୍ତ ରେଞ୍ଜରୁ ସମସ୍ତ ରେଞ୍ଜ ଅଧିକାରୀ, ଫରେଷ୍ଟର ଓ ଅନ୍ୟାନ୍ୟ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ରାଉରକେଲା, ୧୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଡିସେମ୍ବର ୧୪ ତାରିଖରେ ଅବଶିଷ୍ଟ ଦେଶବାସୀଙ୍କ ସହ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନରେ ସାମିଲ ହୋଇଛି। ଏହି ଦିବସ ପାଳନ ଉପଲକ୍ଷେ ଶକ୍ତି ପରିଚାଳନା ବିଭାଗ (ଇଏମ୍‌ଡି) ଦ୍ୱାରା ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଇଏମଡି ବିଭାଗର ସିଜିଏମ ପିଏସ୍. କାନ୍ନନ ଅଧ୍ୟକ୍ଷତା କରିଥିଲେ। ଏହି ତଥା ବ୍ୟବସ୍ଥିତ ପଦକ୍ଷେପ ମାଧ୍ୟମରେ ଶକ୍ତି ବ୍ୟବହାର ଓ କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ଥିଲେ। ପୂର୍ବରୁ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଥିରେ ଇଏମଡି ବିଭାଗର ଡିଜିଏମ ବି ପି ପାଣ୍ଡେ ଶକ୍ତି ସଂରକ୍ଷଣ ଉପରେ ଏକ ବ୍ୟାପକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସେ ଆରଏସପି ଦ୍ୱାରା



ଅବସରରେ ଇଏମଡି ବିଭାଗର ଜିଏମ ସନ୍ତୋଷ ଖାଖା, କେକେ ବାର୍ଲାଙ୍କ ସମେତ ବିଭାଗର ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଶ୍ରୀ କାନ୍ନନ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ଶକ୍ତି ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଅଭିନବ ଗ୍ରହଣ କରାଯାଇଥିବା ବିଭିନ୍ନ ଶକ୍ତି ସଞ୍ଚୟ ପଦକ୍ଷେପ ଉପରେ ଆଲୋକପାତ କରି କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବା ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଏଥିସହ କାର୍ବନ କ୍ରେଡିଟ୍ ଟ୍ରେଡିଂ ସ୍କିମ୍ (ସିସିଟିଏସ୍) ସହ ଜଡିତ ସବିଶେଷ ବିକାଶ ଉପରେ ମଧ୍ୟ ତଥ୍ୟ ପ୍ରଦାନ କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ

**କୁତ୍ରା, ୧୫।୧୨(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ୟୁଥ୍ ଫର ୱାଟର ଭଳି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ କାର୍ଯ୍ୟକାରୀ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ପିକନିକ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ୍ ଦ୍ୱାରା ଆୟୋଜିତ ହୋଇଯାଇଛି। ପିକ୍‌ନିକ୍ ସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳୀରୁ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା ସଫା କରିବା ଏହି ଅଭିଯାନର ପ୍ରାଥମିକ ଲକ୍ଷ୍ୟ ଅଟେ। ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ଚିହ୍ନିତ ହୋଇଥିବା ପିତାମହଲ ଡ୍ୟାମରେ ଏହି ଅଭିଯାନଟି ଇକୋ କ୍ଲବ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁ, ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନର୍ଜିକ୍ଲବ ଇନଚାର୍ଜ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ପ୍ଲାଷ୍ଟିକର ପରିବେଶ ଉପରେ କୁପ୍ରଭାବ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ସଂଗେ ସଂଗେ ସଚେତନତା ସୃଷ୍ଟି କରାଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଇକୋ କ୍ଲବ୍ ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ବିଶେଷ ନିଜର ଦାୟିତ୍ୱ ବୁଝି ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବାରେ ସମସ୍ତେ ସହଯୋଗ କରିବା ପାଇଁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଥିଲେ। ଏହି ଅଭିଯାନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନଭାଙ୍ଗୀ ନାଏକ, କିରନ ଏକ୍କା, କରିସ୍ମା କେର୍କେଟା, ସୁମିତ୍ରା ବାର୍ଲା, ମାର୍ସିଆ ଟେଟେ, ଅଞ୍ଜଳି ତିଗ୍ଗା, ସାନିକା ଖାଲଖୋ, ରୋମାଞ୍ଚ ତଣ୍ଡିଆ, ଉମାଶଙ୍କର ମଲ୍ଲିକ ଓ ଜର୍ଜ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# କୋକ୍ ଓଭେନ୍ ବ୍ୟାଟେରିରେ ସିସିଟିଭି, ରାଡାର କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧୨(ସମିସ)**



କର୍ମକ୍ଷେତ୍ର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହିତ ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରଚଳନତା ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋକ୍ ଓଭେନ୍ ବ୍ୟାଟେରୀ ନଂ ୧, ୩, ୪ ଏବଂ ୫ ର ରାମ୍ କାର ଏବଂ ଗାଇଡ୍ କାର୍‌ରେ ସିସିଟିଭି ଏବଂ ରାଡ଼ାର ଆଧାରିତ ନିରୀକ୍ଷଣ ପ୍ରଣାଳୀ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପଟି ବିଶାଖାପାଟଣାର ମେସର୍ସ ଲୋଟସ୍ ୱାୟରଲେସ୍ ଟେକ୍ନୋଲୋଜିସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ପ୍ରାୟ ୧.୬୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାମ୍ କାର ଏବଂ ଗାଇଡ୍ କାର୍ ଦ୍ୱାରା ନିଷ୍କାସନ, ଫ୍ରେମ୍ ସଫା କରିବା, କୋକ୍ ପୁସିଂ ଏବଂ ହଟ୍ କୋକ୍‌କୁ କ୍ୱେନଚିଂ କାର୍‌ରେ ଗାଇଡ୍ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇଥାଏ। ଅପରେଟର୍ କ୍ୟାବିନ୍ ଏବଂ ବଡ଼ ସଂରଚନାନକ ଆସେମ୍ବ୍ଲିଗୁଡ଼ିକର ସ୍ଥିତି ଯୋଗୁଁ ଅପରେଟମାନେ କାର୍ଯ୍ୟକ୍ଷମ ଟ୍ରାକ୍ ସହିତ କାମ କରୁଥିବା ଡୋର ମ୍ୟାନ ଏବଂ ଅନ୍ୟ କର୍ମଚାରୀଙ୍କୁ ସୀମିତ ରୂପେ କିମ୍ବା ଦେଖିପାରୁନଥିବା ଯୋଗୁଁ ବିଶେଷକରି ରାତ୍ରିକାଳୀନ କାର୍ଯ୍ୟ ସମୟରେ, ଏହା ଗୁରୁତର ସୁରକ୍ଷା ବିପଦ ସୃଷ୍ଟି କରୁଥିଲା। ଏହି ଆହ୍ୱାନଗୁଡ଼ିକୁ ସମାଧାନ କରିବା ଏବଂ ଆଦୌ ଦୃଶ୍ୟମାନତା ନ ଥିବା ସ୍ଥାନଗୁଡ଼ିକର ସ୍ଥିତି ସମସ୍ୟା ଦୂର କରିବା ପାଇଁ ସିସିଟିଭି ଆଧାରିତ ନିରୀକ୍ଷଣ ବ୍ୟବସ୍ଥାର ଏକ ଅଂଶ ଭାବରେ ୧୬ଟି ରାମ୍ କାର୍ ଏବଂ ଗାଇଡ୍ କାରରେ ଦୃଢ଼ ଆଇପି ୬୭ ଷ୍ଟେନଲେସ୍ ଷ୍ଟିଲ୍ ଏନକ୍ଲୋଜରରେ ରଖାଯାଇଥିବା ୮୦ଟି ଶିଳ୍ପ-ଗ୍ରେଡ୍ ଇନଫ୍ରାରେଡ୍ ନାଇଟ୍-ଭିଜନ୍ କ୍ୟାମେରା ସ୍ଥାପିତ ହୋଇଛି। ଏହି ବ୍ୟବସ୍ଥା ଅପରେଟରମାନଙ୍କୁ ଦିନ ଏବଂ ରାତି ଉଭୟ ସମୟରେ କାର୍ଯ୍ୟକ୍ଷମ ପ୍ଲାଟଫର୍ମ ଏବଂ ଗତି କ୍ଷେତ୍ରର ନିରନ୍ତର ବାସ୍ତବ ସମୟ ଦୃଶ୍ୟମାନତା ପ୍ରଦାନ କରିବ। ଏଥିସହ ମେସିନ୍ ଗତି ବିଷୟରେ କର୍ମଚାରୀମାନଙ୍କୁ ସତର୍କ କରିବା ପାଇଁ ଓଭେନ ମେସିନ୍‌ର ଉଭୟ ପାର୍ଶ୍ୱରେ ସାଇରନ୍ ଏବଂ ଭିଜୁଆଲ୍ ଫ୍ଲାସର୍ ମଧ୍ୟ ସ୍ଥାପିତ ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଠଟି ଗାଇଡ୍ କାର୍‌ରେ ଏକ ରାଡ଼ାର ଆଧାରିତ ପ୍ରୋକ୍ସିମିଟି ଡିଟେକ୍ସନ୍ ସିଷ୍ଟମ୍ ସ୍ଥାପିତ ହୋଇଛି, ଯାହା କୋକ୍ ଓଭନ୍ ବ୍ୟାଟେରୀ ନମ୍ବର ୧, ୩, ୪ ଏବଂ ୫ରେ ୩୨ ଟି ରାଡାର ସେନ୍ସର ନିୟୋଜିତ ହୋଇଛି। ସିଷ୍ଟମ୍ ସ୍ୱୟଂଚାଳିତ ଭାବରେ ଗାଇଡ୍ କାର୍ ଟ୍ରାକ୍ ସହିତ ପାଞ୍ଚ ମିଟର ସୁରକ୍ଷା ଜୋନ୍‌ରେ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତି କିମ୍ବା ବସ୍ତୁକୁ ଚିହ୍ନଟ କରିବ ଏବଂ ତୁରନ୍ତ ଲମ୍ବା ଯାତ୍ରା ଗତିବିଧିର ଏକ ସ୍ୱୟଂଚାଳିତ ଷ୍ଟପକୁ ଟ୍ରିଗର କରିବ ଯାହା ଦ୍ୱାରା ଧକ୍କାକୁ ରୋକାଯାଇ ପାରିବ ଏବଂ କେବଳ ଅପରେଟର୍ ଦୃଶ୍ୟମାନତା ଉପରେ ନିର୍ଭରଶୀଳତାକୁ ମଧ୍ୟ ଦୂର କରାଯାଇପାରିବ ବୋଲି କୁହାଯାଇଛି। ଏହି ନୂତନ ବ୍ୟବସ୍ଥାକୁ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ହିରାଲାଲ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରିଫ୍ରାକ୍ଟୋରିଜ୍ ବିଭାଗର ସିଜିଏମ ଏସ୍‌ଏସ୍ ପଣ୍ଡା, ସିସିଡି ବିଭାଗର ଜିଏମ୍ ବିକେ ତିୱାରୀ, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସିଓ ବିଭାଗର ଜିଏମ କେ. ଶ୍ରିନିଭାସୁଲୁ, ସିଓ ଇଲେକଟ୍ରିକାଲ ବିଭାଗର ଜିଏମ ଏବଂ ଏଚଓଏସ ଏକେ ବାରା, ସିଓ ମେକାନିକାଲ ବିଭାଗର ଜିଏମ ଏବଂ ଏଚଓଏସ ଏସ୍. ଚନ୍ଦା, କୋକ ଓଭେନ୍ସ ବିଭାଗର ଡିଏସଓ ଏମ୍. ଚୌରାସିଆଙ୍କ ସମେତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପକୁ ସିଓ ସିସିଡି ବିଭାଗର ସିଜିଏମ୍ ଆର୍ ଜୋଶୀଙ୍କ ସକ୍ରିୟ ମାର୍ଗଦର୍ଶନରେ ସିଓ ଇଲେକଟ୍ରିକାଲ ବିଭାଗର ଡିଜିଏମ ଏ.କେ. ପ୍ରଧାନ ଏବଂ ସିଓ ଇଲେକଟ୍ରିକାଲ ବିଭାଗର ଡିଜିଏମ ବି.ସି. ସାହୁ ସଫଳତାର ସହିତ କାର୍ଯ୍ୟକାରୀ ଏବଂ କମିଶନିଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋକ ଓଭେନ ବିଭାଗର ସିନିୟର ମ୍ୟାନେଜର ଧୀରଜ କୁମାର ସଂଯୋଜନା କରିଥିଲେ।

# ସମ୍ପାଦକୀୟ



ବ୍ୟକ୍ତିର ଅଧିକାର ମିଳିବାରେ ବିଳମ୍ବ ହିଁ ଅଧିକାରର ଅବମାନନା।
-ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର)

ସକାଳ
THE SAKALA

## ବିପନ୍ନ ଚିଲିକା

ଜୈବ ବିବିଧତା, ଅନୁପମ ସୌନ୍ଦର୍ଯ୍ୟ, ଆର୍ଦ୍ରଭୂମି, ବହିରାଗତ ପକ୍ଷୀ ଓ ଜଳଜ ପ୍ରାଣୀଙ୍କ ସମାଗମ ଦୃଷ୍ଟିରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳର ମାନ୍ୟତା ହାସଲ କରିଥିବା ଚିଲିକା ଏବେ ବିପନ୍ନ। ଦିନକୁ ଦିନ ପଟୁମାଟିରେ ପୋତି ହୋଇପଡୁଥିବାରୁ ଚିଲିକାର ଆୟତନ ହ୍ରାସ ପାଇବା ସହ ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାକୁ ବସିଲାଣି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ ମଧ୍ୟ ଦିନକୁ ଦିନ ତାହାର ସ୍ଥିତି ବିପନ୍ନ ହେବାରେ ଲାଗିଛି। ସରକାରଙ୍କ କେବଳ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ଓ ପ୍ରତିଶ୍ରୁତିରେ ଚିଲିକାର ପୁନରୁଦ୍ଧାର ହୋଇପାରିବ ନାହିଁ। ଏ ଦିଗରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ ତାହାର ଅଭାବ ସବୁସ୍ତରରେ ପରିଲକ୍ଷିତ ହେଉଛି।

ଏସିଆର ଏହି ବୃହତ୍ତମ ଲବଣାକ୍ତ ହ୍ରଦରେ ପ୍ରତିବର୍ଷ ୮ ଲକ୍ଷ ଟନର ପଟୁମାଟି ପ୍ରବେଶ କରୁଥିବାରୁ ସଂକୋଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୫ ବର୍ଷ ମଧ୍ୟରେ ସିଡିଏ ୩.୨୬ ଲକ୍ଷ ଘନମିଟର ଖନନ କରିଛି। ପଟୁମାଟି ପ୍ରବେଶ କରିବାର ଏକାଧିକ କାରଣ ମଧ୍ୟରୁ ନଦୀ, ଉପନଦୀ ଓ ନାଳ ପାଣି ଚିଲିକାରେ ପଡୁଥିବାରୁ ଜଳବାୟୁ ପରିବର୍ତ୍ତନ ଜନିତ ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ଏହି କ୍ଷତି ଘଟାଇ ଚାଲିଛି। ଫଳରେ ଚିଲିକା ମୁହାଣ ପୋତି ହୋଇପଡୁଛି ଓ ଆୟତନ ହ୍ରାସ ପାଉଛି। ଏହାକୁ ରୋକିବା ସକାଶେ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ଓ ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବ ଏ କ୍ଷେତ୍ରରେ ବାଧକ ସାଜିଛି। ୧୯୪୫ ରେ ଚିଲିକା ଆର୍ଦ୍ରଭୂମିର ଆୟତନ ୨୯୪୬ ବର୍ଗ କିଲୋମିଟର ଥିବା ବେଳେ ତାହା ଏବେ ୧୧୬୫ କିଲୋମିଟରକୁ ହ୍ରାସ ପାଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ସୂଚାଇଛନ୍ତି ଯେ ଆଇଆଇଟି (ମାଡ୍ରାସ) ଏହାର ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ପରାମର୍ଶ ଦେବେ। ସରକାରଙ୍କ ଅନୁରୋଧକ୍ରମେ ଏହି ରିପୋର୍ଟ ପ୍ରସ୍ତୁତି ଓ ତାହାର ରୂପାୟନ ପ୍ରକ୍ରିୟା କେବେ ଆରମ୍ଭ ହେଉଛି ତାହା ଭିନ୍ନ କଥା। ତେବେ ଏଭଳି ଏକ ବ୍ୟାପକ କାର୍ଯ୍ୟକ୍ରମକୁ ସିଡିଏ ଉପରେ ଭରସା କରି ଆଖିବୁଜି ଦେଇ ହେବନି। ଏକଥା ସତ ଯେ ନିୟମିତ ଜଳର ମାନ ପରୀକ୍ଷଣ କରାଯାଇ ଏଥିରୁ ଉତ୍ପନ୍ନ ଦୁର୍ଲଭ ପ୍ରାଣୀଙ୍କ ପାଇଁ ତାହା କେତେଦୂର ଉପଯୋଗୀ ତାହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ସିଡିଏ ପକ୍ଷରୁ ୩୩ଟି ନିରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ।

ଏଠାରେ ଆମେ ଆଉ ଗୋଟିଏ ହ୍ରଦ ସଂପର୍କରେ ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ। ଅଂଶୁପାର ମଧୁର ଜଳରାଶି ଓ ପଦ୍ମପତ୍ରରେ ସୁଶୋଭିତ ଏହି ହ୍ରଦ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଠିକଣା ସମୟରେ ରକ୍ଷଣାବେକ୍ଷଣ ହୋଇନପାରିବାରୁ ପଟୁମାଟିରେ ପୋତି ହୋଇ ନିଜର ପରିଚୟ ହରାଇବାକୁ ବସିଛି। କିଛିବର୍ଷ ତଳେ ଅଂଶୁପାକୁ ପର୍ଯ୍ୟଟନ କେନ୍ଦ୍ରର ରୂପ ଦେବା ପାଇଁ ଚାଲିଥିବା ପ୍ରୟାସ ଅର୍ଥାଭାବରୁ ଅଟକିଯାଇଛି। ସରକାରୀ ବ୍ୟବସ୍ଥାର ଗତି ଓ ପ୍ରକୃତି ସଂପର୍କରେ ସମସ୍ତେ ଅବଗତ ଅଛନ୍ତି। ଚିଲିକା ଅନ୍ତତଃ ଏଭଳି ଏକ ଦୁର୍ଗତିର ସମ୍ମୁଖୀନ ନହେଉ। କଥା ଓ କାମରେ ଅନ୍ତର ନରହୁ। ●

## ଶରିଫ୍‌ଙ୍କ ବିକଳ ସ୍ଥିତି

ରୁଷ ରାଷ୍ଟ୍ରପତି ପୁତିନଙ୍କ ଭାରତ ଗସ୍ତ ପରେ ବିଶ୍ୱ ରାଜନୈତିକ ସ୍ତରରେ ଯେଉଁ ମୃଦୁ ଭୂକମ୍ପନ ଅନୁଭୂତ ହୋଇଛି ସେଥିରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେତିକି ବିଚଳିତ ନୁହନ୍ତି, ତା'ଠାରୁ ଅଧିକ ଶଙ୍କାଗ୍ରସ୍ତ ହୋଇପଡ଼ିଛି ପାକିସ୍ତାନ। ଆମେରିକା ଓ ଚୀନ ସହ ସୁସଂପର୍କ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦେଶର ନିରାପତ୍ତା ନେଇ ସ୍ଥିର ନିଶ୍ଚିତ ହୋଇପାରୁନାହାନ୍ତି। ତେଣୁ ରୁଷ ସହ ସଂପର୍କ ସୁଦୃଢ଼ କରିବା ସକାଶେ ପାକିସ୍ତାନ ବ୍ୟଗ୍ର ହୋଇପଡ଼ିଛି ଏବଂ କୂଟନୈତିକ ସ୍ତରରେ ଗୋଟିଚାଳନା ଆରମ୍ଭ କରିଦେଇଛି। ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ପ୍ରେକ୍ଷାପଟ୍ଟରେ ପୁତିନଙ୍କୁ ଶରିଫ ସାକ୍ଷାତ କରିଥିଲେ ମଧ୍ୟ ତାହା କେବଳ ସୌଜନ୍ୟରେ ସୀମିତ ଥିଲା। ଆଞ୍ଚଳିକ ରଣନୀତିରେ ରୁଷଠାରୁ ସେଭଳି ସହଯୋଗର ପ୍ରତିଶ୍ରୁତି ମିଳିନଥିଲା ପାକିସ୍ତାନକୁ। ନାଟୋ ସାମରିକ ମେଣ୍ଟ ଓ ଆମେରିକାର ସମର୍ଥନ ସତ୍ତ୍ୱେ ରୁଷର ସାମରିକ କାର୍ଯ୍ୟାନୁଷ୍ଠାନରେ ୟୁକ୍ରେନ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏବେ ଯେଉଁ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଜାରି ରହିଛି ସେଥିରେ ମଧ୍ୟ ରୁଷର ସର୍ତ୍ତକୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ପୁତିନ ଯେ ସମଗ୍ର ବିଶ୍ୱର ଅନ୍ୟତମ ସର୍ବଶକ୍ତିମାନ ରାଷ୍ଟ୍ରନେତା ଏହା ପ୍ରମାଣିତ ହୋଇଛି। ଗତ ଶୁକ୍ରବାର ତୁର୍କମେନସ୍ତାନରେ ଆୟୋଜିତ ଆନ୍ତର୍ଜାତିକ ବୈଠକରେ ପୁତିନଙ୍କ ଉପସ୍ଥିତିର ସୁଯୋଗ ନେବା ସକାଶେ ପାକିସ୍ତାନ ନେତାଙ୍କ କୂଟନୈତିକ ପ୍ରୟାସ ମଧ୍ୟ ବିଫଳ ହୋଇଛି। ଏପରି କି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସମସ୍ତ କୂଟନୈତିକ ସୌଜନ୍ୟ ଉଲ୍ଲଂଘନ କରି ଅପଦସ୍ଥ ହୋଇଛନ୍ତି।

କୌଣସି ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ଶିଖର ସମ୍ମିଳନୀ ଯୋଗଦେଇଥିବା ରାଷ୍ଟ୍ରନେତାଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତ ଓ ତଥ୍ୟ ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିଥାଏ। ତୁର୍କମେନସ୍ତାନ୍‌ରେ ପୁତିନଙ୍କୁ ଭେଟିବା ପାଇଁ ଟାରିଫଙ୍କ ବିକଳ ଅବସ୍ଥା କେବଳ ପଦାରେ ପଡ଼ିଯାଇନାହିଁ ସେ ସାଧାରଣରେ ନିନ୍ଦିତ ଓ ଅପଦସ୍ଥ ହୋଇଛନ୍ତି। ଏହି ସାକ୍ଷାତ ଆଲୋଚନା ପାଇଁ ସମୟସୂଚୀ ଓ ସ୍ଥାନ ନିରୂପଣ ଆଗରୁ ହୋଇଥିଲା। ଶେହବାଜ ସାକ୍ଷାତ କରିବା ପାଇଁ ଦୀର୍ଘ ୪୦ ମିନିଟ ଧରି ଅପେକ୍ଷା କରିଥିଲେ ମଧ୍ୟ ପୁତିନଙ୍କ ପକ୍ଷରୁ କୌଣସି ସୂଚନା ମିଳି ନଥିଲା। ତେଣୁ ଧୈର୍ଯ୍ୟହରା ହୋଇ ତୁର୍କୀ ରାଷ୍ଟ୍ରପତିଙ୍କ ସହ ପୁତିନଙ୍କ ଆଲୋଚନା ଚାଲିଥିବା ବେଳେ ଶରିଫ୍ କୋଠରି ଭିତରକୁ ଧସେଇ ପଶିଥିଲେ। ପାକିସ୍ତାନ ଓ ତୁର୍କୀର ସୁସଂପର୍କ ଦୃଷ୍ଟିରୁ ସେଠାରେ ସୌଜନ୍ୟ ଦୃଷ୍ଟିରୁ ଶରିଫଙ୍କୁ ୧୦ ମିନିଟ ପାଇଁ ଅବସ୍ଥାନ କରିବାର ସୁଯୋଗ ମିଳିଥିଲା। ଦୁଇ ରାଷ୍ଟ୍ରନାୟକଙ୍କ ମଧ୍ୟରେ ଆଲୋଚନା ଜାରି ରଖିଥିବାରୁ ଶରିଫ ବାଧ ହୋଇଫେରିଆସିଥିଲେ।

ସମ୍ପର୍କ ତିକ୍ତ ହେଉ ବା ମଧୁର କୂଟନୈତିକ ସ୍ତରରେ ସର୍ବନିମ୍ନ ଶାଳୀନତା ରକ୍ଷା ପ୍ରତି ରାଷ୍ଟ୍ରମୁଖ୍ୟମାନେ ସଚେତନ ରହିବା ସର୍ବାଦୌ କର୍ତ୍ତବ୍ୟ। ଏହାକୁ ଆମେ ଆନ୍ତର୍ଜାତିକ ସ୍ତରରେ ନିର୍ଦ୍ଧାରିତ ପ୍ରୋଟୋକଲ କହିପାରିବା। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଭଳି ବ୍ୟକ୍ତିତ୍ୱ ହିଁ ଏହାକୁ ଉଲ୍ଲଙ୍ଘନ କରିଥା'ନ୍ତି। ଜଣେ ସର୍ବଶକ୍ତିମାନର ଅହଂକାରରେ ମତ୍ତ ଥିବା ବେଳେ ଆଉ ଜଣେ ନିଜ ବିକଳ ସ୍ଥିତିରେ ବିବଶ। ●

## ମାଗଣା ମୋହ

ଡ. ଉଷାରାଣୀ ଦାଶ

'ମାଗଣା' ଏତେ ଆକର୍ଷଣୀୟ କାହିଁକି? ଡାନ୍ ଆରିଲିଙ୍କ ପୁସ୍ତକ 'ପ୍ରେଡିକ୍ଟେବଲି ଇରେସନାଲ' ଅନୁସାରେ, ଯେତେବେଳେ କିଛି ମାଗଣା ମିଳେ ଲୋକମାନେ ସେମାନଙ୍କର ଆଚରଣଗତ ଧାରାକୁ ପରିବର୍ତ୍ତନ କରିଦିଅନ୍ତି ଏବଂ ଏହାକୁ ପାଇବାକୁ ଅଧିକ ଇଚ୍ଛୁକ ହୁଅନ୍ତି। ମାଗଣା କେବଳ ମୂଲ୍ୟର ଏକ ସୂଚକ ନୁହେଁ। ଏହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଭାବପ୍ରବଣ ସୃଷ୍ଟିକାରୀ, ଯାହା ପ୍ରାୟତଃ ଏତେ ଅପ୍ରତିରୋଧୀ ଯେ ଅନାବଶ୍ୟକ ଥିଲେ ମଧ୍ୟ ମାଗଣାରେ ମିଳିବାର ଲୋଭରେ ହାସଲ କରିବାକୁ ପ୍ରେରିତ କରେ। ୨୦୦୭ ମସିହାରେ କରାଯାଇଥିବା 'ଜିରୋ ଆଜ୍ ଏ ସ୍ପେଶାଲ୍ ପ୍ରାଇସ୍: ଦି ଟ୍ରୁ ଭ୍ୟାଲ୍ୟୁ ଅଫ୍ ଫ୍ରି ପ୍ରଡକ୍ଟସ୍' ଶୀର୍ଷକ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରାହକମାନେ ୮୦% ରିହାତି ମୂଲ୍ୟରେ ଏକ ଉତ୍କୃଷ୍ଟ ଗୁଣଯୁକ୍ତ ଚକୋଲେଟ୍ ବ୍ରାଣ୍ଡ କିଣିବା ଅପେକ୍ଷା ନିମ୍ନ-ଗୁଣବତ୍ତାର ମାଗଣା ଚକୋଲେଟ୍ ବାର୍ ପାଇବାକୁ ପସନ୍ଦ କରନ୍ତି।

'ମାଗଣା' ଶବ୍ଦଟି ମାନବ ଭାବନା ପାଇଁ ଏକ ଚୁମ୍ବକ ସଦୃଶ। ଏହା ମନୁଷ୍ୟର ଭାବନା, ଆଶା, ଲାଭକାମନା ଓ ଆତ୍ମତୃପ୍ତିକୁ ଜାଗ୍ରତ କରୁଥିବା ଗୋଟିଏ ଶକ୍ତିଶାଳୀ ମାନସିକ ସଙ୍କେତ। ଯେତେବେଳେ କୌଣସି ବସ୍ତୁ, ସୁବିଧା କିମ୍ବା ସେବା ମାଗଣାରେ ମିଳେ ମନୁଷ୍ୟ ସ୍ୱାଭାବିକ ଭାବେ ସାଧାରଣ ବିବେକ, ତର୍କ ଓ ବିଚାରକୁ ପଛରେ ରଖି ଭାବନା ଆଧାରିତ ସିଦ୍ଧାନ୍ତ ନେଇଥାଏ। ଏହି ଆକର୍ଷଣକୁ ମାନସିକ ଶାସ୍ତ୍ରରେ 'ଜିରୋ ପ୍ରାଇସ ଇଫେକ୍ଟ' ବା 'ଶୂନ୍ୟ ମୂଲ୍ୟ ପ୍ରଭାବ' ବୋଲି କୁହାଯାଏ। ମାଗଣା ମିଳୁଥିବା ଜିନିଷ ମଣିଷର ଭାବନା, ବିପଦର ଭୟ, ଲୋଭ ଓ ଆନନ୍ଦକୁ ଏକାଠି ଉତ୍ତେଜିତ କରେ। କୌଣସି ଆର୍ଥିକ ଚାପ ନ ଥିବାରୁ ଏହାର ମୂଲ୍ୟବୋଧ, ଆବଶ୍ୟକତା, ଗୁଣବତ୍ତା ମୂଲ୍ୟାଙ୍କନ ନକରି ଗ୍ରହଣ କରିବା ନିରାପଦ ମଣନ୍ତି। ମାଗଣା ଜିନିଷଗୁଡ଼ିକ ପ୍ରାୟତଃ କ୍ୱଚିତ କିମ୍ବା ସୀମିତ ସମୟ ପାଇଁ ଉପଲବ୍ଧ ମନେହୁଏ। ଯେପରିକି 'ଆଜି ପାଇଁ ମାତ୍ର ମାଗଣା', 'ପ୍ରଥମ ଦଶଜଣଙ୍କ ପାଇଁ ମାଗଣା' ଇତ୍ୟାଦି, ଯାହା ସେଥିପ୍ରତି ଆହୁରି ଅଧିକ ଆଗ୍ରହ ସୃଷ୍ଟି କରେ। ସେହିପରି 'ଦଶମ କପ୍ କଫି ମାଗଣା', 'ଏକ ଲିଟର ପ୍ୟାକେଟରେ ୨୫୦ମିଲି ମାଗଣା', 'ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା', 'ଅନଲାଇନ୍‌ରେ କିଣିଲେ ବିତରଣ ମାଗଣା' ଇତ୍ୟାଦି ଘୋଷଣା ଓ ଯୋଜନାଗୁଡ଼ିକ ଆମକୁ ଖୁବ ଆକର୍ଷିତ କରେ।

ମାଗଣାର ପରମ୍ପରା ଖୁବ୍ ପ୍ରାଚୀନ। ପୁରାତନକାଳରେ ବ୍ୟାପାରୀମାନେ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଅଧିକ ଶସ୍ୟ, ମସଲା ଭଳି ଜିନିଷ ମାଗଣା ଭାବରେ ଦେଉଥିଲେ। ଏହାକୁ ପ୍ରଥମ 'ମାଗଣା ଉପହାର' ଧାରଣା ଭାବେ ଧରାଯାଏ। ୧୭୦୦-୧୮୦୦ ମସିହାରେ ଆଧୁନିକ 'ମାଗଣା ଉପହାର'ର ଆରମ୍ଭ ହୋଇଥିଲା, ଯେଉଁଥିରେ ଦୋକାନୀମାନେ ପ୍ରଚାର ପାଇଁ ମାଗଣା କ୍ୟାଲେଣ୍ଡର, ବୁକମାର୍କ, ପ୍ରିଣ୍ଟେଡ୍ କାର୍ଡ ଭଳି ଛୋଟ ଉପହାର ଦେବା ଆରମ୍ଭ କରିଥିଲେ। ୧୮୮୦ ଦଶକରେ ବହୁମାତ୍ରାରେ ଉତ୍ପାଦନ ହେଉଥିବା ଦ୍ରବ୍ୟ ଉପହାର ପ୍ରଦାନ ପରମ୍ପରା ଆରମ୍ଭ ହେଲା। ଆମେରିକାର 'ଆଲେନ ଆଣ୍ଡ ଜିଣ୍ଟର' କମ୍ପାନୀ ସିଗାରେଟ୍ ପ୍ୟାକେଟରେ ମାଗଣା 'ବେସବଲ୍ କାର୍ଡ' ପ୍ରଦାନ ବେପାରବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ୧୯୦୦-୧୯୩୦ମଧ୍ୟରେ ମାଗଣା ନମୁନା ଧାରଣାର ଆରମ୍ଭ ହେଲା। 'ପ୍ରୋକ୍ଟର ଆଣ୍ଡ ଗାମ୍ବଲ' ଓ 'କୋକାକୋଲା' ଭଳି କମ୍ପାନୀମାନେ ମାଗଣା ନମୁନା, ଡ୍ରିଙ୍କ କୁପନ୍ ଦେବା ଆରମ୍ଭ କଲେ। ଏହିଠାରୁ 'ମାଗଣା ଉପହାର' ବ୍ୟାପକ ଭାବେ ଲୋକପ୍ରିୟ ହେଲା। ୧୯୫୦-୧୯୮୦ମଧ୍ୟରେ ଆଧୁନିକ ପ୍ରଚାରମୂଳକ ଉପହାରର ଧାରା ଆରମ୍ଭ ହୋଇଥିଲା। ଏହି ସମୟରେ ବ୍ୟବସାୟୀମାନେ ପେନ୍, ବ୍ୟାଗ୍, ଟି-ସାର୍ଟ ଭଳି ଉପହାର ଦେଉଥିଲେ। ୨୦୦୦ ପରେ 'ମାଗଣା ଉପହାର'ର ଡିଜିଟାଲାଇଜେସନ୍ ଯୁଗ ଆରମ୍ଭ ହେଲା। ମାଗଣା ଇ-ବୁକ୍, ଟ୍ରାୟାଲ୍, ଟେମ୍ପଲେଟ୍, ଡିଜିଟାଲ୍ ଟୁଲ୍, ଶିପିଂ ଆଦି ଆସିଲା।

ରାଜନେତାମାନେ ମଧ୍ୟ ନିର୍ବାଚନୀ ପ୍ରତିଶ୍ରୁତି, ଦରିଦ୍ରତା ହ୍ରାସ, ଜନସମର୍ଥନ କିମ୍ବା ଔଦାର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାରଣରୁ ମାଗଣା ଖାଦ୍ୟ, ଇନ୍ଧନ, ଜଳ, ଶିକ୍ଷା, ବସ୍ତୁସାମଗ୍ରୀ କିମ୍ବା ଅର୍ଥ ସହାୟତା ବଣ୍ଟନ କରିବା ଆରମ୍ଭ କଲେ। ଏହିକ୍ରମରେ କାଳିଆ, ବଳିଆ, ସୁଭଦ୍ରା, ମଧ୍ୟାହ୍ନ ଭୋଜନ, ମାଗଣା ସାଇକେଲ, ଲାପଟପ, ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ମିଲ, ମାଗଣା ବିଜୁଳି ଇତ୍ୟାଦି ଯୋଜନାମାନ ଆତ୍ମପ୍ରକାଶ କଲେ। ସେଥିମଧ୍ୟରୁ କେତେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ସହିତ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମିତ୍ତ ହୋଇଥିବା ବେଳେ ଅନ୍ୟ କେତେକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ଦେଖାଯାଇଛି ଏହି ମାଗଣା ମୋହରେ ସ୍ୱଚ୍ଛଳ ବର୍ଗର ଲୋକମାନେ ଜାଲିଆତି କରି ନିଜକୁ ସେହିବର୍ଗରେ ସାମିଲ କରିଦେଉଛନ୍ତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କୌଣସି କାର୍ଯ୍ୟ ବା ପରିଶ୍ରମ ନକରି କେବଳ ସେହି ମାଗଣାକୁ ଚାହିଁ ବସିରହୁଛନ୍ତି। ସେମାନଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଅଧିକାରର ଏକ ନକାରାତ୍ମକ ଢାଞ୍ଚା ସୃଷ୍ଟି ହେଉଛି।

ଅନେକକ୍ଷେତ୍ରରେ ମାଗଣାର କିଛି ସୁପ୍ରଭାବ ଦେଖିବାକୁ ମିଳେ। ଲୋକମାନେ ନୂଆ ଜିନିଷ ପରୀକ୍ଷା କରିବାର ସୁଯୋଗ ପାଇ ନୂଆ ଅଭିଜ୍ଞତା ହାସଲ କରନ୍ତି। ମାଗଣା ଯୋଜନାଗୁଡ଼ିକ ଦେଶର ଅନେକ ସମସ୍ୟା ହ୍ରାସ କରିବାରେ ସହାୟତା କରେ। 'ନିତି ଆୟୋଗ'ର ରିପୋର୍ଟ ଅନୁସାରେ ବିହାର ଓ ପଶ୍ଚିମବଙ୍ଗରେ ସ୍କୁଲ ଛାତ୍ରୀମାନଙ୍କୁ ଦିଆଯାଇଥିବା ମାଗଣା ସାଇକେଲ ଦ୍ୱାରା ସେମାନଙ୍କର ନାମଲେଖା ଓ ଉପସ୍ଥାନ ବଢ଼ିଛି ଏବଂ ଅଧାରୁ ପାଠ ଛାଡୁଥିବା ହାର ହ୍ରାସ ପାଇଛି। ବିଶ୍ୱବ୍ୟାଙ୍କର ଅଧ୍ୟୟନ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଖାଦ୍ୟ ରିହାତି ଭଳି ମାଗଣା ସାମଗ୍ରୀ ୨୦୧୧-୧୨ ମସିହାରେ ଭାରତରେ ଦାରିଦ୍ର୍ୟ ଅନୁପାତ ୭%କୁ ହ୍ରାସ କରିପାରିଛି। 'ସେଣ୍ଟର ଫର ପଲିସି ରିସର୍ଚ୍ଚ' ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଲାପଟପ୍, ସାଇକେଲ ଓ ନଗଦ ହସ୍ତାନ୍ତର ଭଳି ଯୋଜନା ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ଭୋଟରଙ୍କ ମତଦାନ, ରାଜନୈତିକ ସଚେତନତା ଓ ସରକାରଙ୍କ ପ୍ରତି ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଇଛି। 'ଏଡିଆର' ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ତାମିଲନାଡୁର ୪୧% ଭୋଟର ମାଗଣା ଉପହାରକୁ ଭୋଟ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଭାବରେ ବିବେଚନା କରନ୍ତି।

ମାଗଣା ଯୋଜନା ସହିତ ଅନେକ ସମସ୍ୟା ମଧ୍ୟ ଜଡ଼ିତ ଅଛି। ସେଗୁଡ଼ିକ ମଧ୍ୟରେ ଅନାବଶ୍ୟକ ଓ ଗୁରୁତ୍ୱହୀନ ଜିନିଷ ପାଇବାର ଲୋଭ ଅନ୍ୟତମ। ଏହା ଅପଚୟ ଓ ବିବେକହୀନ ଆଚରଣକୁ ବଢ଼ାଇଦିଏ। ଏହା ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାକୁ ମଧ୍ୟ ଆମନ୍ତ୍ରଣ କରେ। ବିକ୍ରି ହୋଇ ନପାରି ଗଚ୍ଛିତ ଥିବା ପୁରୁଣା, ନିକୃଷ୍ଟ ମାନଯୁକ୍ତ ଦ୍ରବ୍ୟକୁ ମାଗଣା ନାମରେ ବଣ୍ଟନ କରାଯାଏ। ରିହାତି ପୂର୍ବରୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରାଯାଇଥାଏ। ମାଗଣା ଆପ୍, ମାଗଣା ଅଫର୍ ବା ମାଗଣା ସର୍ଭିସ୍‌ରେ ଗୁପ୍ତସର୍ତ୍ତ ଥାଏ। ମାଗଣା ଟ୍ରାୟାଲ୍ ସ୍କିମରେ ପ୍ରଥମେ କିଛି ଦିନ କିମ୍ବା ମାସ ମାଗଣାରେ ବ୍ୟବହାର କରିବାକୁ ଦିଆଯାଇ ଜନସାଧାରଣଙ୍କୁ ଅଭ୍ୟସ୍ତ କରାଇବା ପରେ ଏଥିପାଇଁ ଟଙ୍କା ଦେବାକୁ ବାଧ କରାଯାଏ, ଯାହାର ଏକ ବଳିଷ୍ଠ ଉଦାହରଣ ଜିଓ କମ୍ପାନୀର ମାଗଣା ଡାଟା ଯୋଜନା। ଲୋକେ କେବଳ ମାଗଣା ଉପହାର ପାଇବା ପାଇଁ ଅନଲାଇନ୍‌ରେ ମାଗଣା 'ସିପିଂ' ପାଇବା ପାଇଁ ଏବଂ ମାଗଣା କୁପନ୍/କୋଡ୍‌କୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ଅନାବଶ୍ୟକ ସାମଗ୍ରୀ କିଣିଥା'ନ୍ତି। ଏହାଛଡ଼ା ଆଜିକାଲି ମାଗଣା ନାମରେ ଠକାମୀ ଘଟଣା ମଧ୍ୟ ବଢ଼ିଚାଲିଛି। ମାଗଣା ରିଚାର୍ଜ, ମାଗଣା ଉପହାର ବା ମାଗଣା ଅଫର୍ ଭାବରେ ଲୋକଙ୍କ ଫୋନ୍ ନମ୍ବର, ଇମେଲ୍ ଭଳି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଘଟଣା ଘଟୁଛି।

ବିଶ୍ୱରେ ଅନେକଦେଶ ଅଧିକ ପରିମାଣରେ ମାଗଣା ସୁବିଧା ବଣ୍ଟନ କରିବାରୁ ଦେଶର ଅର୍ଥନୀତି ଦୁର୍ବଳ ହେବା ସହିତ ଦୀର୍ଘମିଆଦୀ ସମସ୍ୟା ସୃଷ୍ଟି ହେଉଛି। ଭେନେଜୁଏଲା ସରକାର ବହୁବର୍ଷ ଧରି ମାଗଣା ଇନ୍ଧନ, କମମୂଲ୍ୟରେ ଖାଦ୍ୟ ଓ ଅନେକ ପଦାର୍ଥ ବଣ୍ଟନ କରିଥିଲେ। ଫଳସ୍ୱରୂପ ଦେଶ ଭୟଙ୍କର ମୁଲ୍ୟସ୍ଫୀତି, ଖାଦ୍ୟ ସଙ୍କଟ ଓ ଆର୍ଥିକ ଅସ୍ଥିରତାରେ ପଡ଼ିଲା। ଶ୍ରୀଲଙ୍କା ସରକାର ଦୀର୍ଘଦିନ ଧରି ମାଗଣା କୃଷି ସହାୟତା, ରାସାୟନିକ ଶସ୍ୟ ଓ ଖାଦ୍ୟ ବଣ୍ଟନ କରିବା ଫଳରେ ସରକାରୀ ଋଣ ବଢ଼ିଲା, ଦେଶ ଭୟାବହ ଆର୍ଥିକ ଓ ରାଜନୈତିକ ସଙ୍କଟରେ ପତିତ ହେଲା। ଗ୍ରୀସରେ ବର୍ଷବର୍ଷ ଧରି ମାଗଣା ସୁବିଧା, ରିହାତି, ସରକାରୀ ଖର୍ଚ୍ଚ ଓ ଅତ୍ୟଧିକ ସାମାଜିକ ସୁରକ୍ଷା ଯୋଜନା ଚାଲୁଥିଲା। ଏଥିଯୋଗୁଁ ୨୦୦୮ ପରେ ଦେଶ ଗଭୀର ଋଣ ସଙ୍କଟରେ ପଡ଼ିଲା। ଜିମ୍ବାୱେ ସରକାର ମାଗଣାରେ ଖାଦ୍ୟ ଓ ଧାନ ବାଣ୍ଟୁଥିଲେ। ଶେଷରେ ସେ ଦେଶର ଉତ୍ପାଦନ କମିଲା, ସରକାରୀ ଭଣ୍ଡାର ଖାଲି ହେଲା ଏବଂ ଭୟଙ୍କର ମୁଦ୍ରାସ୍ଫୀତି ସୃଷ୍ଟି ହୋଇ ଅର୍ଥନୀତିର ପତନ ଘଟିଲା।

'ମାଗଣା' ଏକ ଦୁଇଧାରୁଆ ଖଣ୍ଡା। ଗୋଟିଏ ପଟେ ଏହା ମନୁଷ୍ୟକୁ ଖୁସି, ଅଭିଜ୍ଞତା ଓ ଆତ୍ମତୃପ୍ତି ଦିଏ। ଅନ୍ୟପଟେ ଏହା ଲୋଭ, ଭ୍ରମ, ନିର୍ଭରତା ଓ ଲୁକ୍କାୟିତ ଖର୍ଚ୍ଚର ବ୍ୟୂହ ଭିତରେ ଆମକୁ ଆବଦ୍ଧ କରେ। ତେଣୁ ମାଗଣାର ମୋହରେ ଆଚ୍ଛନ୍ନ ନ ହୋଇ ଏହାର ବ୍ୟବହାରଗତ ଆବଶ୍ୟକତା ଓ ପରିଣାମକୁ ବିବେକବୁଦ୍ଧିର ସହିତ ବୁଝିବିଚାରି ଯଥାଯଥ ପଦକ୍ଷେପ ନେବା ହେଉଛି ସମୁଚିତ ଉପାୟ। ଅନ୍ୟଥା ମାଗଣାର ମାୟାଜାଲରେ କବଳିତ ହୋଇ ନିଜ କଷ୍ଟାର୍ଜିତ ଧନ, ବହୁମୂଲ୍ୟ ଜୀବନ ଓ ରାଷ୍ଟ୍ରକୁ ବିପଦ ମୁହଁକୁ ଠେଲିଦେବା ସାର ହେବ। ●

ଏମ୍ସ, ଭୁବନେଶ୍ୱର, ମୋ: ୯୪୮୧୩୩୬୧୨

## ବିକାଶରେ ଅନ୍ତରାୟ ଆତଙ୍କବାଦ

ସୁଧାଂଶୁ ପାତ୍ର

ଆତଙ୍କବାଦ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଓ ଚିନ୍ତାଜନକ ସମସ୍ୟା। କିନ୍ତୁ ଆତଙ୍କବାଦ ଦମନ ପଦକ୍ଷେପରେ ସରକାରଙ୍କ ଟାଳଟୁଳ ନୀତି ଓ ବିଳମ୍ବ ହିଁ ଆତଙ୍କବାଦୀଙ୍କୁ ଅଧିକ ଉତ୍ସାହିତ କରୁଛି, ଯାହାର ସଦ୍ୟତମ ଉଦାହରଣ ରୂପେ ଅଷ୍ଟ୍ରେଲିଆ ବେଳାଭୂମିରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣକୁ ନିଆଯାଇପାରେ। ଆତଙ୍କବାଦୀ କାର୍ଯ୍ୟକଳାପ, ସେମାନଙ୍କ ସ୍ଥିତି ଓ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ସଂଗ୍ରହ କ୍ଷେତ୍ରରେ ପ୍ରମୁଖ ଭୂମିକା ହେଉଛି ଗୁଇନ୍ଦା ସଂସ୍ଥାମାନଙ୍କର। କାରଣ ଗତ କିଛିମାସମଧ୍ୟରେ ଭାରତରେ ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରୁ ଆରମ୍ଭ କରି ନିକଟରେ ଦିଲ୍ଲୀ କାରବୋମା ବିସ୍ଫୋରଣ ପର୍ଯ୍ୟନ୍ତ ସବୁଥିରେ ଗୁଇନ୍ଦା ସଂସ୍ଥାର ବିଫଳତା ପ୍ରମାଣିତ ହୋଇଛି। ଅବଶ୍ୟ ଦିଲ୍ଲୀ କାର ବୋମା ବିସ୍ଫୋରଣରେ ଭାରତୀୟ ଗୁଇନ୍ଦା ସଂସ୍ଥାକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ମିଳିଛି, ଯାହାକି ପ୍ରମାଣିତ କରୁଛି ତୁର୍କୀର ପାକିସ୍ତାନୀ ସମ୍ପର୍କ। କିନ୍ତୁ ଏହାକୁ 'ପୋଷ୍ଟମୋର୍ଟମ କାମ' ବୋଲି କୁହାଯାଇପାରେ। କାରଣ ଏହି ତଥ୍ୟ ବା ସୂଚନା ଯଦି ଆଗରୁ ହାସଲ ହୋଇପାରି ଥା'ନ୍ତା ତେବେ ୧୨ଜଣଙ୍କ ଜୀବନରକ୍ଷା ହୋଇପାରିଥା'ନ୍ତା।



କାତାର ବିଶ୍ୱର ଅନ୍ୟତମ ଛୋଟ ଦେଶ। ମାତ୍ର ବହୁ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଂଗଠନମାନଙ୍କର ଏହା ଶରଣାସ୍ଥଳୀ। ଆମେରିକା 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ ଡେମୋକ୍ରେସିଜ୍' ତରଫରୁ ୨୦୧୭ ରେ ପ୍ରାପ୍ତ ଏକ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀଙ୍କୁ ପ୍ରଚୁର ଆର୍ଥିକ ସହାୟତା କରୁଛି କାତାର। ଆତଙ୍କବାଦୀ ସଂଗଠନ ଅଲକାଏଦାକୁ କୋଟି କୋଟି ଡଲାର ପ୍ରଦାନ କରୁଥିବା ଅବଦୁଲ ରହମାନ ଅଲ୍‌ନୁଆମା କାତାରର ନାଗରିକ। ଏପରିକି ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିଦ୍ ସେଖ ମହମ୍ମଦକୁ ମଧ୍ୟ କାତାର ମାଧ୍ୟମରେ କୋଟିକୋଟି ଡଲାର ମିଳୁଥିବା ରିପୋର୍ଟ ରହିଛି। ଏପରିକି ତାଲିବାନ ଓ କାତାରର ବିଚାରଧାରା ଏକ ବୋଲି କାତାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା କମିଟି ସ୍ପଷ୍ଟ କରିସାରିଛି। କାତାର ପକ୍ଷରୁ ଇରାନକୁ ମିଜାଇଲ୍‌ସ ଯୋଗାଇଥିବା ଅଭିଯୋଗ ଆଣି ୨୦୧୭ରେ ସାଉଦିଆରବ ସଂଯୁକ୍ତ ଆରବରାଷ୍ଟ୍ର ଓ ବାହାରିନ୍ କାତାର ସହ ସମ୍ପର୍କ କାଟିଥିବା ସୂଚନା ଅଛି। ଏବେ ନୂଆ ସମ୍ପର୍କ ତୁର୍କୀ ସହ ଯୋଡ଼ି ନୂଆ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଛି ପାକିସ୍ତାନ। ଜର୍ମାନୀ ଓ ତୁର୍କୀ ଠାରୁ ମିଳୁଥିବା ଅର୍ଥରେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ମଦ୍ରାସା ଓ ମସ୍‌ଜିଦ୍ ପାଇଁ ଜମି କିଣାଚାଲିଛି ବୋଲି ମଧ୍ୟ ରିପୋର୍ଟ ଅଛି।

ଆମେରିକାର ଏକ ବଡ଼ ସୈନ୍ୟ ଆଡ୍ଡା କତାରରେ ରହିଛି। ଏହାର ରାଜଧାନୀରେ ବସି ଇହୁଦୀମାନଙ୍କୁ ହତ୍ୟା କରିବା ଯୋଜନା ହମାସର ଆତଙ୍କବାଦୀମାନେ କରୁଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁ ଦେବୀମାନଙ୍କର ଅଶ୍ଳୀଳ ଚିତ୍ର ଆଙ୍କିଥିବା ଏମ୍.ଏଫ, ହୁସେନଙ୍କୁ କାତାର କେବଳ ଶରଣ ଦେଇନି, ଏକ ବଡ଼ ବଙ୍ଗଳା ମଧ୍ୟ ଉପହାର ଦେଇଛି। ନୁପୁର ଶର୍ମା ମାମଲାକୁ ନେଇ କାତାର ଭାରତରେ ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରିବା ଭୂମିକା ମଧ୍ୟ ନେଇଛି। ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଖଲିସ୍ଥାନୀ ଓ ଇସଲାମବାଦ ଆତଙ୍କବାଦୀକୁ କାତାର ପକ୍ଷରୁ ପ୍ରଚୁର ଅର୍ଥ ପ୍ରଦାନ କରାଯାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ତେଣୁ ଆମେରିକାର ଦୋହରା ନୀତି ବି କାତାରର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଦାୟୀ। କାତାରର ଆତଙ୍କବାଦୀ ଯୋଜନା ଓ ଆର୍ଥିକ ସହାୟତାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଗୁଇନ୍ଦା ସଂସ୍ଥାର ନଜର ଆହୁରି ତୀବ୍ର କରିବାକୁ ପଡ଼ିବ।

ଅନ୍ୟପକ୍ଷରେ ଆତଙ୍କବାଦ ଦମନ ଏବଂ ଆତଙ୍କବାଦୀଙ୍କ ସୀମା ପ୍ରବେଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ତେଣୁ ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ବହୁତ ପ୍ରଭାବ ରହିଛି। ଏଇ ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଭାରତ ସରକାର ଗୁରୁତ୍ୱ ଦେବା ସହିତ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଆତଙ୍କବାଦର ମୂଳୋତ୍ପାଟନ ଦିଗରେ ବିଶ୍ୱ ଜନମତ ସୃଷ୍ଟି ଉଦ୍ୟମ ଆବଶ୍ୟକ। ଭାରତ ଆତଙ୍କବାଦ ମୁକ୍ତ ହେଲେ ବିକଶିତ ଭାରତ ଗଠନ ସ୍ୱପ୍ନ ଆହୁରି ସୁଦୃଢ଼ ହେବ। ●

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

## ନାରୀ ଓ ବ୍ୟାୟାମ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ମଣିଷ ପ୍ରଜାତିର ଦୁଇଟି ଭିନ୍ନ ଭିନ୍ନ ଅଙ୍ଗ ହେଲେ ନାରୀ ଓ ପୁରୁଷ। ତେବେ ସେମାନଙ୍କ ମଧ୍ୟରେ ରହିଛି ଅନେକ ପ୍ରଭେଦ। ଶାରୀରିକ ଗଠନ ଓ ଚୟାପଚୟନଠାରୁ ଆରମ୍ଭ କରି ମାନସିକ ପ୍ରକ୍ରିୟା ପର୍ଯ୍ୟନ୍ତ ସେମାନଙ୍କୁ ଦୁଇଟି ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ରୂପେ ଉଭା କରିଛି। ତାହାକୁ ନେଇ କିପରି ଭିନ୍ନ ହୋଇଛି ସେମାନଙ୍କ ଜୀବନଧାରା, ତାହାର ଅନ୍ୟତମ ଉଦାହରଣ ହେଲା ତାଙ୍କ ଶରୀର ଆବଶ୍ୟକ କରୁଥିବା ଶାରୀରିକ ଶ୍ରମ ବା ବ୍ୟାୟାମର ବିଭିନ୍ନତା।

ନିକଟରେ (ନଭେମ୍ବର, ୨୦୨୫) ଇଂଲଣ୍ଡର 'ବାଇଓ ବ୍ୟାଙ୍କ' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସୁସ୍ଥ ରହିବା ପାଇଁ ନାରୀମାନେ ପୁରୁଷମାନଙ୍କ ତୁଳନାରେ କମ୍ ବ୍ୟାୟାମ ଆବଶ୍ୟକ କରନ୍ତି। ଏହାର ଗବେଷକମାନେ ଦୀର୍ଘ ୮ ବର୍ଷ ଧରି ପ୍ରାୟ ୮୦ ହଜାର ପ୍ରାପ୍ତ ବୟସ୍କଙ୍କ ଦୈହିକ କାର୍ଯ୍ୟକଳାପ ଓ ହୃତପିଣ୍ଡର ସ୍ୱାସ୍ଥ୍ୟ ଉପରେ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସେମାନଙ୍କ ମତରେ ସପ୍ତାହକୁ ନାରୀମାନେ ୨୫୦ ମିନିଟ୍ ବା ୪ଘଣ୍ଟା ଏବଂ ପୁରୁଷମାନେ ୫୩୦ ମିନିଟ୍ ବା ୯ ଘଣ୍ଟା ବ୍ୟାୟମ କଲେ ସେମାନଙ୍କ ଠାରେ ହୃତପିଣ୍ଡ ସଂପର୍କିତ ରୋଗର ଆଶଙ୍କା ପ୍ରାୟ ୩୦ ଶତାଂଶ ହ୍ରାସ ପାଏ।

ନାରୀ ଓ ପୁରୁଷ ଆବଶ୍ୟକ କରୁଥିବା ବ୍ୟାୟାମରେ ଏହି ତାରତମ୍ୟର ଅନ୍ୟତମ ମୁଖ୍ୟ କାରଣ ହେଲା ସେମାନଙ୍କ ହରମୋନ୍‌ର ବିଭିନ୍ନତା। ତାହା ଯଥାକ୍ରମେ ହେଲା 'ଏଷ୍ଟ୍ରୋଜେନ୍' ଓ 'ଟେଷ୍ଟୋଷ୍ଟେରୋନ୍'। ବ୍ୟାୟାମ କାଳରେ ସେମାନଙ୍କ ଠାରେ ସାମୟିକ ଏହାର ମାତ୍ରା ବୃଦ୍ଧି ଘଟେ। ପୁରୁଷମାନଙ୍କଠାରେ ଟେଷ୍ଟୋଷ୍ଟେରୋନ୍‌ର ମାଂସପେଶୀ ସୃଷ୍ଟିକାରୀ ପ୍ରଭାବ ରହିଛି। ମାଂସପେଶୀର ବସ୍ତୁତ୍ୱ ବୃଦ୍ଧି କରିବା ସହିତ ହାଡ଼ର ସାନ୍ଦ୍ରତା ବୃଦ୍ଧି କରାଏ ଏବଂ ଅଧିକ ପ୍ରଗାଢ଼ କାର୍ଯ୍ୟ କରିବା ଲାଗି ଶ୍ୱେତସାର ବ୍ୟବହାର କରି ଶକ୍ତି ଉତ୍ପାଦନ କରାଏ। ପୁରୁଷମାନଙ୍କ ହୃତପିଣ୍ଡ ଓ ଫୁସଫୁସ ଆକାରରେ ବଡ଼ ହୋଇଥିବା ବେଳେ ରକ୍ତରେ ହିମୋଗ୍ଲୋବିନ୍‌ର ସ୍ତର ମଧ୍ୟ ଉଚ୍ଚ। ଏହା ଅଧିକ ଅମ୍ଳଜାନ ଆବଶ୍ୟକ କରେ। ସେଥିପାଇଁ ସେମାନେ ଶୀଘ୍ର ହାଲିଆ ହୋଇପଡ଼ନ୍ତି ଏବଂ ସାଧାରଣ ଅବସ୍ଥାକୁ ଆସିବାକୁ ଅଧିକ ସମୟ ନିଅନ୍ତି।

ଅନ୍ୟପକ୍ଷରେ, ନାରୀମାନଙ୍କଠାରେ 'ଓଷ୍ଟ୍ରୋଜେନ୍'ର ପ୍ରଭାବ ହେତୁ ମାଂସପେଶୀ ସେତେଟା ଅସମ ହୁଏ ନାହିଁ। ସେମାନେ ଶ୍ରମକାଳରେ ଶକ୍ତି ପାଇଁ ସ୍ନେହସାରର ଜାରଣ ଉପରେ ଅଧିକ ନିର୍ଭରଶୀଳ ହୁଅନ୍ତି। ତେଣୁ ହଠାତ୍ ହାଲିଆ ହୋଇପଡ଼ନ୍ତି ନାହିଁ। ସେମାନଙ୍କ ହିମୋଗ୍ଲୋବିନ୍ ସ୍ତର କମ ଏବଂ ହୃତପିଣ୍ଡ ତୁଳନାତ୍ମକ ଭାବେ ସାନ। ଏଣୁ ବ୍ୟାୟାମ ବା ଶାରୀରିକ ଶ୍ରମ କାଳରେ ସେମାନଙ୍କ ହୃତ୍‌ସ୍ପନ୍ଦନ ହାର ପୁରୁଷ ତୁଳନାରେ ଅଧିକ ହୁଏ। ତେଣୁ ସେମାନେ ଶୀଘ୍ର ହାଲିଆ ହେବା ସ୍ଥିତିରୁ ମୁକୁଳି ଆସନ୍ତି।

'ଜେଣ୍ଡର ଇକ୍ୟୁଇଟି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ୨୦୨୪ ମସିହାରେ ଅନୁଷ୍ଠିତ ଆକଳନ ଅନୁସାରେ ଦୈନନ୍ଦିନ ଜୀବନରେ ନାରୀମାନେ ପୁରୁଷମାନଙ୍କ ତୁଳନାରେ ୧୩ ଶତାଂଶ କମ୍ ବିଶ୍ରାମ ସମୟ ପାଆନ୍ତି। କାରଣ ସେମାନେ ଅନେକ ସମୟ ଧରି ଗୃହକର୍ମରେ ଲିପ୍ତ ରହନ୍ତି। ତେବେ ଏ କାମ ଏତେଟା କଠୋର ନୁହେଁ। ଏହା ସତ୍ତ୍ୱେ ବି ଯେତିକି ଶାରୀରିକ ଶ୍ରମ ବା ବ୍ୟାୟାମ ନାରୀମାନଙ୍କର ସର୍ବନିମ୍ନ ଆବଶ୍ୟକତା, ସେମାନଙ୍କ ମଧ୍ୟରୁ ୪୩ ଶତାଂଶ ତାହା କରନ୍ତି ନାହିଁ। ତେବେ ଶ୍ରମଜୀବୀ ମହିଳାଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିବା ଦୃଷ୍ଟିରୁ ୨୦୩୦ ମସିହା ବେଳକୁ ଏହା ୩୨ ଶତାଂଶକୁ ହ୍ରାସ ପାଇବ ବୋଲି ମନେ କରାଯାଏ। ପୁରୁଷମାନଙ୍କ କ୍ଷେତ୍ରରେ ତାହା ଯଥାକ୍ରମେ ୨୭ ଶତାଂଶ ଓ ୧୯ ଶତାଂଶ।

କେବଳ ଭାରତୀୟ ମହିଳା କାହିଁକି, ସାରା ବିଶ୍ୱର ସମସ୍ତ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ୩୧ ଶତାଂଶ, ଅର୍ଥାତ୍ ୧.୮ ବିଲିୟନ ୨୦୨୨ ମସିହା ବେଳକୁ ଆବଶ୍ୟକସ୍ତରର ବ୍ୟାୟାମ ବା ଶାରୀରିକ ଶ୍ରମ କରୁ ନଥିଲେ। ଏଣୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସେମାନଙ୍କୁ ସପ୍ତାହକୁ ଅତିକମ୍‌ରେ୧୫୦ ମିନିଟ ସାଧାରଣ ଭାବେ କିମ୍ବା ୭୫ ମିନିଟ୍ କଠିନ ଭାବେ ଶ୍ରମ କରିବାକୁ ଉପଦେଶ ଦେଇଛି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA
ମଙ୍ଗଳବାର ୧୬ ଡିସେମ୍ବର, ୨୦୨୫ | ୦୭


**୯ମ ପେନ୍-ଇନ୍-ବୁକ୍ସ ଯୁବ ଲେଖକ ସମ୍ମାନ ସମାରୋହ**

# ସମ୍ମାନିତ ହେଲେ ୧୦ ଯୁବ ଲେଖକ

ଭୁବନେଶ୍ୱର,୧୫।୧୨(ସମିସ): ପ୍ରକାଶନୀ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ନବମ 'ଯୁବ ଲେଖକ ସମ୍ମାନ' ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଉତ୍ସବରେ ୧୦ଜଣ ଯୁବ ଲେଖକ ସେମାନଙ୍କ ପାଣ୍ଡୁଲିପି ନିମନ୍ତେ ୨୦୨୫ ମସିହା ପାଇଁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ୨୦୨୪ରେ ସମ୍ମାନିତ ଲେଖକଙ୍କ ପୁସ୍ତକ ମଧ୍ୟ ଏ ଅବସରରେ ପ୍ରକାଶ ପାଇଛି।

ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ଓ ଚିନ୍ତକ ଦାଶ ବେନହୁର ଏଭଳି ପ୍ରୟାସର ପ୍ରଶଂସା କରିବା ସହ ତରୁଣଙ୍କ ମନରେ ଆଶା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏ ଉତ୍ସବ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାଶିଳ୍ପୀ ତଥା କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ କହିଥିଲେ, ସଂଘର୍ଷ ନଥିଲେ ସଫଳତା ମିଳେ ନାହିଁ। ପୁରସ୍କାର ଜଣେ ଲେଖକକୁ ଅଧିକ ଦାୟିତ୍ୱବାନ କରିବା ସହ ଆଗକୁ ବାଟ କଢ଼ାଇନିଏ ବୋଲି କହିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ସମ୍ମାନର ପ୍ରବର୍ତ୍ତକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଥିଲେ, ଧୈର୍ଯ୍ୟ ଓ ଆତ୍ମସମୀକ୍ଷା ଜଣେ ଲେଖକର ସବୁଠୁ ବଡ଼ ଅଳଙ୍କାର।

## ୧୦ ପୁସ୍ତକ ଲୋକାର୍ପିତ

ସୂଚନା ଅନୁସାରେ, ୨୦୧୭ ମସିହାଠାରୁ ପ୍ରତିବର୍ଷ ପେନ୍ ଇନ୍ ବୁକ୍ସ ପକ୍ଷରୁ ୪୦ବର୍ଷରୁ କମ ବୟସର ୧୦ଜଣ ଯୁବ ଲେଖକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଗଳ୍ପ ପାଣ୍ଡୁଲିପି 'ଡେଣା ନଥିବା ଚଢ଼େଇ' ପାଇଁ ଶୁଭାଶିଷ ପଟ୍ଟନାୟକ, ଗଳ୍ପ ପାଣ୍ଡୁଲିପି 'ଭୟଙ୍କର ବର୍ଷାରାତି' ନିମନ୍ତେ ପ୍ରତିମା ପାତ୍ର, ଗଳ୍ପ ପାଣ୍ଡୁଲିପି 'ଦହିହାଣ୍ଡି' ପାଇଁ ଜିତେନ୍ଦ୍ର ସାହୁ, ଉପନ୍ୟାସ ପାଣ୍ଡୁଲିପି 'ଅଜ୍ଞାତବାସ' ପାଇଁ ଜନ୍ମେଜୟ ପଣ୍ଡା ଓ ଗଳ୍ପ ପାଣ୍ଡୁଲିପି 'ଟିସୁପେପର' ପାଇଁ ସ୍ରୋତସ୍ୱିନୀ ପରିଡ଼ାଙ୍କୁ



ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁରୂପ ଭାବେ କବିତା ପାଣ୍ଡୁଲିପି 'ତ୍ୟାଗର ଈଶ୍ୱରୀ' ପାଇଁ କୌଶିକ ଗିରି, ଗଳ୍ପ ପାଣ୍ଡୁଲିପି 'ଶେଷରାକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ସୁବ୍ରତ ପାତ୍ର, ଗଳ୍ପ ପାଣ୍ଡୁଲିପି 'ସ୍କେଚ୍' ପାଇଁ ଶିବ ଚରଣ ମହାପାତ୍ର, କବିତା ପାଣ୍ଡୁଲିପି 'କେହିଜଣେ ପ୍ରେମିକ ପୁରୁଷ' ପାଇଁ ଶୁଭସ୍ମିତା ତ୍ରିପାଠୀ ଓ କବିତା ପାଣ୍ଡୁଲିପି 'ଫୁଲ ଫୁଟିବାର ବେଳ' ପାଇଁ ଶୁଭଶ୍ରୀ ତନିମା ନାୟକଙ୍କୁ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ଆସନ୍ତା ବର୍ଷ ୧୦ମ ସମ୍ମାନ ଉତ୍ସବ ଅବସରରେ ସେମାନଙ୍କ ପୁସ୍ତକ ପ୍ରକାଶ ପାଇବ ବୋଲି ପେନ୍ ଇନ୍ ବୁକ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଉପଲକ୍ଷେ ୨୦୨୪ ମସିହାରେ ୮ମ ସଂସ୍କରଣରେ ସମ୍ମାନିତ ହୋଇଥିବା ୧୦ଜଣ ଲେଖକଙ୍କ ପୁସ୍ତକକୁ ଆଜି ଅତିଥିମାନେ ଲୋକାର୍ପଣ କରିଛନ୍ତି। ୨୦୨୫ ମସିହା ପାଇଁ ମୋଟ ୬୪ଟି ପାଣ୍ଡୁଲିପି ଗ୍ରହଣ କରାଯାଇଥିବା ବେଳେ ବିଚାରକ ମଣ୍ଡଳୀ ଦ୍ୱାରା ୧୦ ପାଣ୍ଡୁଲିପିକୁ ଚୟନ କରାଯାଇଛି। ଜଣାଶୁଣା ଲେଖକ ପ୍ରକାଶ ମହାପାତ୍ର, ପ୍ରବୀଣା ମହାନ୍ତି ଓ ଆଶିଷ କୁମାର ଗଡ଼ନାୟକ ଏଥର ବିଚାରକ ରହିଥିଲେ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସହମହାପ୍ରବନ୍ଧକ ତଥା କବି ପବିତ୍ର ମୋହନ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପୀତବାସ ହତ୍ୟା ମାମଲା

# ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ରାୟ ଆଜି

ବ୍ରହ୍ମପୁର, ୧୫।୧୨(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ସମ୍ପର୍କିତ ରାୟ ମଙ୍ଗଳବାର ପ୍ରକାଶ ପାଇବ ବୋଲି ଦିନ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ପୁଲିସ୍ ଏଯାବତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ଆଇନଜୀବୀ ମଦନ ମୋହନ ଦଳାଇ, ସୁନୀଲ ହୋତା ଓ ଶୂନ୍ୟଚନ୍ଦ୍ର ଦାସଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। ଗତ ୧୨ ତାରିଖରେ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ଗ୍ରାମ୍‌କୁ...

ଗ୍ରାମ ପିଛା ପ୍ରଥମ କରି ୧,୨୪,୧୦୦ ଟଙ୍କା ସ୍ତର ଛୁଇଁଛି। ତେବେ ସହରରେ ରୁପା କିଲୋ ପିଛା ୨,୦୯,୦୦୦ ଟଙ୍କା ରହିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ବର୍ତ୍ତମାନର ବିବାହ ଋତୁରେ ଲୋକେ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା ହେଉଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଅପରପକ୍ଷେ ଆଜି ନୂଆ ଦିଲ୍ଲୀର ସରାଫା ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୮ ୭୪ ଟଙ୍କା ବୃଦ୍ଧି ଘଟି ୧,୩୫,୪୯୬ ଟଙ୍କାରେ ପହଞ୍ଚିଛି।

### ଗଙ୍ଗାକୁ ବିପଦ...

ଉପକରଣ ସ୍ଥାପନ ପାଇଁ ଏକ ଗୁପ୍ତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ବରଫ ଝଡ଼ କାରଣରୁ ଏହି ଅଭିଯାନ ବିଫଳ ହୋଇ ଯାଇଥିଲା। ମାତ୍ର ସେହି ଉପକରଣ ରହସ୍ୟମୟ ଭାବେ ଅଦୃଶ୍ୟ ହୋଇଯାଇଥିଲା। ଆମେରିକା ଏବେ ମଧ୍ୟ ଏ ନେଇ କିଛି କହିବାକୁ ପଛଘୁଞ୍ଚା ଦେଉଛି।

ଆମେରିକାର ଗୁଇନ୍ଦା ସଂସ୍ଥା ସିଆଇଏ ଏହି ଅଭିଯାନ ଆରମ୍ଭ କରିଥିଲା। ରିପୋର୍ଟ ଅନୁସାରେ, ଚୀନ୍ ଉପରେ ନଜର ରଖିବା ପାଇଁ କୌଣସି ଉଚ୍ଚସ୍ଥାନରେ ଆଣ୍ଟିନା ଲଗାଇବାର ଆବଶ୍ୟକତା ଥିଲା। ଫଳରେ ଭାରତ-ଚୀନ ସୀମାରେ ୨୫, ୬୪୫ ଫୁଟ ଉଚ୍ଚର ନନ୍ଦାଦେବୀ ଶିଖରରେ ଏକ ଗୁଇନ୍ଦା ଆଣ୍ଟିନା ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଆଣ୍ଟିନାକୁ କ୍ରମାଗତ ଭାବେ ଶକ୍ତି ଯୋଗାଇବା ପାଇଁ ପ୍ଲୁଟୋନିୟମ ଚାଳିତ ୧୩ କେଜିର ଜେନେରେଟର ସ୍ନାପ-୧୯ ସିକୁ ନନ୍ଦାଦେବୀ ପର୍ବତ ଉପରକୁ ପର୍ବତାରୋହୀ ନେଇ ଯାଇଥିଲେ। ୧୯୬୫ ସେପ୍ଟେମ୍ବରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହି ଜେନେରେଟରକୁ ଧରିବା ପାଇଁ ସେରପାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କାରଣ ପ୍ଲୁଟୋନିୟମ ଥିବାରୁ ଏହି ଉପକରଣ ଉତ୍ତପ୍ତ ରହୁଥିଲା। ତେବେ ଚୂଡ଼ାନ୍ତ ପର୍ଯ୍ୟାୟ କାମ ଚାଲିଥିବାବେଳେ ଅକ୍ଟୋବର ୧୬ରେ ଅଚାନକ ବରଫ ଝଡ଼ ଆସିଥିଲା। ଏହି ଅଭିଯାନର ନେତୃତ୍ୱ ନେଉଥିବା ଭାରତୀୟ ଅଧିକାରୀ କ୍ୟାପ୍ଟେନ ଏମଏସ କୋହଲି ତୁରନ୍ତ ବେସ୍ କ୍ୟାମ୍ପକୁ ଫେରିବାକୁ କହିଥିଲେ। ଏହା ପରେ ବରଫ ମଧ୍ୟରେ ଡିଭାଇସକୁ ଲୁଚାଇ ପର୍ବତାରୋହୀ ଜିମ୍ ମ୍ୟାକାର୍ଥୀଙ୍କ ଦଳ ତଳକୁ ଫେରି ଆସିଥିଲେ। ଏହି ଡିଭାଇସରେ ଜାପାନର ନାଗାସାକିରେ ମାଡ଼ କରାଯାଇଥିବା ପରମାଣୁ ବୋମାର ଏକ ତୃତୀୟାଂଶ ପ୍ଲୁଟୋନିୟମ ଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ଏହି ଡିଭାଇସ ଆଉ ମିଳିନାହିଁ। ଏହାର ବର୍ଷେ ପରେ ଉପକରଣକୁ ଖୋଜିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲେ ବି ତାହା ମିଳି ନ ଥିଲା। ରାଡିଏସନ ଡିଟେକ୍ଟର, ଇନ୍ଫ୍ରାରେଟ ସେନ୍ସର ବି ଏହାର ସନ୍ଧାନ କରିପାରି ନ ଥିଲା। ପରେ ଆମେରିକା ରାଷ୍ଟ୍ରପତି ଜିମି କାର୍ଟର ଏହି ଉପକରଣକୁ ଖୋଜିବା ପାଇଁ ପ୍ରଧାନମନ୍ତ୍ରୀ ମୋରାର ଜୀ ଦେଶାଇଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯାନକୁ ଗୁପ୍ତ ରଖିବା ପାଇଁ କହିଥିଲେ। କିନ୍ତୁ ଏହି ଅଭିଯାନ ବି ସଫଳ ହୋଇ ନ ଥିଲା। ବିକିରଣର ସନ୍ଧାନ କରିବା ପାଇଁ ବିଭିନ୍ନ ସ୍ଥାନରେ ଗଙ୍ଗାଜଳର ପରୀକ୍ଷା କରାଯାଇଥିଲା। ଏହି ଅଭିଯାନରେ ସାମିଲ ବ୍ୟକ୍ତି ୯୦ ବର୍ଷରେ ପଦାର୍ପଣ କରିସାରିଲେଣି। କିନ୍ତୁ ଡିଭାଇନ ମିଳି ନ ଥିବାରୁ ତାଙ୍କ ମନରେ କ୍ଷୋଭ ରହିଛି। କ୍ୟାପ୍ଟେନ କୋହଲି ମୃତ୍ୟୁ ପୂର୍ବରୁ ଏହାକୁ ନେଇ ଅନୁତପ୍ତ ଥିଲେ।

ହଜିଥିବା ଏହି ଉପକରଣରୁ ରେଡିଓ ଆକ୍ଟିଭ ସାମଗ୍ରୀର ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରାଯାଇଥାଏ। ୬୦ ବର୍ଷ ପରେ ମଧ୍ୟ ଏହା ଭାରତ, ଗଙ୍ଗା ନଦୀ ଏବଂ ସମଗ୍ର ହିମାଳୟ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ବିକିରଣ ଲିକ୍ ହୋଇନାହିଁ ବୋଲି କୁହାଯାଇଛି। ତେବେ ବୈଜ୍ଞାନିକ ମାନେ ଚେତାବନୀ ଦେଇଛନ୍ତି ଯେ, ଏହି ହଜିଥିବା ଆଣବିକ ଉପକରଣ ଯୋଗୁଁ ଉତ୍ତାପ ସୃଷ୍ଟି ହେବାର ସମ୍ଭାବନା ରହିଛି ଓ ଏହା ଗଙ୍ଗାର ଜଳକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

### ଦିଲ୍ଲୀ ବାୟୁ...

ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବା ପ୍ରଦୂଷଣ ମାତ୍ରା ୫୦୦ ପାର କରିଛି। ଜିଆରଏପି-୪ ଲାଗୁ ହେବା ସତ୍ତ୍ୱେ ୱାଜିରପୁର ଓ ରୋହିଣୀ ଅଞ୍ଚଳରେ ଏକ୍ୟୁଆଇ ୫୦୦ରେ ପହଞ୍ଚିଛି। ଏଭଳି ସ୍ଥିତିରେ ଡାକ୍ତରମାନେ ଛୋଟପିଲା, ବୃଦ୍ଧ, ଶ୍ୱାସକ୍ରିୟା ସମସ୍ୟା ଥିବା ଲୋକଙ୍କୁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ପାଣିପାଗ ବିଭାଗ ଆକଳନ ଅନୁଯାୟୀ, ପବନର ବେଗ ବୃଦ୍ଧି ପାଇଲେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ପୁଣି ଜିଆରଏପି-୪ ଲାଗୁ କରାଯାଇଥିଲେ ମଧ୍ୟ ତାହା ପ୍ରଭାବହୀନ ସାବ୍ୟସ୍ତ ହୋଇଛି। ଗତ ଶନିବାର ଜିଆରଏପି-୩ ପରେ ଜିଆରଏପି-୪ ଲାଗୁ କରାଯାଇଥିଲା। କିନ୍ତୁ ସ୍ଥିତି ତଥାପି ଅପରିବର୍ତ୍ତିତ ରହିଛି। ଜିଆରଏପି-୪ କଟକଣା ଅନୁଯାୟୀ ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରୁଛନ୍ତି। ବଡ଼ ବାଣିଜ୍ୟିକ ଯାନବାହନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯିବା ସହିତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ହାଇବ୍ରିଡ ମୋଡରେ ସ୍କୁଲ ଚାଲିଛି। ଡିଜେଲ ଜେନେରେଟର, ଆରଏମ୍‌ସି ପ୍ଲାଣ୍ଟ, ପଥର କ୍ରସର, ଇଟା ଭାଟି ଓ ଖଣି ଉପରେ କଟକଣା ଲାଗୁ କରାଯାଇଛି। ସେହିପରି କଚ୍ଚା ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପରିବହନକୁ ମଧ୍ୟ ନିଷିଦ୍ଧ କରାଯାଇଛି। ଏହାସତ୍ତ୍ୱେ ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ।

ଅଗାମୀ ୬ ଦିନ ପର୍ଯ୍ୟନ୍ତ ଏହିଭଳି ଗମ୍ଭୀର ସ୍ଥିତି ରହିବାର ସମ୍ଭାବନା ରହିଛି। ବାୟୁ ଗୁଣବତ୍ତା ପ୍ରାରମ୍ଭିକ ସତର୍କତା ପ୍ରାଣାଳୀ (ଏକ୍ୟୁଇଡବ୍ଲ୍ୟୁଏସ୍) ଅନୁଯାୟୀ ଆଗାମୀ ୬ ଦନ ପର୍ଯ୍ୟନ୍ତ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ବର୍ଗରେ ରହିବା ଆଶାଙ୍କା କରାଯାଉଛି।

ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରର ୧୪ଟି ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। ୬ ଟି ବିମାନ ଉଡ଼ାଣ ଓ ୬ ଟି ବିମାନ ଅବତରଣ ବିଳମ୍ବିତ ହୋଇଛି। ଏହାସହିତ ଗୋଟିଏ ବିମାନ ଉଡ଼ାଣ ବାତିଲ ହୋଇଥିବା ବେଳେ ଅନ୍ୟ ଗୋଟିଏ ବିମାନ ବିମାନବନ୍ଦର ଆସି ନ ପାରିବାରୁ ବାତିଲ୍ ହୋଇଛି। ପ୍ରଭାବିତ ହୋଇଥିବା ବିମାନ ମଧ୍ୟରେ ଇଣ୍ଡିଗୋର ସର୍ବାଧିକ ୬ ଟି ବିମାନ ରହିଥିବା ବେଳେ ଏଆଇଏକ୍ସର ୨ ଟି ଓ ଏୟାର ଇଣ୍ଡିଆର ୨ ଟି ବିମାନ ରହିଛି। ବିମାନ ସେବା ପ୍ରଭାବିତ ନେଇ ବିଜୁ ବଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଇତିହାସ ପାଲଟିବ ମନରେଗା...

ନେତୃତ୍ୱାଧୀନ ୟୁପିଏ ସରକାର ବେଳେ ମନରେଗା ସ୍କିମ ଆରମ୍ଭ କରାଯାଇଥିଲା। ଗ୍ରାମାଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ଯୋଗାଇବା ଲାଗି ଏହି ସ୍କିମରେ ଗ୍ୟାରେଣ୍ଟି ଦିଆଯାଇଥିଲା ଏବଂ ଏହା ଗ୍ରାମ୍ୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହାକୁ ଗେମ ଚେଞ୍ଜର ବୋଲି କୁହାଯାଉଥିଲା। ତେବେ ଜି ରାମ ଜି ନାମରେ ସରକାର ଯେଉଁ ନୂଆ ସ୍କିମ୍ ଆଣିବାକୁ ଯାଉଛନ୍ତି ତାହାକୁ ବିକଶିକ ଭାରତ ସହିତ ଯୋଡ଼ା ଯାଇଛି। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

ତେବେ ମନରେଗାରେ କେନ୍ଦ୍ର ସରକାର ଶତ ପ୍ରତିଶତ ପାଣ୍ଠି ଯୋଗାଉଥିବା ବେଳେ ଜି ରାମ ଜି ସ୍କିମରେ ୬୦:୪୦ ଅନୁପାତ ରଖାଯାଇଛି। ଅର୍ଥାତ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ପାଣ୍ଠି ଯୋଗାଇବେ। ତେବେ ହିମାଳୟ ଅଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଏହି ଅନୁପାତ ୯୦:୧୦ ରହିବ। କେନ୍ଦ୍ର ଶାସିତ ଅଞ୍ଚଳରେ କେନ୍ଦ୍ର ସରକାର ଶତ ପ୍ରତିଶତ ପାଣ୍ଠି ଯୋଗାଇବେ। ଏହି ସ୍କିମ ପାଇଁ ବର୍ଷକୁ ୧.୫୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ଥିବା ବେଳେ କେନ୍ଦ୍ର ସରକାର ୯୫ ହଜାର ୬୯୨ ।।କୋଟି ଟଙ୍କା ଯୋଗାଇଦେବେ।

ତେବେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ବିଲ୍‌କୁ ବିରୋଧ କରିଛି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରଶ୍ନ କରିଛନ୍ତି ଯେ, ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାହିଁକି କଟାଯାଇଛି। ମହାତ୍ମା ଗାନ୍ଧୀଙ୍କୁ ନେଇ ଏ ସରକାର ଏତେ ଅସହିଷ୍ଣୁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଡିସେମ୍ବର ୧୨ରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର କ୍ୟାବିନେଟ ମନରେଗାର ନାମ ପରିବର୍ତ୍ତନ କରି ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା ରଖାଯିବ। ତେବେ ଏ ନେଇ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କିଛି ବିଜ୍ଞପ୍ତି ପ୍ରକାଶିତ ହୋଇ ନଥିଲା।

### ମହମ୍ମଦ ମୋକିମ୍...

ଯୁକ୍ତି ରଖିଛନ୍ତି। ଅନ୍ୟପଟେ ମୋକିମ ଏହି ପ୍ରସଙ୍ଗରେ କହିଛନ୍ତି, ମୋତେ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଛି। ମୁଁ କିଛି ଭୁଲ କରିନାହିଁ, ମୋ ବିଚାରଧାରା କଂଗ୍ରେସ ସହ ଅଛି, ଆଉ ରହିବ। ମୁଁ ରାଜନୀତି ୨୪ ଘଣ୍ଟା କରି ଆସୁଛି। ଏହା ଜାରି ରହିବ। ଲୋକଙ୍କ ସହ ସବୁବେଳେ ଜଡ଼ିତ ରହି ଆସିଛି, ଆଗକୁ ବି ଏହି ସବୁ କାର୍ଯ୍ୟ ଜାରି ରହିବ। କଂଗ୍ରେସ ମୋତେ ଦୂରେଇ ଦେଇଛି, କିନ୍ତୁ ମୋ ବିଚାରଧାରାକୁ ନୁହେଁ। ତାକୁ କେହି ବି ଦୂରେଇ ପାରିବେ ନାହିଁ। ରାଜନୀତି କରୁଥିଲି, ଆଗକୁ ମଧ୍ୟ କରିବି। ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଦୀର୍ଘ ଦିନ ରହିଥିଲି। ସେ ସବୁବେଳେ କୁହନ୍ତି 'ଡରୋ ମତ୍'। ତେଣୁ ମୁଁ ନ ଡରି ଦଳ ଭିତରେ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଦଳର ସର୍ବୋଚ୍ଚ ନେତ୍ରୀ ମାଡମ ସୋନିଆ ଗାନ୍ଧିଙ୍କଙ୍କୁ ଚିଠି ଲେଖିଥିଲି। କଂଗ୍ରେସ ଯାହା କରିଛି ମୁଁ ତାକୁ ସ୍ୱାଗତ କରୁଛି ବୋଲି ନିଜ ପ୍ରତିକ୍ରିୟାରେ ମୋକିମ କହିଛନ୍ତି।

ଅନ୍ୟପଟେ ପୂର୍ବତନ ପିସିସି ସଭପତି ନିରଞ୍ଜନ ପଟ୍ଟନାୟକ ଏହି ଘଟଣାରେ ମାପିଚୁପି ବୟାନ ଦେଇଥିଲେ ମଧ୍ୟ ମୋକିମଙ୍କ ପ୍ରତି ନରମ ମୋନଭାବ ଦେଖାଇଛନ୍ତି। ସେ କହିଛନ୍ତି, କଟକରେ ମୋକିମଙ୍କ ପାଇଁ ଆମେ ଜିତିଲୁ। ମୋକିମଙ୍କର କଂଗ୍ରେସ ପ୍ରତି ଅବଦାନ ବହୁତ ରହିଛି। ୧୯୮୦ ପରଠୁ କଟକରେ କଂଗ୍ରେସ ଜିତି ପାରୁ ନ ଥିଲା, ମୋକିମ ସେଠାରେ ଜିତାଇଛନ୍ତି। ଲଗାତାର ୨ ଥର କଟକରେ କଂଗ୍ରେସ ଜିତିଲାଣି, ଏବେ ତାଙ୍କ ଝିଅ ବିଧାୟିକା ଅଛନ୍ତି। ନୂଆପଡ଼ା ନିର୍ବାଚନ ବେଳେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଆବଶ୍ୟକତା ନାହିଁ ମନ୍ତବ୍ୟ ତାଙ୍କୁ ବାଧିଲା। ସେଥିପାଇଁ ଆମେ ସମସ୍ତେ ଦାୟୀ, ତାକୁ ଉପଶମ କରିବାର ଥିଲା। ନୂଆପଡ଼ାକୁ ନେଇ ଯେପରି କୁହାଗଲା ସେପରି କୁହାଯିବାର ନ ଥିଲା। ସେ ଯେଉଁ ଚିଠି ଲେଖିଲେ ସେଥିରେ କିଛି ସତ୍ୟ ଥାଇପାରେ ବୋଲି ନିରଞ୍ଜନ କହିଥିବା ବେଳେ ମାତ୍ର ସେ ଯେପରି ଭାବେ ଗଣମାଧ୍ୟମକୁ ଯାଇ କହିଲେ ତାହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ତେବେ ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି। କଂଗ୍ରେସ ପ୍ରତି ତାଙ୍କର ଦୁର୍ବଳତା ସହ କିଛି ଅସନ୍ତୋଷ ଅଛି ତାଙ୍କୁ ବୁଝାଇ ଅଣାଯିବା ଦରକାର ବୋଲି ନିରଞ୍ଜନ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି ହାଇକମାଣ୍ଡ ଏହି ନିଷ୍ପତ୍ତି ନେଇଛନ୍ତି, ତେଣୁ ଏ ବାବଦରେ ଅଧିକ କହିବିନି। ମାତ୍ର ନିଷ୍ପତ୍ତି ଉପରେ ଆଉ ଥରେ ବିଚାର କରିବା ଉଚିତ୍। କଟକର ସେ ଜଣେ ମଜବୁତ୍ ନେତା ଥିଲେ, କଟକରେ ପ୍ରଭାବ ପଡ଼ିବ ବୋଲି ନରସିଂହ କହିଛନ୍ତି। ତେବେ କଂଗ୍ରେସ ପକ୍ଷରୁ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ମୋକିମଙ୍କ ଚିଠି ଲେଖା ପରେ ଏହାକୁ ମିଡିଆରେ ପ୍ରଘଟ କରିବାର ନ ଥିଲା ବୋଲି କହିଛନ୍ତି। ସେ କହିଛନ୍ତି, ଦଳରେ ରହି କେନ୍ଦ୍ର ଓ ରାଜ୍ୟ ନେତୃତ୍ୱକୁ ସମାଲୋଚନା କରୁଥିଲେ। ଶୀର୍ଷ ନେତୃତ୍ୱକୁ ଟାହିଟାପରା କରୁଥିଲେ। ଏହା ଆଦୌ ଠିକ୍ ନୁହେଁ। ଏହାସହ ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଆଦୌ ଠିକ୍ ନଥିଲା ବୋଲି ଶ୍ରୀ ଦାସ କହିଛନ୍ତି।

### ବଢୁଛି ଆଦିବାସୀଙ୍କ...

ରଖିଛନ୍ତି। ଓଡ଼ିଶାରେ ଏହି ଆଇ କାର୍ଯ୍ୟକାରୀ କରିବା ପାଇଁ ସରକାର ବିଚାର କରୁଛନ୍ତି। ୨୦୨୪ ମସିହା ଅଗଷ୍ଟ ୩୦ ତାରିଖରେ ପଞ୍ଚାୟତିରାଜ ବିଭାଗରେ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଅଂଶୀଦାର ବିଭାଗ ସହ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗକୁ ସେମାନଙ୍କ ସମ୍ପୃକ୍ତ କ୍ଷେତ୍ରରେ ଚିଠା ପେସା ନିୟମର ସମୀକ୍ଷା ଏବଂ ଗଠନମୂଳକ ମତାମତ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ସମସ୍ତ ଆପତ୍ତି ଏବଂ ପରାମର୍ଶକୁ ବିଶ୍ଳେଷଣ କରି ସମ୍ପୃକ୍ତ ବିଭାଗର ଅଂଶୀଦାରଙ୍କ ସୁଚିନ୍ତିତ ପରାମର୍ଶ ନିଆଯାଇ ଓ ତାକୁ ତର୍ଜମା କରାଯାଇ ପେସା ନିୟମାବଳୀକୁ ସମସ୍ତ ପେସା ଅଞ୍ଚଳରେ ସମ୍ପୂର୍ଣ୍ଣ ଲାଗୁ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି।

ମନ୍ତ୍ରୀଙ୍କ ଏହି ଉତ୍ତର ଏବେ ଆଦିବାସୀ ସମାଜକୁ କ୍ଷୁବ୍ଧ କରିଛି। କଂଗ୍ରେସ ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି ଯେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର ରାଷ୍ଟ୍ରପତି ଆସନ ଆଦିବାସୀ ଅଳଙ୍କୃତ କରିବା ଆମ ପାଇଁ ଗର୍ବର ବିଷୟ। ମାତ୍ର ସମାନ ସମୟରେ ଆଦିବାସୀ ଉନ୍ନତି ଓ ବିକାଶ ପ୍ରତି ସରକାରଙ୍କର ଆନ୍ତରିକତା ଦେଖାଉ ନାହାନ୍ତି ଆଦିବାସୀ ନିଜର ଅଧିକାର ସାବ୍ୟସ୍ତ କରିପାରୁ ନାହାନ୍ତି। ଗୋଟିଏ ପଟେ ଆଦିବାସୀ ଅଞ୍ଚଳରୁ ସରକାର ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଛନ୍ତି। ସମାନ ସମୟରେ ଆଦିବାସୀଙ୍କ ଦୀର୍ଘଦିନର ଦାବି ପେସା ଆଇନର ସମ୍ପୂର୍ଣ୍ଣ ଲାଗୁ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି। ସରକାର ଏନେଇ ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ବେଳେ ଏହା ପାଣିର ଗାର ସାବ୍ୟସ୍ତ ହୋଇଛି। ଏପରିକି ଗୃହରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୫୩ ଜଣ ବିଧାୟକ ରହିଛନ୍ତି। ମାତ୍ର ସରକାର ନିଜ ଘୋଷଣା ଅନୁଯାୟୀ ଆମ ସହ ଥରୁଟିଏ ହେଲେ ମଧ୍ୟ ଏନେଇ ଚର୍ଚ୍ଚା କରିନାହାନ୍ତି ବୋଲି ଶ୍ରୀ ସାଉନ୍ତା କ୍ଷୋଭ ପ୍ରକାଶ କରିଛନ୍ତି।

ନିଜ ନିର୍ବାଚନୀ ଇସ୍ତାହାରଠାରୁ ଆରମ୍ଭ କରି ବିଜେପି ସରକାରର ପ୍ରଥମ ବିଧାନସଭା ଅଧିବେଶନରେ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ଆଇନ ଲାଗୁ ହୋଇଥିଲେ ରାଜ୍ୟର ଅନୁସୂଚିତ ଜନଜାତି ବହୁଳ ଜିଲ୍ଲାର ଆଦିବାସୀ ବେଶ୍ ଲାଭାନ୍ୱିତ ହୋଇଥାନ୍ତେ। ପେସା ଅଧିନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଏହି ଆଇନ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଗ୍ରାମସଭାର ନିଷ୍ପତ୍ତି ସର୍ବୋପରି ହୋଇଥିବା ବେଳେ ସ୍ଥାନୀୟ ଶାସନ ବ୍ୟବସ୍ଥାକୁ ଏହା ସୁଦୃଢ଼ କରିପାରିବ। ମାତ୍ର ସରକାର ଏହି ଆଇନ ଲାଗୁ କରିବାରେ ଲଗାତାର ଭାବେ ପଛଘୁଞ୍ଚା ଦେବାକୁ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ମେ ମାସରେ ଏକ ସମୀକ୍ଷା ବୈଠକରେ ପେସା ଆଇନ ଲାଗୁ କରିବା ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ପେସା ଆଇନ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯାହାକୁ ଏଯାବତ୍ ସରକାର କାର୍ଯ୍ୟକାରୀ କରିଲେ ନାହିଁ। ଆଇନ କାର୍ଯ୍ୟକାରିତା ଦିଗରେ ସରକାରଙ୍କ ଏପରି ନିଷ୍କ୍ରିୟତାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ଦିନରେ ଆଦିବାସୀଙ୍କର ଏନେଇ ଆନ୍ଦୋଳନାତ୍ମକ ପଦକ୍ଷେପକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପୁରୁଷବନ୍ଧୁଙ୍କୁ ମାଡ଼...

ସମୟରେ ୫ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ଏକ ନିକାଞ୍ଚନ ସ୍ଥାନରେ ତାଙ୍କୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ନାବାଳିକା ଏବଂ ପୁରୁଷବନ୍ଧୁ ସେମାନଙ୍କୁ ବିରୋଧ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ତାଙ୍କ ଆଖି ଆଗରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ନାବାଳିକାଜଣଙ୍କ ଯେତେ କାକୁତିମିନତି ହୋଇଥିଲେ ହେଁ ଯୌନପିପାସୁ ରାକ୍ଷସମାନେ କିଛି ଶୁଣି ନଥିଲେ। ପରେ ସେମାନେ ଉଭୟଙ୍କଠାରୁ ସୁନା, ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଏନେଇ ନାବାଳିକା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି। ଏହି ଘଟଣାରେ ନାବାଳିକା ଏବଂ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରାଯାଇଛି।

### ୪ ଗିରଫ...

ଥିଲେ। ଅପରପକ୍ଷରେ ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକମାନେ ବିଜୁ ଜନତା ଦଳର ସାମାଜିକ ଗଣମାଧ୍ୟମର ୬ ଜଣ କର୍ମୀଙ୍କ ନାମରେ ଅଭିଯୋଗ ସହ ଥାନା ଘେରାଉ ପ୍ରତ୍ୟାହାର କରିଛନ୍ତି । ଜାରକାଠାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏକ ସାମ୍ବାଦିକ ସମ୍ମିଳନୀ କରି ଏ ଘଟଣା ସମ୍ବନ୍ଧରେ ସେ ସାମାଜିକ ଗଣମାଧ୍ୟମରୁ ଜାଣିଲେ ବୋଲି ପ୍ରକାଶ କରିଛନ୍ତି। ମାତ୍ର ବିଧାୟକଙ୍କ ଏପରି ମନ୍ତବ୍ୟକୁ ବିଜେଡି ସମାଲୋଚନା କରିଛି। ଏହି ଘଟଣାରେ ନିଜେ ହିମାଂଶୁ ମୁଖ୍ୟ ସୂତ୍ରଧର ଓ ଲୋକ ପଠାଇ ସେ ଘଟଣା ଘଟାଇଛନ୍ତି। ଏବେ ନିଜକୁ ଏହି ଘଟଣାରୁ ଖସାଇ ଦେବା ପାଇଁ ବିଧାୟକ ଚେଷ୍ଟା କରୁଛନ୍ତି ବୋଲି ବିଜେଡି କହିଛି।


GOVERNMENT OF ODISHA
DEPARMENT OF WATER RESOURCES
OFFICE OF THE SUPERINTENDING ENGINEER,
EARTH DAM DIVISION, CHITRAKONDA
DISTRICT: MALKANGIRI
A-1125
E-mail ID -executiveengineereddckd@gmail.com
e- Procurement Notice No. SE-EDD-CKD-02/2025-26

The Superintending Engineer, Earth Dam Division, Chitrakonda on behalf of Hon' ble Governor of ODISHA invites On-line Percentage Rate tender in single cover system through e-procurement for execution of the following work. The bid should be submitted by eligible class of contractors On-line in the Govt. website www.tenderorissa.gov.in. The bidders should have necessary portal enrolment with own digital signature certificate. The registered bidders outside of ODISHA can also participate in this on-line tender process after necessary portal enrolment but shall have to subsequently undergo registration with the appropriate authority of the State Govt. before signing of the agreement. The bidders may submit online bids for any or all the following works.

Details as below:-
1. Name of Work: As per detailed Tender Call Notice.
2. Total No. of Works: 11 (Eleven) Nos.
3. Estimated cost of Works(s): Varies from Rs. 30.56 Lakhs to Rs. 8.41 Lakhs.
4. Period of completion: 04 Calendar Month to 02 Calendar Month.

| Procurement Officer | Bid -Identification No. | Availability and submission of Bids – on line | | Opening of Tender |
|---|---|---|---|---|
| | | Form | To | |
| 1 | 2 | 3 | 4 | 5 |
| Superintending Engineer, Earth Dam Division, Chitrakonda | SE-EDD-CKD- 02/2025-26 | 20.12.2025 10.00 A.M. | 30.12.2025 up to 5.00 PM. | 31.12.2025 At 10.30 A.M. on wards at O/o S.E.,Earth Dam Division, Chitrakonda. |

Further details can be seen from the Govt. web site www.tendersorissa.gov.in.
Corrigendum / addendum / Cancelation of tender can also be seen in the aforesaid website.
Sd/- Er. S. Sahu
Superintending Engineer,
Earth Dam Division, Chitrakonda
Malkangiri (O)
OIPR-32019/11/0010/2526



GOVERNMENT OF ODISHA
OFFICE OF THE PURI MUNICIPALITY, PURI
C-1794
Email: enfpuri.od@gov.in
NATIONAL COMPETITIVE BIDDING THROUGH e-Procurement
Identification No. P.M.05/2025-26
Notice No. 1108 / Date 10.12.2025

1. Type of Work: Civil Work. 2. Total No. of work : 41 Nos. of Individual Works, 3. Estimate Cost: Rs. 254230/- T0 Rs. 3394019/-, 4. Perovd of completion 45 to 150 Days, 5. Date & time of availability of bid document in the Portal: - from 03 P.M of 10.12.2025 to 05 P.M of 29.12.2025, 6. Last date/Time for receipt of bid in the portal: - up to 05 P.Mof 29,12.2025, 7. Date of Opening of bid 11 A.M. of dtd 30.12.2025, 8. Name & address of the officer inviting Bid: Executive Officer, Puri Municipality Puri. Further detail can be seen from the e-procurement portal www.tendersorissa.gov.in.

Executive Officer
Puri Municipality, Puri
OIPR-13159/11/0075/2526



O-1779
OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
Email: rd_bgh@yahoo.co.in
Gmail: rwd.bgh@gmail.com
e-Procurement Notice No. ONLINE-BGH- 21 OF 2025-26

| | | | | |
|---|---|---|---|---|
| 1 | | Name of the Work | : | Road work during 2025-26 in the district of Bargarh. |
| 2 | | EMD | : | @ 1% of the estimated cost put to tender |
| 3 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-21 OF 2025-26 | 16.12.2025 at 11.00 A.M. | 22.12.2025 upto 5.00 P.M. | 22.12.2025 upto 4.00 PM | 23.12.2025 at 11.00 A.M. |

Further details can be seen from the website www.tendersorissa.gov.in.
Sd/-
Executive Engineer
R.W. Division, Bargarh
OIPR-25062/11/0043/2526



**AFFIDAVIT**
I Arun Kumar Patra, S/o- Dibakar Patra, At-Palusia, Po-Gopinathpur, Ps-Bhograi, Dist-Balasore, Pin-756036, Odisha, declared by affidavit before Executive Magistrate, Bhograi No.6214 / 15.12. 2025, that I have changed of my daughter's name Hena Rani Patra to Hena Patra. Henceforth she shall be known as **Hena Patra** for all purpose.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF.NO- 02, dated 15-12-2025 I, **TERESA SINGH**, Permanent resident of At./Po-Goudagotha, Ps- Badagada, Dist-Ganjam, State- Odisha, PIN-761109, declare that I have changed my name from **TERSHITA SING** (Old name) to **TERESA SINGH** (New name), Henceforth, I shall be known as **TERESA SINGH** for all purposes.
Sd-( **TERESA SINGH** )

**AFFIDAVIT**
By virtue of an affidavit before the Notary Public, Sonepur, dtd.15.12.2025 I, GOUTAMA KARMI, Vill.: Nadianagar, P.O. Sundhipadar, P.S. Manamunda, Dist.: Boudh declare that my correct name is GOUTAMA KARMI and Date of Birth is 25/07/2007. But in my Aadhaar Card wrongly recorded as GAUTAM KARMI and my DOB as 21/04/2007. I hereby request that my name and DOB be read & recorded as GOUTAMA KARMI, D.O.B.-25/07/2007 for all purposes.

**AFFIDAVIT**
I, Mrs Geetanjali Pattanaik, wife of Mr Sambhu Nath Pattanaik, residence of Plot No.69/2217, Gangotrinagar, Lane -3A, Po: Sishupalgarh, Bhubaneswar, Dist: Khordha, Odisha-751002. Have change my name from Mrs Geetanjali Pattanaik(Existing Name) to Mrs **Gitanjali Pattanaik** (New Name) and Date of Birth 01 Apr 1970, as per affidavit dated 18h Nov 2025,at : Bhubaneswar, odisha

**AFFIDAVIT**
I, Dipendra Mahakuda, aged about 47 years, S/o- Nilamani Mahakuda, resident of At- Plot No- 396/1354, Paika Nagar, Near Delta Chhak, Baramunda, Ps-nayapalli, Dist- Khurda, Odisha, Pin-751003 declare by this affidavit No. 2521, dtd-15/12/2025, that now onwards I shall be known as **DIPENDRA KUMAR MAHAKUDA** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Kanika, CF.NO- 6742, dated 15-12-2025 I, **SARJAN KUMAR DAS,** Permanent resident of Vill./Po- Chhadesh, Ps-Rajkanika, Dist- Kendrapara, State-Odisha, PIN- 754227, declare that I have changed my name from **SAJAN KUMAR DAS** (Old name) to **SARJAN KUMAR DAS** (New name), Henceforth, I shall be known as **SARJAN KUMAR DAS** for all purposes.
Sd-( **SARJAN KUMAR DAS** )

**AFFIDAVIT**
By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that my actual name is **Jarasingh Suna, S/o- Minketan Suna** but in my Aadhaar card bearing no. 03121611397 my name has been wrongly mentioned as Darasingh Suna, S/o- Minketan Suna. Hence **Jarasingh Suna and Darasingh Suna** is one and same person.

**NOTICE**
(above 18 years of age)
By virtue of an affidavit sworn before Executive Magistrate Loisingha, Affidavit no. 173 dated 05.12.2025, SANGITA PANDE W/O Sarjan Bag, At - Taljuri, Po - Rengali, Ps/Dist - Balangir, Pin - 767024, Odish declare that I have changed my name from SANGITA BAG to SANGITA PANDE Henceforth, I shall be known as SANGITA PANDE for all purposes.
SANGITA PANDE

**AFFIDAVIT**
By virtue of an affidavit (No. 113, dtd- 15/12/2025) sworn before the Executive Magistrate, Karlamunda, Kalahandi. I, **Maunabati Bhoi,** W/o- Tikechandra Bhoi, permanent resident of AT-Sargul Malpada, PO- Sargul Malpada, PS- M. Rampur, District- Kalahandi, PIN-766031, Odisha declare that I have changed my name from **Baidehi Bhoi to Maunabati Bhoi.** Henceforth, I shall be known as **Maunabati Bhoi** (new name) for all purposes.
**Maunabati Bhoi**

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

■ ସୁଗୁଡା ବିଟ୍ ଅଞ୍ଚଳରେ ହାତୀ ଉପଦ୍ରବ

## ଭାଙ୍ଗିଲେ ପାଚେରୀ, ଖାଇଲେ ଧାନ ଓ ପନିପରିବା



ଦେବଗଡ,୧୫।୧୨(ସମିସ): ଦେବଗଡ ବନାଞ୍ଚଳ ତଥା ଦେବଗଡ ଫରେଷ୍ଟ ସେକ୍ସନ ସୁଗୁଡ଼ା ବିଟ୍ ଅଞ୍ଚଳରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ବନ ବିଭାଗ ଦ୍ୱାରା "ଗଜେନ୍ଦ୍ର' ନାମରେ ନାମିତ ଦନ୍ତା ହାତୀ ସୁଗୁଡ଼ା ବିଟ ଅଞ୍ଚଳର ଗୁଣ୍ଡୁରିପୋଶି ଆଦି ଗ୍ରାମରେ ପଶି ଧାନ ସମେତ ବିଭିନ୍ନ ପନି ପରିବା ଖାଇବା ସହ ଦଳି ନଷ୍ଟ କରିଥିଲା। ଉକ୍ତ ହାତୀଟି ୨ରୁ ୩ ଦିନ ହେଲା ରିଆମାଳ ବନାଞ୍ଚଳର ରେଙ୍ଗାଲବେଡା ସେକ୍ସନ ଅଞ୍ଚଳକୁ ଚାଲିଯାଇଥିବା ବେଳେ "ବିବିଓ-୧' ନାମରେ ନାମିତ ଗୋଠଛଡା ଦନ୍ତାହାତୀ ସମେତ ୪୬ଟି ହାତୀର ଅନ୍ୟ ଏକ ଦଳ ସୁଗୁଡା, ଝୁଁଟିଆପାଲି, ବୁଢିବିଲ, ଗୁଣ୍ଡୁରିପୋଶି ଓ ବାସୁଦେବପୁର ସମେତ ଆଖପାଖ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ହାତୀମାନେ ବାସୁଦେବପୁର ଗ୍ରାମରେ ଥିବା ସୁଗୁଡା ଗ୍ରାମର ଟିକି ସାହୁଙ୍କ କଦଳୀ ବଗିଚାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟକରିବା ସହ ଗୁଣ୍ଡୁରିପୋଶି ଗ୍ରାମର ଏକାଧିକ ଚାଷୀଙ୍କ ଧାନ ଓ ଟମାଟୋ ଫସଲ ନଷ୍ଟକରିଥିବା ଜଣାପଡିଛି। ବାସୁଦେବପୁର ଗ୍ରାମରେ ଥିବା ବାବା ବସୁଧେଶ୍ୱର ମନ୍ଦିରର ପାଚେରୀ ଭାଙ୍ଗିବା ସହ ନିକଟସ୍ଥ ସରକାରୀ ଖଳାରେ ଗଚ୍ଛିତ ଥିବା ଏକାଧିକ ଚାଷୀଙ୍କର ଅମଳ ଯୋଗ୍ୟ ଧାନ ଖାଇଦେଇଥିଲେ। ଅନୁରୂପ ଭାବେ ଗତକାଲି ରାତ୍ରୀରେ ସୁଗୁଡ଼ା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଚେରୀ, ସେଥିରେ ଲାଗିଥିବା ଲୁହା ଗ୍ରୀଲ ଓ ମୁଖ୍ୟ ଫାଟକ ଭାଙ୍ଗିଦେଇଥିବା ଜଣାପଡିଛି। ସେହିପରି ବୁଢିବିଲ ଗ୍ରାମର ଇନ୍ଦୁଭୂଷଣ ଗୁରୁଙ୍କ ଚାଷ ଜମିରେ ଥିବା ୨୦୦ ବିଡାରୁ ଊର୍ଦ୍ଧ୍ୱ ଧାନ ଖାଇଦେଇଥିବା ସୂଚନା ମିଳିଛି। ଫଳରେ ଆଖପାଖ ଅଞ୍ଚଳର ଚାଷୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇତିମଧ୍ୟରେ ୪୬ ଟିକିଆ ହାତୀ ଦଳ ବାସୁଦେବପୁର ନିକଟସ୍ଥ ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲେ ହେଁ ବର୍ତ୍ତମାନ ଗୋଠଛଡା "ବିବିଓ-୧' ଦନ୍ତାହାତୀଟି ବୁଢିବିଲ ଓ ଶ୍ରୀନିବାସପୁର ଗ୍ରାମ ନିକଟରେ ରହିଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଣୁ ବନ ବିଭାଗ କର୍ତ୍ତୃପକ୍ଷ ଉକ୍ତ ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କୋଲାବିରାରେ ୩୨ ଟିକିଆ ହାତୀ ପଲ



କୋଲାବିରା,୧୫ ।୧୨(ସମିସ): କୋଲାବିରା ବନାଞ୍ଚଳକୁ ୩୨ ଟିକିଆ ହାତୀ ପଲ ପଶି ଆସିଥିବା ଦେଖିବାକୁ ମିଳିଛି। ଜମନକିରା ଅଞ୍ଚଳରୁ ବାହାରି କୁଚିଣ୍ଡା ଦେଇ କୋଲାବିରା ବନାଞ୍ଚଳ ଲରିଆପାଲିକୁ ରବିବାର ରାତିରେ ଏହି ହାତୀ ପଲ ପଶି ଆସିଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଡ୍ରୋନ୍ ସାହାର୍ଯ୍ୟରେ ଉତ୍ତୋଳନ କରାଯାଇଥିବା ଚିତ୍ରରୁ ଏହା ସ୍ପଷ୍ଟ ହୋଇଛି। ତେବେ ଏତେ ସଂଖ୍ୟକ ହାତୀଙ୍କ ଉପସ୍ଥିତି ବନ ବିଭାଗ ପାଇଁ ଚିନ୍ତାର କରାଣ ସାଜିଛି। ଜନସାଧାରଣ ଆତଙ୍କିତ ଅଛନ୍ତି। ଏପର୍ଯ୍ୟନ୍ତ କାହାରି କିଛି କ୍ଷତି କରିନଥିବା ବେଳେ ହାତୀ ପଲ ଗୋଟିଏ ଦିନ ରହିବାପରେ ଲରିଆପାଲି ଜଙ୍ଗଲରୁ ବାହାରି ନିକଟସ୍ଥ ଜାମଚୁଆଁ ଜଙ୍ଗଲକୁ ପ୍ରବେଶ କରିଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ହାତୀଙ୍କ ଜଗିବାର ବ୍ୟବସ୍ଥା କରାଯାଇଛି। ଏନେଇ କୋଲାବିରା ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲାଙ୍କୁ ପଚାରିବାରୁ ନିଜେ ଘଟଣା ସ୍ଥଳରେ ଉପସ୍ଥିତ ରହି ମୋନିଟରିଙ୍ଗ କରୁଥିବା ଓ ଜିଲ୍ଲା ମୁଖ୍ୟାଳୟ ବ୍ୟତିତ ଅନ୍ୟାନ୍ୟ ରେଞ୍ଜର କର୍ମଚାରୀଙ୍କୁ ନେଇ ଗଠିତ ୬ଟି ଟିମ୍ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି। ଏଥିସହ ଏହି ଅଭିଯାନରେ ଅଞ୍ଚଳର ୫୦ ଜଣ ଗଜସାଥି ମଧ୍ୟ ସାମିଲ ହୋଇଛନ୍ତି। ଡ୍ରୋନ ସାହାର୍ଯ୍ୟରେ ହାତୀଙ୍କ ଗତୀବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହା ସହିତ ଜଙ୍ଗଲ ସୀମାବର୍ତ୍ତି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଭୋର ସକାଳୁ ଏବଂ ସଂଧ୍ୟା ପରେ ବାହାରକୁ ନ ବାହାରିବା ପାଇଁ ସଚେତନ କରାଯାଉଛି। ଏଥିସହ ହାତୀ ପଲ ଯେପରି କୌଣସି କ୍ଷୟକ୍ଷତି ନ କରନ୍ତି ସେଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରାଯାଉଛି। ହାତୀଗୁଡିକ ଯେଉଁ ଅଞ୍ଚଳ ଦେଇ ଗତି କରୁଛନ୍ତି ସେ ଅଞ୍ଚଳକୁ ଘେରାବନ୍ଦି କରାଯାଇ ଜନବସତି ଭିତରକୁ ଯେପରି ହାତୀମାନେ ପଶି ନ ପାରନ୍ତି ସେ ଉପରେ ଦୃଷ୍ଟି ରଖାଯାଇଛି। ତୁରନ୍ତ ନହେଲେ ମଧ୍ୟ କିଛି ବ୍ୟବଧାନ ମଧ୍ୟରେ ହାତୀ ପଲ ଦୂର ସ୍ଥାନକୁ ଚାଲିଯିବାର ଅନୁମାନ କରାଯାଉଛି ବୋଲି କହିଛନ୍ତି ରେଞ୍ଜର ଶ୍ରୀ ଜଗଦଲା।

## ଠିକା କାମ ପିସି ମଗାକୁ କେନ୍ଦ୍ରକରି ପିଇଓଙ୍କୁ ମାଡ଼ ଅଭିଯୋଗ

ଦେବଗଡ଼,୧୫।୧୨(ସମିସ): ବାରକୋଟ ବ୍ଲକ ଦନ୍ତାରୀବାହାଲ ପଞ୍ଚାୟତ ପିଇଓ ତୁଲନ ସିଂ ନାଏକଙ୍କୁ ଆଜି କାର୍ଯ୍ୟାଳୟ ପରିସରରେ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପିଇଓ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଆଧାରରେ ଦେବଗଡ଼ ପୁଲିସ ଅଭିଯୁକ୍ତ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ପିଇଓ ଶ୍ରୀ ନାଏକଙ୍କ ବିରୁଦ୍ଧରେ ମଧ୍ୟ ପାଲଟା ଅଭିଯୋଗ ଆଧାରରେ ପୁଲିସ ଅନ୍ୟ ଏକ ମାମଲା ରଜୁ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଦନ୍ତାରୀବାହାଲ ଗ୍ରାମ ପଞ୍ଚାୟତ ପିଇଓ ତୁଲନ ସିଂ ନାଏକ ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ବାଣ୍ଟୁଥିବା ସମୟରେ ସେହି ଗ୍ରାମର କ୍ଷୀରୋଦ କୁମାର ଭୋଇ ନାମକ ଯୁବକ ତାଙ୍କ ନିକଟକୁ ଆସି ଗାଳି ଗୁଲଜ କରିବା ସହ ମାଡ଼ ମାରି ହତ୍ୟା ଧମକ ଦେଇଥିବା ନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନାପୁଲିସ ବିଭିନ୍ନ ଦଫାରେ କ୍ଷୀରୋଦ ନାମରେ ମାମଲା ରୁଜୁ କରିଥିବା ବେଳେ କ୍ଷୀରୋଦ ପଞ୍ଚାୟତର ଏକ କଂକ୍ରିଟ କେନାଲ କାର୍ଯ୍ୟ କରିଥିଲେ ମଧ୍ୟ ପଞ୍ଚାୟତ ପକ୍ଷରୁ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯାଉନଥିବାରୁ ସେ ଆଜି ତାଙ୍କ ପ୍ରାପ୍ୟ ସମ୍ପର୍କରେ ପିଇଓଙ୍କ ସହ କଥାବାର୍ତ୍ତା ହେବାକୁ ଯାଇଥିବା ବେଳେ ପିଇଓ ଶ୍ରୀ ନାଏକ ତାଙ୍କୁ ୩୦ ପ୍ରତିଶତ ପିସି ମାଗିବାରୁ କଥାକଟାକଟି ହୋଇଥିଲା। ପିଇଓ ଶ୍ରୀ ନାଏକ ତାଙ୍କୁ ଟଣାଓଟରା କରି ମାଡ଼ ମାରିବା ସହ ତାଙ୍କ ଟି ସାର୍ଟ ଚିରି ଦେଇଥିବା ଏବଂ ମାଓବାଦୀଙ୍କ ସହ ତାଙ୍କ ସମ୍ପର୍କ ଥିବା ଦର୍ଶାଇ ଜୀବନରୁ ମାରିଦେବା ଧମକ ଦେଇଥିବା ନେଇ ପିଇଓଙ୍କ ବିରୁଦ୍ଧରେ କ୍ଷୀରୋଦ ମଧ୍ୟ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। କ୍ଷୀରୋଦଙ୍କ ଅଭିଯୋଗ ଆଧାରରେ ପୁଲିସ ଅନ୍ୟ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଏହି ଘଟଣା ଆଜି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଝାରସୁଗୁଡ଼ା ଜିଲ୍ଲାରେ ଧାନ କିଣା ଠପ୍

# ଖୋଲା ଆକାଶ ତଳେ ପଡିଛି ବସ୍ତା ବସ୍ତା ଧାନ



- ଦିଆଯାଇନି ଟାର୍ଗେଟ, ମିଲର୍ସ ଟ୍ୟାଗ
- ମଣ୍ଡି ଆରମ୍ଭ ନେଇ ଯୋଗାଣ ଅଧିକାରୀଙ୍କ ପାଖରେ ନାହିଁ ସଠିକ୍ ସୂଚନା

ଝାରସୁଗୁଡା,୧୫।୧୨(ସମିସ):

ଝାରସୁଗୁଡ଼ା ଜିଲ୍ଲାରେ ଠପ୍ ହୋଇଛି ଧାନ କିଣା। ଗତ ୯ ତାରିଖରୁ ଧାନ କିଣା ଆରମ୍ଭ କରାଯାଇଥିଲେ ହେଁ ଚାଷୀମାନେ ବିକ୍ରି କରି ପାରୁନାହାନ୍ତି ଧାନ। ସମବାୟ ସମିତି ପକ୍ଷରୁ ଏଯାଏଁ ଟାର୍ଗେଟ ଦିଆଯାଇ ନଥିବା ବେଳେ ମିଲର୍ସ ଟ୍ୟାଗ ମଧ୍ୟ କରାଯାଇ ନାହିଁ। ଯାହାଫଳରେ ଧାନ କିଣାରେ ଅଚଳ ଅବସ୍ଥା ଦେଖାଦେଇଛି। ଫଳରେ ଝାରସୁଗୁଡ଼ା ଜିଲ୍ଲାରେ ଏବେ ସବୁଠି ପଡିଛି ଗଦାଗଦା ଧାନ। ଏହି ଧାନ ରଖିବା ପାଇଁ ଚାଷୀଙ୍କ ପାଖରେ ଜାଗା ନଥିବାରୁ ଖୋଲା ଆକାଶ ତଳେ ଗାଁ ଦାଣ୍ଡରେ ପଡି ରହିଛି ବସ୍ତା ବସ୍ତା ଧାନ। ବିଲରୁ ଅମଳ କରି ଆଣିଥିଲେ ହେଁ ସୁରକ୍ଷିତ ଭାବରେ ଧାନକୁ ରଖି ପାରୁ ନାହାଁନ୍ତି ଚାଷୀ। ଅନେକ ଗାଁରେ ଗ୍ରାମ ଖଳା ନଥିବାରୁ ଗାଁ ଦାଣ୍ଡରେ ଚାଷୀର ଧାନ ପଡିରହିଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଧାନଗୁଡିକ ଗାଁ ଦାଣ୍ଡରେ ପଡିରହି ଗାଈଗୋରୁ, ମୂଷା, ପାରା ପରି ପଶୁପକ୍ଷୀଙ୍କ ଦ୍ୱାରା ନଷ୍ଟ ହେଉଛି। ବେଶୀ ଦିନ ଏହି ଖୋଲା ଆକାଶ ତଳେ ପଡି ରହିଲେ ଧାନର ମାନ ମଧ୍ୟ ହ୍ରାସ ପାଇବାର ଆଶଙ୍କା ରହିଛି। ଯାହା ଏବେ ଚାଷୀଙ୍କ ଚିନ୍ତାକୁ ବଢ଼ାଇଛି। କିଛି ଚାଷୀ ଏହି ଧାନକୁ ଅଖା ବସ୍ତାରେ ଭର୍ତ୍ତି କରି ଘର ବାରଣ୍ଡାରେ ରଖିଛନ୍ତି। କେବେ ଟୋକନ ମିଳିବ ଏବଂ ଧାନ ବିକ୍ରି କେବେ କରିବେ ସେନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗର ଅବହେଳା ଯୋଗୁଁ ଧାନ ବିକ୍ରି ପୂର୍ବରୁ କ୍ୱିଣ୍ଟାଲ ପ୍ରତି ୫୦ ଟଙ୍କା କ୍ଷତି ସହୁଛନ୍ତି ଚାଷୀ। ଅନ୍ୟପଟରେ ଚାଷୀଙ୍କୁ ଚଳିତ ବର୍ଷ ଧାନ ଭର୍ତି କରିବା ପାଇଁ ମିଲର୍ସମାନଙ୍କ ପକ୍ଷରୁ ଆଗୁଆ ଅଖା ବସ୍ତା ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଯାହାଫଳରେ ଚାଷୀ ଗୋଟିଏ ବସ୍ତାକୁ ୨୦ ରୁ ୨୫ ଟଙ୍କା ଦେଇ ବଜାରରୁ କିଣି କ୍ୱିଣ୍ଟାଲ ପ୍ରତି ୪୦ ରୁ ୫୦ ଟଙ୍କା କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। କିଛି ଚାଷୀ ପ୍ଲାଷ୍ଟିକ ବସ୍ତା କିଣି ନିଜ ଧାନ ଭର୍ତ୍ତି କରିଥିଲେ। କିନ୍ତୁ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରାଯାଇଥିବା ଧାନକୁ କିଣିବା ପାଇଁ ମିଲରମାନେ ମନା କରୁଥିବାରୁ ଏହି ଧାନକୁ ପୁଣି ଅଖା ବସ୍ତାରେ ଭର୍ତ୍ତି କରିବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବ ଚାଷୀ। ତେଣୁ ସରକାର ଶୀଘ୍ର ଧାନ କିଣିବାର ବ୍ୟବସ୍ଥା କରନ୍ତୁ, ନଚେତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଝାରସୁଗୁଡ଼ା ଜିଲ୍ଲାର ଚାଷୀକୁଳ କହିଛନ୍ତି। ଅନ୍ୟପଟେ ଜିଲ୍ଲାରେ କେବେଠୁ ଧାନ କିଣା ସ୍ୱାଭାବିକ ହେବ ସେନେଇ ସଠିକ୍ ସୂଚନା ନାହିଁ; ତଥାପି ଆଉ ଦିନେ ଦୁଇ ଦିନ ମଧ୍ୟରେ ଧାନ କିଣା ସ୍ୱାଭାବିକ ହେବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ।

## କ୍ରୀଡା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଝାରସୁଗୁଡ଼ା,୧୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଅଥଲେଟିକ ଆସୋସିଏସନ ତଥା କ୍ରୀଡା ସଂସଦ ପକ୍ଷରୁ ବ୍ରଜରାଜନଗର ମଣ୍ଡଳିଆ ଭିଏସଏସ ଷ୍ଟାଡିୟମଠାରେ ଚାଲିଥିବା ଦ୍ୱି ଦିବସିୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ ଇବିଭେଲି ଏରିଆ ସହାୟତାରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତର ଶନିବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜେନେରାଲ ମ୍ୟାନେଜର ଏମ୍‌ସିଏଲ ଇବଭେଲି ଏରିଆ ଜିତେନ୍ଦ୍ର ତିୱାରି ଯୋଗଦେଇଥିଲେ। ଏପିଏମ୍ ଏମ୍‌ସିଏଲ ଦ୍ୱାରିକା ପ୍ରସାଦ, ଡିଏଭି ସ୍କୁଲ ପ୍ରିନ୍ସିପାଲ ସୁଶାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ଅଥଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବ୍ରିଜେଶ ଶର୍ମା,ସନ୍ଦୀପ ଅବସ୍ତି, ବିଜୟ ଦାସ, ବିଜୟ ବେହେରା, ଗଣେଷ ନାୟକ,ଜୀବନ ମହାନ୍ତି, ମାନସ ଆଚାର୍ଯ୍ୟ, ସୁଶାନ୍ତ ମାଲି,ରୋମାଞ୍ଚ ପଟେଲ, ପ୍ରତିଭା ମହାପାତ୍ର, କୈଳାଶ ନାୟକ,ସଂଗ୍ରାମ ପାଇକରାୟ, ସତପାଲ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୧୩୦ ଗୋଟି ଇଭେଣ୍ଟ ଆୟୋଜନ କରାଯାଇଥିଲା। ଆୟୋଜିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲା ଅଥଲେଟିକ ଆସୋସିଏସନର ୪୦ ଜଣରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ରବିବାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ କୃତିତ୍ୱ ଅର୍ଜନ କରି ଚୟନ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଧାନ ବିକ୍ରି ଅନିୟମିତତା ପ୍ରତିବାଦରେ ଦାବିପତ୍ର



ଇବଥର୍ମାଲ,୧୫।୧୨(ସମିସ): ଲଖନପୁର ବ୍ଲକ୍ କୃଷକ ସଙ୍ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସିଂହାରପୁର ଶିବ ମନ୍ଦିର ପ୍ରାଙ୍ଗଣରେ ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ସବୁ ପଞ୍ଚାୟତ ଅଞ୍ଚଳରେ ଥିବା ଅଗ୍ରଣୀ ଚାଷୀମାନେ ଯୋଗଦେଇ ଚଳିତ ବର୍ଷର ଖରିଫ ଧାନ କିଣାରେ ଅବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପ୍ରାୟ ୭୦ ଭାଗ ଚାଷୀଙ୍କ ପଞ୍ଜୀକରଣ ଅନୁସାରେ ଟୋକନ ଆସି ନଥିବା କାରଣରୁ କ୍ଷୋଭ ପ୍ରକାଶ କରିଥିଲେ। ପରେ ଲଖନପୁର ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ବୁଧବାର ସୁଦ୍ଧା ଚାଷୀଙ୍କ ଦାବି ପୂରଣ ନହେଲେ କୃଷକ ସଂଗଠନ ପକ୍ଷରୁ ରାଜରାସ୍ତାରେ ଧାନ ରଖି ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏଥିପାଇଁ ଯାହା କିଛି ସମସ୍ୟା ସୃଷ୍ଟି ହେବ ସରକାର ଦାୟୀ ରହିବେ।

■ ବିପିଏମ୍ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଫୁଟବଲ କପ୍

## କୁଡାଲୋଇ ଏଫ୍‌ସି ଚାମ୍ପିଅନ୍



ଝାରସୁଗୁଡା,୧୫।୧୨(ସମିସ): ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଭଇଁରଖୋଲ ଖେଳ ପଡିଆରେ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ କପ୍ ଅନୁଷ୍ଠିତ ହୋଇଛି। ଏହି ଏକ ଦିବାସୀୟ ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରଥିଲେ। ଫାଇନାଲ ମ୍ୟାଚ୍ ଭଇଁରଖୋଲ ଏଫସି ଏବଂ କୁଡାଲୋଇ ଏଫସି ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମିମାଂସିତ ରହିଥିଲା। ଏହାପରେ ଉଭୟ ଦଳ ମଧ୍ୟରେ ହୋଇଥିବ ପେନାଲ୍ଟି ସୁଟଆଉଟରେ ୮-୭ ଗୋଲରେ କୁଡାଲୋଇ ଏଫସି ଦଳ ବିଜୟୀ ହୋଇଛି। ବିଜୟୀ କୁଡାଲୋଇ ଏଫସି ଦଳକୁ ୧୨ ହଜାର ଟଙ୍କା ଏବଂ ଉପ ବିଜେତା ଭଇଁରଖୋଲ ଦଳକୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଜେତା ଏବଂ ଉପ ବିଜେତା ଟ୍ରଫି ଆସନ୍ତା ୨୧ ତାରିଖ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଆଜିର ଏହି ପ୍ରତିଯୋଗିତାରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଡିଗୀ, ଶିକ୍ଷକ ପ୍ରସନ୍ନ ପ୍ରଧାନ, ଅଞ୍ଚଳର ବୁଦ୍ଧିଜୀବୀ ଭାସ୍କର ପ୍ରଧାନ, ଶିବ ନାରାୟଣ ନାୟକ, ପ୍ରଦୀପ ପ୍ରଧାନ, ଖିରୋଦ ବିହାରୀ ପ୍ରଧାନ, ଦୟାନିଧି ପ୍ରଧାନ, କେଦାର ଭୋଇ, ପ୍ରଫୁଲ୍ଲ ପ୍ରସାୟଦଙ୍କ ସହ ଅଞ୍ଚଳବାସୀ, ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଉପସ୍ଥିତ ଥିଲେ।

● ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କ ସଫଳତା

## ରାଜ୍ୟସ୍ତରକୁ ଆୟନ ଓ ସ୍ନେହା ମନୋନୀତ




ଝାରସୁଗୁଡ଼ା,୧୫।୧୨(ସମିସ): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ବ୍ରଜରାଜନଗର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଯାଇଥିବା ୨୯ତମ ଜିଲ୍ଲା କ୍ରୀଡ଼ା ସମାରୋହରେ ଉତ୍କୃଷ୍ଟ ପ୍ରଦର୍ଶନ ସହ ୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୧୮ ବର୍ଷରୁ କମ୍ ପୁରୁଷ ବର୍ଗ ୧୦୦ ମିଟର ଦୌଡ଼ରେ ଆୟନ ଜେନା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୧୪ ବର୍ଷରୁ କମ୍ ମହିଳା ବର୍ଗ ଟ୍ରାଏଥଲନରେ ସ୍ନେହା ସିଂହଦେଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ପୁରୁଷ ବର୍ଗ ଟ୍ରାଏଥଲନରେ ମାନସ ଷଣ୍ଢ ରୌପ୍ୟ, ୧୬ ବର୍ଷରୁ କମ୍ ପୁରୁଷ ବର୍ଗ ଉଚ୍ଚ ଡିଆଁରେ ଶୁଭଙ୍କର ପଲେଇ ରୌପ୍ୟ ଓ ୧୬ ବର୍ଷରୁ କମ୍ ମହିଳା ବର୍ଗ ଥାଳିଆ ଫିଙ୍ଗାରେ ରାଜଶ୍ରୀ ପ୍ରଧାନ ରୌପ୍ୟ ପଦକ ହାସଲ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ସମସ୍ତ କୃତି ଖେଳାଳିଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିଦ୍ୟାଳୟର ଖେଳ ଶିକ୍ଷକ ବିଜୟ ଦାଶ ଓ ଖେଳ ଶିକ୍ଷୟିତ୍ରୀ ପୁନମ କୃତି ଖେଳାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାସ୍ତରରେ ମନୋନୀତ ହୋଇଥିବା ଆୟନ ଜେନା ଓ ସ୍ନେହା ସିଂହଦେଓ ଆସନ୍ତା ୨୭ ଓ ୨୮ ରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ସମାରୋହରେ ଭାଗନେବାକୁ ମନୋନୀତ ହୋଇଛନ୍ତି।

## ଆମ ପୁଲିସ ସମିତି ବୈଠକ

ଝାରସୁଗୁଡା,୧୫।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ପରିସରରେ ଆଜି ସନ୍ଧ୍ୟାରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆମ ପୁଲିସ ସମିତି ବୈଠକରେ ଥାନା ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ, ପୁଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଅଞ୍ଚଳର ବିଭିନ୍ନ ଛକ ଓ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ମାନଙ୍କରେ ରୋକ ଲଗାଇବା ପାଇଁ ପଦକ୍ଷେପ, ମହିଳା ସୁରକ୍ଷା, ସାଇବର କ୍ରାଇମ ସହିତ ଅନ୍ୟାନ୍ୟ ଅପରାଧ ରୋକିବାକୁ ନେଇ ଆଲୋଚନା କରାଯାଇଥିଲା। ପୁଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ରହିଥିବା ଭୟ ଦୂର କରିବାକୁ ଥାନା ଅଧିକାରୀ ମତବ୍ୟକ୍ତ କରିଥିଲେ। ବ୍ରଜରାଜନଗର ଥାନା ଆମ ପୁଲିସ ସମିତିର ସମସ୍ତ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

## ଡଂରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଦେବଗଡ,୧୫।୧୨(ସମିସ): ବାରକୋଟ ସ୍ଥିତ ଡଂରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷୀକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡଂରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିବା ସହ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡାର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ଅନୁଷ୍ଠାନର ବହୁ ଅଧ୍ୟାପକ ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ରାଧାକୃଷ୍ଣ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ



ରିଆମାଳ,୧୫।୧୨(ସମିସ): ରିଆମାଳ ବ୍ଲକ ରେଙ୍ଗାଲବେଡା ରାଧାକୃଷ୍ଣ ସାହିତ୍ୟ ସଂସଦର ଏକବିଂଶ ତମ ସାମ୍ବତ୍ସରିକ ଉତ୍ସବ ଆଜି ରେଙ୍ଗାଲବେଡା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଲୋକନାଥ ବେହେରାଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥି, ଡ. ଭାରତ ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅଥିତି ଭାବେ ହରିଶ୍ଚନ୍ଦ୍ର ବିଶ୍ୱାଳ, ମୁରଲୀଧର ନାୟକ, ସନ୍ଧ୍ୟାରାଣୀ ପାତ୍ର ଓ ଶରତ କୁମାର ସାହୁ ଯୋଗଦେଇଥିଲେ। ସଂସଦର ସହ ସମ୍ପାଦକ ମହେନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ। ଉକ୍ତ କବିତା ଆସରରେ ପଣ୍ଡିତ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ୭୦ ଜଣ କବି ନିଜସ୍ୱ ରଚିତ କବିତା ପାଠ କରିଥିଲେ। ସମିତିର ଉପ ସଭାପତି ଯତୀନ୍ଦ୍ର ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ସଂସଦର ସ୍ଥାୟୀ ସଭାପତି ଉଦୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟାପକ ମାନ ଭଞ୍ଜନ କହଁର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, କାନ୍ଦର୍ପ ବେହେରା ଓ ଅବନୀକାନ୍ତ ପାଣି ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିପିନ ବିହରୁ ପୃଷ୍ଟି ବିବରଣୀ ପାଠ କରିଥିଲେ।

ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ଅନ୍ତିମ ସନ୍ଧ୍ୟାରେ 'ମିଥ୍ୟାବାଦୀ ଜିନ୍ଦାବାଦ' ମଞ୍ଚସ୍ଥ




ଦେବଗଡ଼,୧୫।୧୨(ସମିସ):

ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ୨୧ ତମ ସର୍ବଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସଂଧ୍ୟାରେ ପାରାଦ୍ୱୀପର କାନମାସ ଅନୁଷ୍ଠାନ ପକ୍ଷରୁ ପରେଶ ପଟ୍ଟନାୟକଙ୍କ ରଚିତ ଓ ଶ୍ରୀମନ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ "ମିଥ୍ୟାବାଦୀ ଜିନ୍ଦାବାଦ' ମଞ୍ଚସ୍ଥ ହୋଇଥିଲା। ଯାହା ଦର୍ଶକଙ୍କ ମନମୋହିଥିଲା। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯପାନୀ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଜିଲ୍ଲା ଓକିଲ ସଂଘର ସଂପାଦକ ସିଦ୍ଧେଶ୍ୱର ଗୁରୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ସ୍ୱର୍ଗତ ମଙ୍ଗଳ ମହାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିବାବେଳେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବଗଡ଼ର ବରିଷ୍ଠ କଳାକାର ପ୍ରକାଶ ଚନ୍ଦ୍ର ଦେବତା ଓ ଜିଲ୍ଲା ବାହାରର କଳାକାର ଅଶୋକ କରଙ୍କୁ ଜାଗରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଂପାଦକ ସୁଜିତ ପାତ୍ର ପ୍ରସିଦ୍ଧ ଧନୁଯାତ୍ରାରେ କଳାକାର ଚୟନରେ ବିଚାରକ ଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ଅଭିନେତା ଅମ୍ଳାଂଶୁ ପୂଜାରୀଙ୍କ ସମେତ ନୃତ୍ୟ ପରିବେଷଣ କରିଥିବା କଳାକାର ଏବଂ ଭଜନ ପରିବେଷଣ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଜନ୍ମଜୟ ନାୟକ ପରିଚାଳନା କରିଥିଲେ।

# କନ୍ଧମାଳରେ ଅଭିଯୋଗ ଶୁଣାଣି ଶିବିର



**କନ୍ଧମାଳ,୧୫ ।୧୨(ସମିସ):**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୯୨ଟି ଅଭିଯୋଗ ଆସିଥିଲା। ୭୯ଟି ବ୍ୟକ୍ତିଗତ ୧୩ଟି ଗୋଷ୍ଠୀଭିତ୍ତିକ ଅଭିଯୋଗ ରହିଥିଲା। ୨୭ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ହୁଇଲଚେୟାର ଓ ଜଣଙ୍କୁ ରେଡ଼କ୍ରସ ରୁ ୩୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ୫ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଏସ୍‌ପି ରାହୁଲ ଗୋୟଲ ଅଭିଯୋଗଗୁଡିକର ସମାଧାନ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଜରୁରୀ ଅଧିକାରୀ ସୁଧର୍ମା ମଲ୍ଲିକ, କନ୍ଧମାଳ ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ବିଡ଼ିଓ ସାମୀ ରେ‡ୀ ଜୟଶ୍ରୀ, ତହସିଲଦାର ଶ୍ୱେତ ପଦ୍ମା ଯୋଶୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜୟ ମହନ୍ତ, ସିଡିପିଓ ପଙ୍କଜିନୀ ମିଶ୍ର, ଡାକ୍ତର ମହେନ୍ଦ୍ର ସଏ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଗୋବିନ୍ଦ ଚନ୍ଦ୍ର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ଶ୍ୟାମ ସୁନ୍ଦର ହେମ୍ବ୍ରମ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ଞାନ ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ରଂଜିତ ମୁନି, ଯନ୍ତ୍ରୀ ଇଂ ଧରଣୀ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ଡୁଙ୍ଗୁରିପାଲି,୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଖୁଣ୍ଟପାଲି ମଦଭାଟି ନିକଟ ଜିରୋ ଆର୍‌ଡି କେନାଲ୍ ହିଡ଼ରୁ ସୋମବାର ଭୋରରେ ଡୁଙ୍ଗୁରିପାଲି ପୁଲିସ୍ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଦେବଦର୍ହା ଗ୍ରାମର ଚଏତୁ ଭତ୍ରାଙ୍କ ପୁଅ ପବିତ୍ର ଭତ୍ରା (୨୫)। ତାଙ୍କ ସଙ୍ଗରେ ଥିବା ସେହି ଗ୍ରାମର ଦାମୁ ଭତ୍ରା ଡୁଙ୍ଗୁରିପାଲି ଥାନାରେ ଏ ନେଇ ଏକ ଅଭିଯୋଗ କରିଛନ୍ତି। ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରୋଜାଲିନ୍ ପଟେଲ୍ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ




**ବୌଦ୍ଧ,୧୫ ।୧୨(ସମିସ):** ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ହରଭଙ୍ଗା ବ୍ଲକ ପିଏମଶ୍ରୀ ବା ବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ (ସରସରା) ପରିସରରେ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭିର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ଶିବ ପ୍ରସାଦ ବେହେରା ଯୋଗ ଦେଇଦେଇଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ସନ୍ତୋଷ କର୍ଣ୍ଣ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କନ୍ଧମାଳ ବ୍ଲକର ବ୍ଲକ ସ୍ତରୀୟ ବିଜ୍ଞାନ ମେଳରେ ମନୋନୀତ ହୋଇଥିବା ବାଲ ବୈଜ୍ଞାନିକ ପ୍ରଦର୍ଶନୀରୁ ୨୧ଟି ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରୁ ୧୮ ଟି ମୋଟ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ବିଜ୍ଞାନ ମେଳାରୁ ମନୋନୀତ ଶ୍ରେଷ୍ଠ ପ୍ରତିଯୋଗୀ ଆସନ୍ତା ୨୬, ୨୭ଓ ୨୮ ତାରିଖରେ କେନ୍ଦୁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ଅଧ୍ୟାପକ କୁନାଲ ପ୍ରିୟଦର୍ଶୀ ଛତ୍ରିଆ, ଡ ପ୍ରଭୁଦତ୍ତ ହୋତା ଏବଂ ଅଧ୍ୟାପକ କୈଳାଶ ଚନ୍ଦ୍ର ଭୋଇ ବିଚାରକ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି ଧନ୍ୟବାଦ ଦେଇଥିଲେ।

## ବୌଦ୍ଧ ଧନୁଯାତ୍ରାରେ 'ମାତୃ ରୂପେଣ ସଂସ୍ଥିତା' ଏବଂ 'ରାସ କୁଞ୍ଜେ ରସରାଜ' ମଞ୍ଚସ୍ଥ

**ବୌଦ୍ଧ,୧୫ ।୧୨(ସମିସ):** ବୌଦ୍ଧ ଭୈରବୀ ପଡିଆରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଧନୁଯାତ୍ରା ନାଟ୍ୟୋତ୍ସବ ଚାଲିଛି। ପଞ୍ଚମ ସନ୍ଧ୍ୟାରେ ପଞ୍ଚସ୍ଥ ନାଟକ ମାତୃ ରୂପେଣ ସଂସ୍ଥିତା ଦର୍ଶକ ମନକୁ ବେଶ୍ ଛୁଇଁଥିଲା। ସେହିଭଳି ନାଟକ ରସରାଜ ରାସ କୁଞ୍ଜେ ମଞ୍ଚସ୍ଥ ହୋଇଥିଲା। ସ୍ନେହା ମିଶ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଧନୁଯାତ୍ରା ନାଟକକୁ ବର୍ଷିଆନ ନାଟ୍ୟକାର ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ଦେବଙ୍ଗନ ମେହେର। ଧନୁଯାତ୍ରା ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ ମେହେର, କୃଷ୍ଣ ପରିଡା ଓ ପରିଷଦର ସଦସ୍ୟଙ୍କ ସହଯୋଗରେ ଏହି ଯାତ୍ରା ପରିଚାଳିତ ହେଉଛି।

## ଡୁଙ୍ଗୁରିପାଲିରେ ଜଳିଗଲା ଦୋକାନ



**ଡୁଙ୍ଗୁରିପାଲି,୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଥିବା ବନମାଳୀ ଫେନ୍‌ସୀ ଓ କ୍ରୀଡ଼ା ସାମଗ୍ରୀ ଦୋକାନରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରାପ୍ତସୂଚନା ଅନୁଯାୟୀ, ଡୁଙ୍ଗୁରିପାଲିର ବନମାଳୀ ଫେନ୍‌ସି ଏବଂ ସ୍ପୋର୍ଟ ଇଣ୍ଟରପ୍ରାଇଜେସ୍ ନାମକ ଏକ ଦୋକାନରେ ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ଡୁଙ୍ଗୁରିପାଲି ଓ ରାମପୁର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ବାର୍ଷିକ ଉତ୍ସବ ପାଳନ ଲାଗି ପ୍ରସ୍ତୁତି



**ବୀରମହାରାଜପୁର,୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ ସଂଗଠନର ବାର୍ଷିକୋତ୍ସବ ପାଳନ ସକାଶେ ସୋମବାର କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ସ୍ମରଣିକା କମିଟିରେ ସଭାପତିଙ୍କ ସହିତ ଦ୍ୱିତୀକୃଷ୍ଣ ପଣ୍ଡା, ଭୂଷଣ କୁମାର ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଜ୍ଞାନେନ୍ଦ୍ର ତ୍ରିପାଠୀ ରହିଥିବାବେଳେ ଅର୍ଥ କମିଟିରେ ଶ୍ୟାମସୁନ୍ଦର ସେଠୀ, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ସତ୍ୟ ନାରାୟଣ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏହି ଉତ୍ସବ ଆସନ୍ତା ଜାନୁଆରୀ ୧୮ ତାରିଖରେ ପାଳନ କରିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସନ୍ତୋଷ ଷଡ଼ଙ୍ଗୀ, ବଳରାମ କାଣ୍ଡ, ଚମରା ମହାକୁର, ସୁରୁ ସାହୁ, ଅକୃର ଦନ୍ତା, ବାସୁଦେବ ରଥ, ଗୋପୀନାଥ ମହାକୁର, ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୌମିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁୟାରୀ ୧୮ ରୁ ପାତାଳି ମହୋତ୍ସବ

**ବୀରମହାରାଜପୁର,୧୫ ।୧୨(ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ଜାନୁୟାରୀ ୧୮ ତାରିଖଠାରୁ ଏକବିଂଶ ତମ ପାତାଳି ମହୋତ୍ସବ ଆରମ୍ଭ ହେବ। ଜାନୁୟାରୀ ୨୬ତାରିଖରେ ଏହା ଶେଷ ହେବ। ଏହା ହେଉଛି ଏ ପବିତ୍ର କ୍ଷେତ୍ରରେ ମହାପ୍ରଭୁଙ୍କ ଆଉ ଏକ ନବ ଦିନାତ୍ମକ ଯାତ୍ରା। ଏଥିରେ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା, ଭାଗବତ ସପ୍ତାହ ପାରାୟଣ, ୫୬ ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ରକ୍ତଦାନ ଶିବିର, ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ଟ୍ରଷ୍ଟ ସଂପାଦକ ଉତ୍ତର ପାତ୍ରଙ୍କ ଅଧ୍ୟକ୍ଷତା ଓ ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସଂଯୋଜନାରେ ବୈଠକ ବସିଥିଲା। ଗଡତ୍ୟା ଚମରା ଅମାତ, ଟ୍ରଷ୍ଟ ସଦସ୍ୟ ଜାନକୀରାମ ଦେହୁରୀ, ଜଗଦୀଶ କର୍ଣ୍ଣ, ସେବାୟତ ସଂଘ ସଭାପତି ଗୋପାଳ ପଣ୍ଡା, ବିଜୟ ହୋତା, ମନୋରଞ୍ଜନ ପାଢୀ, ପର୍ଶୁରାମ ବାରିକ, ପଞ୍ଚାନନ ମିଶ୍ର, ଶରଦ ଚାନ୍ଦ, ବୀରମିତ୍ର ପଧାନ, କର୍ଣ୍ଣଦାନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ



**ବିନିକା/ଡୁଙ୍ଗୁରିପାଲି,୧୫ ।୧୨(ସମିସ):** ଓଡିଆ ସାହିତ୍ୟ ପରିବାର ତେଲିଟିକ୍ରା ସୁବର୍ଣ୍ଣପୁର ତରଫରୁ ନାଟ୍ୟ ମହର୍ଷି ଶବ୍ଦନୃତ୍ୟ ପ୍ରଣେତା ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଗୁରୁ ଭଗବାନ ସାହୁଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଟିକେଲାଲ ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଭାଗବତ ପ୍ରଧାନ, ମୁଖ୍ୟବକ୍ତା ବିପ୍ରଚରଣ ସାହୁ, ସମ୍ମାନିତ ଅତିଥି ଗୋକୁଳ ବିହାରୀ ଦାଶ, ହିମାଂଶୁ ଭୁଷଣ ପଣ୍ଡା, ଭିକାରି ଚରଣ ପଧାନ, ଅନିରୁଦ୍ଧ କୁର୍‌କୁରିଆ ମଞ୍ଚାସୀନ ଥିଲେ। ଆବାହକ ଉଦ୍ଧବ ବାରିକ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସମ୍ପଦ ଖମାରୀ ସଭା ପରିଚାଳନା ଓ କବିତା ସଂଯୋଜନା କରିଥିଲେ। କବି କଳାକାର ଓ ଗ୍ରାମବାସୀଙ୍କ ମଧ୍ୟରେ ଫଗୁନୁ ଚାଉଁର୍, ବସୁଦେବ ସାହୁ, ଜେଠୁ କଠାର୍, ପ୍ରସର୍ଣ୍ଣ କୁମାର ତାଣ୍ଡି, କ୍ଷୀରୋଦ୍ର ବେହେରା, ସାନନ୍ଦ ବାରିକ, ଭିକାରୀ ଚରଣ ସାହୁ, ଜଗତ ଖମାରୀ, ରବୀନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ହଳଧର ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଉପଦେଷ୍ଟା ସନ୍ତୋଷ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଦହ୍ୟା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ

**ମନମୁଣ୍ଡା,୧୫ ।୧୨(ସମିସ):** ଦହ୍ୟା ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ପଣ୍ଡା ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ମଡେଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପ୍ରାପ୍ତ କରିଛନ୍ତି। ଭୁବନେଶ୍ୱରଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଅନୁଷ୍ଠିତ ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପ୍ରିୟଙ୍କାଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରିଛନ୍ତି।



## କନ୍ଧମାଳ ଡାକ୍ତରଖାନାରେ ବିଶେଷଜ୍ଞ ନିଯୁକ୍ତି ଦାବିରେ ବିକ୍ଷୋଭ

**କନ୍ଧମାଳ,୧୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ସୋମବାର କନ୍ଧମାଳ ଜନସାଧାରଣଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯଦୁବିହାରୀ ବାଘଙ୍କ ନେତୃତ୍ୱରେ କନ୍ଧମାଳ କଲ୍ୟାଣ ମଣ୍ଡପଠାରୁ ଶୋଭାଯାତ୍ରା ବାହାରିଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜନଶୁଣାଣି ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳର ଏକ ପ୍ରମୁଖ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ କନ୍ଧମାଳ ବ୍ଲକ୍ ସହିତ ତରଭା, ବାଲିଗୁଡା, କନ୍ଧମାଳ ଭଳି ବିଭିନ୍ନ ବ୍ଲକ୍‌ର ଲୋକ ନିର୍ଭରଶୀଳ। ସରକାରୀ ସ୍ୱୀକୃତି ଅନୁସାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ସହ ୭ଜଣ ଡାକ୍ତର ରହିବା କଥା; କିନ୍ତୁ ଏବେ ମାତ୍ର ୪ ଜଣ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେଥି ମଧ୍ୟରୁ ୨ ଜଣ ଡାକ୍ତର ଅନ୍ୟତ୍ର ଯିବା ପାଇଁ ସରକାରୀ ଚିଠି ହୋଇଛି। ୨ ଜଣଙ୍କ ମଧ୍ୟରୁ ଭାରପ୍ରାପ୍ତ ମେଡିକାଲ ଅଫିସର ଡକ୍ଟର ଜଗଦୀଶ ସେଠି ପୁଣି ଉଚ୍ଚଶିକ୍ଷା ପାଇଁ ଯିବେ। ଏଣୁ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେବ ବୋଲି ଦର୍ଶା ଯାଇଛି। ଅତିଶୀଘ୍ର ସ୍ଥାୟୀ ବିଶେଷଜ୍ଞ ଡାକ୍ତର ସହ ଉପଖଣ୍ଡ ଡାକ୍ତରଖାନାର ମାନ୍ୟତା ପ୍ରଦାନ ପାଇ ଦାବି କରାଯାଇଛି। ଯଥାଶୀଘ୍ର ଡାକ୍ତର ଯୋଗାଇ ନ ଦେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଆବାହକ ଶ୍ରୀ ବାଘ ଓ ଜନସାଧାରଣ ଚେତାବନୀ ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ



**ମନମୁଣ୍ଡା,୧୫ ।୧୨(ସମିସ):** ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ମନମୁଣ୍ଡା ଥାନା ନଦିଆନଗର ଗ୍ରାମର ନଟବର ବଣ୍ଡକି (୪୬)। ବାଇକ୍ ଯୋଗେ ସେ ସେକମାଲରୁ ନିଜ ଘରକୁ ଫେରୁଥିଲେ। ହଂସପାଲି ଗ୍ରାମ ନିକଟରେ ତାଙ୍କୁ ପଛ ପଟୁ ଗୋଟିଏ ଗାଡ଼ି ଧକ୍କା ଦେଇ ପଳାଇଥିଲା। ନଟବରଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଡାକ୍ତରଖାନା ନିଆ ଯାଇଥିଲା। ଶେଷରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୁଲିସ ଶବ ହସ୍ତାନ୍ତର କରିଛି। ତାଙ୍କ ଭାଇଁ ଯୁଗଳ ଜଗଦେଲାଙ୍କ ଏତଲା କ୍ରମେ ମନମୁଣ୍ଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୧୯୯୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଡୁଙ୍ଗୁରିପାଲି,୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ହାଇସ୍କୁଲର ୧୯୯୬ ମାଟ୍ରିକ ବ୍ୟାଚର ଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇଥିବା ପୁରାତନ ବନ୍ଧୁମାନେ ସେମାନଙ୍କ ପାଠପଢ଼ା ସମୟର ଅଭୁଲା ସ୍ମୃତିକୁ ମନେ ପକାଇ ଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଫଳ କରିବାରେ ଧର୍ମେନ୍ଦ୍ର ବିଶ୍ୱାଳ, ଘନଶ୍ୟାମ ଭୋଇ, ନାରାୟଣ ବୁଡ଼େକ, ସୁରେନ୍ଦ୍ର ବିଶ୍ୱାଳ, ବିମ୍ବାଧର ବାରିକ, ରଞ୍ଜନ ପୂଝାରୀ ଏବଂ ବୀରେନ୍ଦ୍ର ଭୋଇ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଖମରି, ସୁବାସ ବରାଡ଼, ମହେଶ ପାଣିଗ୍ରାହୀ, ମନୋରଞ୍ଜନ ବିଶ୍ୱାଳ, ନବ ପ୍ରଧାନ, ଗୋବିନ୍ଦ ମହେର, ସରୋଜ ବିଶ୍ୱାଳ, ଉମାକାନ୍ତ ତ୍ରିପାଠୀ, ସନ୍ଦୀପ ପ୍ରଧାନ, ଶିବାନନ୍ଦ ସାହୁ, ସୁରେଶ ଦାସ, ଅନିରୁଦ୍ଧ ନାଗ, ଚିନ୍ତାମଣି ସାହୁ, ମୁକେଶ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



# ସୋନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡାହାଣୀପାଲି ଚାମ୍ପିଅନ

**ବୀରମହାରାଜପୁର,୧୫ ।୧୨(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୁର୍ଖୁଣିରେ ଏମ ସ୍ପୋର୍ଟି ଆନୁକୂଲ୍ୟରେ ସୋନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସୁବଳୟାକୁ ହରାଇ ଡାହାଣୀପାଲି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚକୁ ସ୍ଥାନୀୟ ସରପଞ୍ଚ ମନୋଜ ସାହୁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ୨ଟି ଫର୍ମାଟ ରେ ହୋଇଥିଲା। ପ୍ରଥମ ଫର୍ମାଟରେ ଡାହାଣୀପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବରେ ସୁବଳୟା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୫ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଡାହାଣୀପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭ ଉଇକେଟ ହରାଇ ୫୮ ରନ୍ କରିଥିଲା। ଜବାବରେ ସୁବଳୟା ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୪୮ ରନ୍ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଡାହାଣୀପାଲି ଦଳ ୨-୦ ରେ ଫାଇନାଲ ମ୍ୟାଚ ଜିତି ଚାମ୍ପିଅନ ହୋଇଥିଲା।



ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ -୧ ଜିଲ୍ଲାପରିଷଦ ସଭ୍ୟ ଲବ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ପ୍ରେମାନନ୍ଦ ଜଟି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ମୁର୍ଖୁଣି କୃଷି ସେବା ସମବାୟ ସମିତିର ସମ୍ପାଦକ ପ୍ରଭାତ ସାହୁ, ଯୁବ ସଂଗଠନ ସତ୍ୟଜିତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡାହାଣୀପାଲିର ଆହାଲ୍ଲାଦ ପ୍ରଧାନଙ୍କୁ ମ୍ୟାନ ଅଫ ଦି ଫାଇନାଲ, ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟର, ଅର୍ଜୁନ ପ୍ରଧାନଙ୍କୁ ଶ୍ରେଷ୍ଠ ବୋଲର, ସୁବଳୟାର ଶ୍ରୀକାନ୍ତ ନାଏକଙ୍କୁ ଶ୍ରେଷ୍ଠ ସିକ୍ସର ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିଅନ ଡାହାଣୀପାଲି ଦଳକୁ ନଗଦ ୨୫ ହଜାର ଟଙ୍କା ସହିତ ସୋନୁ ସ୍ମାରକୀ ଚାମ୍ପିଅନ ଟ୍ରଫି ଏବଂ ଉପ ବିଜେତା ସୁବଳୟା ଦଳକୁ ନଗଦ ୧୮ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଅବିନାଶ ସାହୁ ଓ ପ୍ରକାଶ ପଣ୍ଡା ପରିଚାଳନା କରିଥିବା ବେଳେ ଆଶିଷ ନାଏକ ସ୍କୋରିଙ୍ଗ ଏବଂ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ।

# ୨ ଦିନରେ ଧାନ କିଣା ନ ହେଲେ ଆନ୍ଦୋଳନ



**ଡୁଙ୍ଗୁରିପାଲି, ୧୫ ।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି; ହେଲେ ଧାନ ଉଠୁନି। ଏହା ଫଳରେ ୧୫ରୁ ୨୦ ଦିନ ହେବ ଚାଷୀ ଧାନ କାଟି କିଏ ଖଳାରେ ତ ଆଉ କିଏ ଘରେ ଗଚ୍ଛିତ କରି ରଖିଛି। ମଣ୍ଡି ଖୋଲିଥିଲେ ମଧ ଚାଷୀଙ୍କ ଟୋକନ ଆସିନି। ଏହାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁରର ଶତାଧିକ ଚାଷୀ ମେଳି ହୋଇଥିଲେ। ନାଇକେନପାଲି ପଡ଼ିଆରେ ଚାଷୀସଂଗଠନ ସଭାପତି ଉମେଶ ପୂଜାରୀଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାମପୁର ଅଞ୍ଚଳରେ ୭ ସହ ଚାଷୀ ପଞ୍ଜୀକରଣ କରିଥିବା ବେଳେ କେବଳ ୪ରୁ ୫ ଜଣଙ୍କ ଟୋକନ ଆସିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ରାମପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଚାଷୀଙ୍କ ଟୋକନ ଶୀଘ୍ର ଦିଆଯାଉ। ବିନା କଟନି ଛଟନିରେ ଧାନ ଉଠୁନି। ୨ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ମଣ୍ଡି ଖୋଲିବାକୁ ତହସିଲଦାରଙ୍କୁ ଦାବିପତ୍ର

**ସଇଁତଲା, ୧୫ ।୧୨(ସମିସ):** ସଇଁତଳା ଅଞ୍ଚଳରେ ଚାଷୀ ଚଳିତ ବର୍ଷ ଚାଷୀ ଖରିଫ ଧାନ ଅମଳ କରି ସାରିଛନ୍ତି; ହେଲେ ମଣ୍ଡି ଖୋଲିନି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ଅନ୍ୟ ବର୍ଷ ଏହି ସମୟରେ ମଣ୍ଡି ଖୋଲା ଆରମ୍ଭ ହୋଇଥାଏ। ତେବେ ବିଲରୁ ଧାନ ଅମଳ କରି ସାରିବା ପରେ ଧାନକୁ ନେଇ ଏବେ ଚିନ୍ତାରେ ଚାଷୀ। ବିଲରେ ବନ୍ୟ ଜନ୍ତୁ ଭୟରେ ରାତିରେ ଚାଷୀ ଧାନ ଜଗୁଛି। କିଏ ପୁଣି ଧାନ ଅମଳ କରିବା ପରେ ରାସ୍ତା କଡ଼ରେ ରଖୁଛି। ଏବେ ଗାଁ ଗାଁରେ ଧାନ କିଣିବା ପାଇଁ ଦଲାଲ ସକ୍ରିୟ। ବାଧ ହୋଇ ଅଳ୍ପ ଟଙ୍କାରେ ଚାଷୀ ଦଲାଲ ହାତକୁ ଧାନ ଟେକି ଦେଉଛି। ତେବେ ଏଭଳି ପରିସ୍ଥିତିରେ ଏଯାଏ ସଇଁତଲା ବ୍ଲକରେ ଧାନ ମଣ୍ଡି ଖୋଲା ଯାଇନି। ଶୀଘ୍ର ଧାନ ମଣ୍ଡି ଖୋଲିବା ପାଇଁ ଅତିରିକ୍ତ ତହସିଲଦାର ମୋହନ ମୁଣ୍ଡାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଚାଷୀ ନେତା ସତ୍ୟ ପଣ୍ଡା, ଗଦା ଧର ସାହୁ, ସରପଞ୍ଚ ଅଶୋକ ସାହୁ, କପିଳ ଭୋଇ, କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ସୁବ୍ରତ ନାଗ, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ସମିତି ସଭ୍ୟ ଉମାକାନ୍ତ ରଣାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



# ଶିବତୁଲାରେ ମଣ୍ଡି ଉଦ୍‌ଘାଟିତ

**ତରଭା, ୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଶିବତୁଲାରେ ସୋମବାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟା ୫.୩୦ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ବିଏମପୁର ବିଧାୟକ ରଘୁନାଥ ଜଗଦଲା, ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ ପହଞ୍ଚିଥିଲେ। ଏହାପରେ ପ୍ୟାକ୍ସ ସଭାପତି ତପନ ଅଗ୍ରୱାଲ, ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂଦେଓଙ୍କ ସୋନପୁର ଜିଲ୍ଲା ପ୍ରତିନିଧି ସାନନ୍ଦ ମେହେର, ପ୍ୟାକ୍ସ ସଭ୍ୟ ଭବାନୀ ମିଶ୍ର, ଶିବାନନ୍ଦ ବିଶ୍ୱାଳ, ଜିତେନ୍ଦ୍ରୀୟ ମିଶ୍ର, ପରୀକ୍ଷ ସା, ସୁଦାମ ଭୁଏ, ଉମେଶ ନାଏକ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଶିବତୁଲା ପ୍ୟାକ୍ସ ଅଧୀନରେ ଥିବା ୮୧୨ ଜଣ ଚାଷୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୨ ଜଣଙ୍କୁ ଟୋକାନ ଇସ୍ୟୁ ହୋଇଥିବା ତଥା ୩୩୮୦ କୁଇଣ୍ଟାଲ ଧାନ ଉଠାଇବାକୁ ଟାର୍ଗେଟ ରହିଛି। ମହିମା, ଗୋପାଳ ଓ ରାଧାମୋହନ ରାଇସମିଲର ଟ୍ରକ ଛିଡା ହୋଇଥିଲେ ହେଁ ରାତି ହୋଇଯିବାରୁ ମଙ୍ଗଳବାର ଧାନ ଉଠିବ ବୋଲି ସଭାପତି ଶ୍ରୀ ଅଗ୍ରୱାଲ କହିଛନ୍ତି। ପ୍ରଥମେ ଶିବତୁଲାର ଚାଷୀ ଗୋପାଳ ନାଏକଙ୍କ ୨୩ କୁଇଣ୍ଟାଲ ୮୦ କେଜି ଓ ଘାଟକଇଁନ୍ତରାର ସୁବାଷ କର୍ଣ୍ଣଙ୍କ ୭୫ କୁଇଣ୍ଟାଲ ଧାନ ଉଠିବା ପରେ ଅନ୍ୟ ଚାଷୀଙ୍କ ଧାନ ଉଠିବ। ଟୋକାନ ପାଇଥିବା ୯୨ ଜଣ ଚାଷୀଙ୍କ ମୋଟ ୪୫୦ କୁଇଣ୍ଟାଲ ଧାନ ଉଠିବ। ପ୍ୟାକ୍ସର ସଭ୍ୟ ଭବାନୀ ମିଶ୍ର ପ୍ୟାକ୍ସରେ ଧାନ ରଖିବା ପାଇଁ ଆବଶ୍ୟକ ସ୍ଥାନାଭାବ ସମ୍ବନ୍ଧରେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେଡ୍ ନିର୍ମାଣ, ୫୭ ନମ୍ବର ଜାତୀୟ ରାଜପଥରୁ ପ୍ୟାକ୍ସକୁ ଆସିବା ରାସ୍ତାର ଦୁରାବସ୍ଥା ସମ୍ବନ୍ଧ ଜଣାଇ ପ୍ରତିକାରର ବ୍ୟବସ୍ଥା ପାଇଁ କହିଥିଲେ। ପ୍ୟାକ୍ସ ପରିସରରେ ଗୋଟିଏ ଶୀତଳ ଭଣ୍ଡାର ଖୋଲିବା ପାଇଁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋନପୁର ସିସିଏସଓ ନିରଜ ରଞ୍ଜନ ଦାସ, ସିଏସଓ କେଦାରନାଥ ନାୟକ, ଆରଏମସି ସେକ୍ରେଟାରୀ ଅବକାଶ ବେହେରା, ଡିଆରସିଏସ ସଞ୍ଜୟ ତ୍ରିପାଠୀ, ଚାଷୀ ଉପସ୍ଥିତ ଥିଲେ।



# ଟିଟିଲାଗଡ଼ ବ୍ଲକ୍ ଶିହିନି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

**ଟିଟିଲାଗଡ଼, ୧୫ ।୧୨(ସମିସ):** କେନ୍ଦୁମୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଟିଟିଲାଗଡ଼ ବ୍ଲକ ଶିହିନି କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବବୁଲୁ ଜାଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁମୁଣ୍ଡି ସ୍କୁଲ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ବଗର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିହିନୀ ପଞ୍ଚାୟତ ସରପଞ୍ଚ ବୀରବର ସାହୁ ଯୋଗ ଦେଇଥିଲେ। ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ସହ ଯୋଡ଼ି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉପଦେଶ ଦେଇ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ କିପରି ନାମ ଲେଖାଇବା ପାଇଁ ସମସ୍ତେ ଯତ୍ନବାନ ହେବେ ସେଥିପ୍ରତି ସାମୂହିକ ଶପଥ ପାଠ କରିଥିଲେ। ଏହି ଅବସରରେ ସିହୀନି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୮ ବୟସରୁ କମ୍ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରି ଉପଢୌକନ୍, ବହିପତ୍ର ସହ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ଏହା ପରେ କେନ୍ଦୁମୁଣ୍ଡୀ ଗ୍ରାମରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ଏହି ସଭାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସୁଶାନ୍ତ ପଣ୍ଡା, କବିତା ସାହୁ, ସୁନିଲ ତାଣ୍ଡି, ଅଜୟ ରାଉତ, ରଜତ ଛତର ରେଣୁକା ନାଗ, ପ୍ରଶାନ୍ତ ସାହୁଙ୍କ ସମେତ ଅଭିଭାବକ ମଣ୍ଡଳୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗ ଦେଇଥିଲେ। ମାର୍ଲାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଜତ ଛତର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣା

**ବୀରମହାରାଜପୁର, ୧୫ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଏସୟୁସିଆଇ ମଣ୍ଡଳ ତରଫରୁ ବୀରମହାରାଜପୁର ବ୍ଲକ ସମ୍ମୁଖରେ ବିକ୍ଷୋଭ ସହ ଧାରଣା ଦିଆଯାଇଛି। ସଭାପତି ହୃଷୀକେଶ ମେହେରଙ୍କ ନେତୃତ୍ୱରେ ପ୍ରାୟ ୪୦ଜଣରୁ ଅଧିକ ମହିଳା ଓ ପୁରୁଷ ବୀରମହାରାଜପୁର ବସଷ୍ଟାଣ୍ଡରୁ ଏକ ଶୋଭଯାତ୍ରାରେ ବାହାରି ସହର ପରିକ୍ରମା କରି ବୀରମହାରାଜପୁର ବିଡିଓଙ୍କୁ ଦାବି ପ୍ରଦାନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ରାଜ୍ୟ କମିଟି ସଭ୍ୟ ସରୋଜିନୀ ନାୟକ, ସଂଗଠିକା ବିନୋଦିନୀ ମେହେର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଇବାରୀ ମେହେର, ତିଳୋତ୍ତମା ଷାଣ୍ଢ, ପଦ୍ମିନୀ ପୋଡ, କାଇନ୍ତା ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁବଳୟା ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ସୁରୁବାଳି ଜୋରରୁ ବୋରିଂ ଯୋଗେ ପ୍ରତ୍ୟେକ ଘରକୁ ପାଣି ଯୋଗାଣ, ଗାଆଁର ଚାରି କୋଣରେ ଅମୃତ ଧାରା ପାନୀୟ ଜଳ ଯୋଗାଣ, ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ନର୍ସ ଯୋଗାଇଦେବା, ସୁବଳୟରେ ଶିକ୍ଷକ ନିଯୁକ୍ତି, ଡ୍ରେନ୍ ନିର୍ମାଣ, ସ୍ମାର୍ଟ ବିଦ୍ୟୁତ୍ ମିଟର ବସାଇବା ବନ୍ଦ କରିବା ଦାବିରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୭ ଦିନ ଭିତରେ ସମାଧନ ନ ହେଲେ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।




# ଜିଲ୍ଲାପାଳଙ୍କ ମଣ୍ଡି ପରିଦର୍ଶନ

**ଶଗଡ଼ା, ୧୫ ।୧୨(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ କୁଲୁତା ଜୋର, ମନମୁଣ୍ଡା ଓ କଣ୍ଟାମାଳ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡିରେ ହୋଇଥିବା ଆବଶ୍ୟକ ପ୍ରସ୍ତୁତି ବୁଲି ଦେଖିବା ସହ ପ୍ରସ୍ତୁତି ଓ ଧାନକିଣା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିରେ ହୋଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ କିଭଳି ସୁରୁଖୁରୁରେ ଧାନ କିଣାହେବ ସେ ନେଇ ଆବଶ୍ୟକ ପ୍ରସ୍ତୁତି ଚୂଡାନ୍ତ କରିବାକୁ ଅଧିକାରୀଙ୍କୁ କହିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହିତ ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାଷ ଚନ୍ଦ୍ର ଦଣ୍ଡସେନା ଏବଂ ପ୍ୟାକ୍ସ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କା ପର୍ଯ୍ୟଟକ ଲୁଟ୍‌ର ଶିକାର

**ବୌଦ୍ଧ, ୧୫ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମର ଖେଳ ପଡ଼ିଆ ନିକଟରେ ଶ୍ରୀଲଙ୍କାର ଜଣେ ପର୍ଯ୍ୟଟକ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକଙ୍କ ନଜରକୁ ଆସିଛନ୍ତି। ସେ ପୁରୀ ବୁଲି ଆସିଥିଲେ। ତେବେ ଓଡ଼ିଶାର ଅନ୍ୟ ପର୍ଯ୍ୟଟନ ସ୍ଥଳ ବୁଲାଇବାକୁ ପ୍ରତିଶ୍ରୁତି ଦେଇ ଜଣେ ଯୁବକଙ୍କ ଦ୍ୱାରା ସେ ଟ୍ରେନ୍‌ରେ ଲୁଟ୍‌ର ଶିକାର ହୋଇଥିଲେ। ସରସରାସ୍ଥିତ ବୌଦ୍ଧ ଷ୍ଟେସନଠାରେ ଓହ୍ଲାଇଥିଲେ। ଏହାପରେ ସରସରା ଗ୍ରାମର ଖେଳ ପଡ଼ିଆ ନିକଟରେ ପହଞ୍ଚି ଲୋକଙ୍କୁ ସହାୟତା ମାଗିଥିଲେ।



# ମାଧପୁର ବନାଞ୍ଚଳରୁ କଲରା ପତରିଆ ବାଘ ଚମଡା ଜବତ



**ବୌଦ୍ଧ, ୧୫ ।୧୨ (ସମିସ):** ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳ ଅଞ୍ଚଳରୁ ବନ ବିଭାଗ ଭିଜିଲାନ୍ସ ଟିମ୍ ଗୋଟିଏ କଲରା ପତରିଆ ବାଘ ଚମଡ଼ା ଜବତ କରି ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଶିକାରୀର ନାଁ ଜୟନାୟକ ବୋଲି ସୂଚନା ମିଳିଛି। ଅଭିଯୁକ୍ତ ଶିକାରୀ ନାଁରେ ବନ୍ୟ ପ୍ରାଣୀ ସୁରକ୍ଷା ଆଇନର ଧାରା ୫୧ ଅନୁଯାୟୀ ମାମଲା ରୁଜୁ କାରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଭିଜିଲାନ୍ସ ଟିମ ପକ୍ଷରୁ ଜଣା ପଡ଼ିଛି।



**ଶିକାରୀ ଗିରଫ**

# ଆୟୁଷ୍ମାନ କାର୍ଡ ବଣ୍ଟନ ବେଳେ ଆଶାକର୍ମୀଙ୍କୁ ମାଡ଼

**ପାଟଣାଗଡ଼, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ବାଞ୍ଜୀଝାଲ ଗାଁରେ ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସେହି ଗାଁର ବିର ବରିହା ଆଶା କର୍ମୀ ଭବାନୀ ବରିହାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିବା ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ମଧ ପୁଲିସ ଅଭିଯୁକ୍ତକୁ ଗିରଫ କରିନାହିଁ। ଏହାରି ପ୍ରତିବାଦରେ ସୋମବାର ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପାଟଣାଗଡ଼ ବ୍ଲକ ପକ୍ଷରୁ ଶତାଧିକ ଆଶାକର୍ମୀ ଏକତ୍ରିତ ହୋଇ ଥାନା ଘେରଉ କରିଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ ନ କଲେ ଆନ୍ଦୋଳନ ଜାରି ରହିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପଚାରିବାରୁ ଆଶାକର୍ମୀଙ୍କ ଏତଲା ଆଧାରରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜେସିଆଇ ବଲାଙ୍ଗିର ସିଟିର ଶପଥଗ୍ରହଣ ସମାରୋହ

## ୨୫ ନୂତନ ସଦସ୍ୟ ନେଲେ ସଦସ୍ୟତା ଶପଥ

**ବଲାଙ୍ଗିର, ୧୫ ।୧୨(ସମିସ):** ବଲାଙ୍ଗିରସ୍ଥିତ ବିଦ୍ୟା ହେଭେନ୍ସରେ ଜେସିଆଇ ବଲାଙ୍ଗିର ସିଟିର ୧୮ତମ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୫ଜଣ ନୂତନ ସଦସ୍ୟ ଏହି ପ୍ରତିଷ୍ଠିତ ସଂଗଠନରେ ଯୋଗ ଦେବା ପାଇଁ ସଦସ୍ୟତା ଶପଥ ଗ୍ରହଣ କରିଥିଲେ। ୨୦୨୫ ବର୍ଷର ସଭାପତ ଜେସି ଅବିନାଶ ଅଗ୍ରୱାଲ ଚଳିତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସମୃଦ୍ଧିକୁ ବର୍ଣ୍ଣନା କରି ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୬ ବର୍ଷ ପାଇଁ ଜେସି କମଲ ଚୌଧୁରୀ ସଭାପତି ଭାବେ ଏବଂ ଜେସି ରାଜୀ ଗୋୟଲ ସମ୍ପାଦକ ଭାବରେ ଶପଥ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଜୋନ ୨୭ ଜେସିଆଇ ଇଣ୍ଡିଆର ପ୍ରତିଷ୍ଠାତା ଜୋନ ସଭାପତି ଜେସି ପ୍ରଣବ ଲାଠ ଯୋଗଦେଇ ଜେସିଆ ଏବଂ ଜୋନ ପାଇଁ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୋନ ଉପସଭାପତି ଜେସି ରୁପମ ଦାସ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଜେସି ରାଜୀବ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।



# କାନ୍ଦୁଲବୁଢ଼ା ଯାତ୍ରାର ନିଷାନିଆ ଗଂଶ ସୁନାଙ୍କ ପରଲୋକ

**ଦେଓଗାଁ, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ଅଞ୍ଚଳର ପ୍ରସିଦ୍ଧ କାନ୍ଦୁଲବୁଢ଼ା ଯାତ୍ରାରେ ନିଷାନିଆ ଭାବେ ପରିଚିତ ସିଂହାମୁଣ୍ଡା ପଞ୍ଚାୟତ ଘାଟୁଲ ଗାଁର ଗଂଶ ସୁନାଙ୍କ ସୋମବାର ସକାଳେ ପରଲୋକ ହୋଇଛି। ଏହି ଖବର ପ୍ରଚାରିତ ହେବାପରେ ବନ୍ଧପଡ଼ା ଅଞ୍ଚଳ ସହ କାନ୍ଦୁଲବୁଢ଼ା ଯାତ୍ରା କମିଟି ଓ ଦେହୁରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ବସନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।



# ସାମ୍ବାଦିକ ପୁଷ୍ପକେତୁ ବେହେରାଙ୍କ ମାତୃ ବିୟୋଗ

**କଣ୍ଟାବାଞ୍ଜି, ୧୫ ।୧୩(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ସାମ୍ବାଦିକ ପୁଷ୍ପକେତୁ ବେହେରାଙ୍କ ମା' କମଳା ବତୀ ବେହେରା (୫୪) ଆଉ ନାହାନ୍ତି। ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୪ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର କଣ୍ଟାବାଞ୍ଜି ମେଡ଼ିକାଲରେ ମୃତ୍ୟୁ ଘଟିଛି। ପୁଅ ପୁଷ୍ପକେତୁ ବେହେରା ମୁଖାଗ୍ନି ଦେଇଥିଲେ।



# କାନ୍ଦୁଲଡଙ୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଦେଓଗାଁ, ୧୫ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ଖେଳପଡ଼ିଆରେ ସୋମବାର କାନ୍ଦୁଲଡଙ୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆଲୋକ ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗଉନ୍ତିଆ ଗୋପାଳ ସିଂ ନିନା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ସିଆଳଯୋର ଓ ମାଟୁପାଲି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ମାଟୁପାଲି ଦଳ ନିର୍ଦ୍ଧାରିତ ଓଭର ମଧ୍ୟରେ ୧୧୫ରନ୍ କରିଥିବା ବେଳେ ସିଆଳଯୋର ଦଳ ମାତ୍ର ୭ ଓଭରରେ ଆବଶ୍ୟକ ୧୧୫ରନର ଲକ୍ଷ୍ୟକୁ ହାସଲକରି ବିଜୟୀ ହୋଇଥିଲେ। ଖେଳକୁ ମାରୁତି ଜେନା, ବିଜୟ ନାୟକ, ରଜତ ଗହୀର, ପିନୁ ସିଂ ନିନା, ବାପୁନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ତରଭା ବାଳକ ହାଇସ୍କୁଲରେ କୁଇଜ୍ ପ୍ରତିଯୋଗିତା

**ତରଭା, ୧୫ ।୧୨(ସମିସ):** ତରଭା ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ବୈଠକରେ ତରଭା ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର ଅଧକ୍ଷତା କରିଥଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ମୁରଲୀଧର ବିଶ୍ୱାଳ ଏବଂ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜୟ ପ୍ରକାଶ ନାରାୟଣ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଜ୍ଞାନ, ଗଣିତ, ସାମାଜିକ ପାଠ ଓ ସାମ୍ପ୍ରତିକ ଘଟଣାବଳୀ ଆଦି ବିଷୟ ଉପରେ ବରିଷ୍ଠ, ଜୁନିଅର ଓ ସବ ଜୁନିଅର ବିଭାଗରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସବ ଜୁନିଅର ବିଭାଗରେ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାସ୍ମିତା ମିଶ୍ର ପ୍ରଥମ, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ସୁଭ୍ରକାନ୍ତି ସା ଦ୍ୱିତୀୟ ଓ ରଙ୍ଗପୁର ଉପ୍ରା ବିଦ୍ୟାଳୟର ଅଂଶୁମାନ ନାଗ ତୃତୀୟ ସ୍ଥାନ ହାସଲ କରିଥଲେ। ଜୁନିଅର ବିଭାଗରେ ତୁଲୁଣ୍ଡା ଉପ୍ରା ବିଦ୍ୟାଳୟର ଶାଲିନି ପଧାନ ପ୍ରଥମ, ସରଗଜ ଉଚ୍ଚ ବିଦ୍ୟାଳୟର ପ୍ରିତମ ମହଲା ଦ୍ୱିତୀୟ ଓ ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଶୀତଲ ମେହେର ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଶିବତୁଲା ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ ଛତ୍ରିଆ ପ୍ରଥମ, ସରଗଜ ଉଚ୍ଚ ବିଦ୍ୟାଳୟର ପ୍ରତୀକ ମିଶ୍ର ଦ୍ୱିତୀୟ ଓ ମେଣ୍ଡା ଉଚ୍ଚ ବିଦ୍ୟାଳୟର ରାଧାନାଥ ମେହେର ତୃତୀୟ ସ୍ଥାନ ହାସଲ କରିଛନ୍ତି। ତରଭା ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରବି ନାରାୟଣ ସାହୁ, ସୁଶାନ୍ତ ମେହେର, ଜୟନ୍ତ ମେହେର, ସଚ୍ଚିଦାନନ୍ଦ ମେହେର, ଆଶିଷ ନାଏକ, ଦିବ୍ୟ ରଞ୍ଜନ ବିଭାର, ପ୍ରତ୍ୟୁଷ ସାହୁ ଓ ବସନ୍ତ ଦଲାଇ ବିଚାରକ ଥିଲେ। ଶିକ୍ଷକ ପରାଗ ମେହେର ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ସିଆରସିସି ସଞ୍ଜୀବ ସେଠି ମଞ୍ଚ ପରିଚାଳନା କରିଥିଲେ। ବ୍ରଜମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ହିସାବ ରକ୍ଷକ ସଞ୍ଜୀବ ସା, ତ୍ରିନାଥ ସାମଲ, କୁଳମଣି ସାମଲ, ସିଆରସିସି ଶଙ୍କର ମହଲା, ଅର୍ଜୁନ ନାଗ, ମନୋରଞ୍ଜନ ଚୌହାନ, ରମେଶ ବାଗ, ସାରଙ୍ଗ ପଧାନ, ସ୍ମିତାଞ୍ଜଳି ପଟ୍ଟନାୟକ, ଧନେଶ୍ୱର ଅମାତ, ହରିଶ୍ଚନ୍ଦ୍ର ସା, ସୁରେଶ ଘିବେଲା, ବ୍ୟାସଦେବ ମହାକୁର, ଶିକ୍ଷକ ଦାଶରଥି ସେଠ, ନିଳାଞ୍ଚଳ ଭୋଇ, ପ୍ରଦ୍ୟୁମ୍ନ ମହାନ୍ତି, ପ୍ରହ୍ଲାଦ ଚୌହାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରତି ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## କଣ୍ଟାବାଞ୍ଜି ଲୋକାଲ ଲିଗ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜେନ୍ଦ୍ର ନଗର କ୍ରିକେଟ କ୍ଲବ୍ ବିଜୟୀ

**କଣ୍ଟାବାଞ୍ଜି, ୧୫ ।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଲୱେ ଖେଳ ପଡ଼ିଆରେ ଆର୍‌ଏସ୍‌ଆର୍‌ଏସ୍ କ୍ଲବ୍ ତରଫରୁ ଆୟୋଜିତ ଲୋକାଲ ଲିଗ୍ କ୍ରିକେଟ ପ୍ରତିଯୋଗିତା ସୋମବାର ଫାଇନାଲ ମ୍ୟାଚ୍ ସହ ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ସେଭେନ୍ ଷ୍ଟାର ଦଳକୁ ପରାଜିତ କରି ରାଜେନ୍ଦ୍ର ନଗର କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଯୋଗିନ୍ଦ୍ର ରଣାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ମ୍ୟାଚ୍‌ଟିକୁ ଓସିଏ ପ୍ୟାନେଲ ସ୍ମିଥ ଦଳାଇ ଓ ଜିତୁ ଖମାରୀ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ବୋଲର ଭାବେ ଅଶୋକ ବେହେରା, 'ମ୍ୟାନ୍ ଅଫ୍ ଦି ସିରିଜ' ଭାବେ ରୁଦ୍ର ବାଗ ଏବଂ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିଶାଳ କୁମାରଙ୍କୁ ସମ୍ମାନିତ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡାର ସରପଞ୍ଚ ଅଜିତ ଯୋଶୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ସନ୍ତୋଷ ଅଗ୍ରୱାଲ, ଯୁବ ବିଜେଡ଼ି ନେତା ତପନ ବଏ, ରାଜ୍ୟ ସାମ୍ବାଦିକ ସଂଘ ବଲାଙ୍ଗୀର ଜିଲ୍ଲା ଉପ ସଭାପତି ରୋହନ ମହତ, ସିଆରସିସି ଦିନେଶ ମହାନନ୍ଦ, ସାମ୍ବାଦିକ ତୁଳସୀରାମ ଜଗତ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟି ପକ୍ଷରୁ ଅଧ୍ୟକ୍ଷ ଯୁଗଳ କିଶୋର ଶବର, ସଭାପତି ମହମ୍ମଦ ସେହ୍‌ୱାଜ୍ ଖାଁ, ସହ ଆରିଫ ଖାଁ, ରାକେଶ ସିଂ, ଶିବରାଜ ପାଣିଗ୍ରାହୀ, ମିଥୁନ ତାଣ୍ଡି, ବାଦଲ ହାତୀ, ଅମିତ୍ ଯୁଏତ୍, ଜୀତେଶ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।



# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ ମୂଲ୍ୟବୋଧର ଅଭାବ

**ଟିଟିଲାଗଡ଼, ୧୫ ।୧୨(ସମିସ):** ଟିଟିଲାଗଡ଼ ବହିହାଟର ତୃତୀୟ ସଂଧାରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ ମୂଲ୍ୟବୋଧର ଅଭାବକୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଡିଇଓ ପ୍ରବୀର ପଣ୍ଡା, ଡକ୍ଟର ପରମେଶ୍ୱର ମୁଣ୍ଡ, ଡକ୍ଟର ସଞ୍ଜୟ ମିଶ୍ର, ସରୋଜ ମିଶ୍ର, ମନୋଜ ପଟ୍ଟନାୟକ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାରେ କିପରି ସାଂସ୍କୃତିକ ଚେତନାର ଅଭାବ ରହିଛି ଓ କ୍ରମେ ଏହାର ମୂଲ୍ୟବୋଧ ହ୍ରାସ ପାଉଛି ତାହା ଆଲୋଚନା ହୋଇଥିଲା। ବହିହାଟ କମିଟିର ସାଧାରଣ ସମ୍ପାଦକ ଅଧ୍ୟାପକ ଦିଲୀପ ପସାୟତ ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧଧୁମାଲ ପ୍ରାଥମିକ ବିଦ୍ୟାଳୟ ଶୈକ୍ଷିକ ପରିଭ୍ରମଣ

**ବୌଦ୍ଧ, ୧୫ ।୧୨ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୁମାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶବର ସେଠିଙ୍କ ତତ୍ତ୍ୱାବଧାନରେ ୩୦ ଜଣ ଶିକ୍ଷାର୍ଥୀ ବୌଦ୍ଧ ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଗନ୍ଧରାଡ଼ିର ଚାରିଶମ୍ଭୁ, ସିଦ୍ଧ ହନୁମାନ ମନ୍ଦିର ବୌଦ୍ଧ, ବୁଦ୍ଧ ପାର୍କ, ଓଡ଼ସିଙ୍ଗାର ଉଷ୍ଣ ପ୍ରସ୍ରବଣ ଓ ମାନଯୋର ଡ୍ୟାମ୍ ଭ୍ରମଣ କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରଧାନ ଓ ଗୋଛାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦୀ କିଶୋର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମସ୍ତ ସ୍ଥାନର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ମୁଣ୍ଡାପଡ଼ା ସିଆରସିସି ପ୍ରଶାନ୍ତ ଝାଙ୍କର, ଏସଏମସି ସଭାପତି ମକରଧ୍ୱଜ ମଲ୍ଲିକ, ମୋ ସ୍କୁଲ ଅଭିଯାନର ସଭାପତି ସୁମନ୍ତ ମାଝୀ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ସ୍ମୃତିସଭା

**ବୀରମହାରାଜପୁର, ୧୫ ।୧୨ (ସମିସ):** ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ-୨୦୨୫ ଅବସରରେ ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସଙ୍କ ତିରୋଧାନ ଦିବସ ଅବସରରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଗୋରେଖନାଥ ସାହୁ ଯୋଗଦେଇ ଚନ୍ଦ୍ରମଣି ଦାସଙ୍କ ସାହିତ୍ୟ ଦର୍ଶନ ଏବଂ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ନାରିଜାଗରଣ କେନ୍ଦ୍ରର ସଭାନେତ୍ରୀ ମିନା ମହାରଣା, ଡ. ଅନିରୁଦ୍ଧ କୁରକୁରିଆ ଯୋଗ ଦେଇଥିଲେ। ଶିକ୍ଷକ ମକୁନ୍ଦ ଧରୁଆ ସଭା ପରିଚାଳନା କରିଥିଲେ। ସରୋଜ ବେଦବଗ. ପଞ୍ଚାନନ ମନ୍ତ୍ରୀ, ଶିକ୍ଷକ ଅଚ୍ୟୁତ କୁରକୁରିଆ, ଶଶିଶେଖର ଉଡାନ, ଭୁବନେଶ୍ୱର ଉଡାନ ପ୍ରମୁଖ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି । ଅଭିଭାବକମାନେ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରିବେ । ବିରୋଧୀମାନଙ୍କଠାରୁ ଦୂରେଇ ରୁହନ୍ତୁ । ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି ।

**ବୃଷ:** ଆଜି ଦିନଟି ବେଶ୍ ହସଖୁସିରେ ବିତିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବେ । କାର୍ଯ୍ୟକ୍ଷେତ୍ରରେ ଭଲ ଫଳାଫଳ ପାଇବେ ।

**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ । ଅକସ୍ମାତ୍ ଧନଲାଭ ଯୋଗ ରହିଛି । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ ।

**କର୍କଟ:** ପୁରୁଣା ବନ୍ଧୁଙ୍କ ସହଯୋଗ ଲୋଡ଼ିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆୟ ବୃଦ୍ଧି ପାଇବ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ । ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ ।

**ସିଂହ:** କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି । ବ୍ୟବସାୟରେ କ୍ଷତି ହେବ । କଟୁ କଥା କୁହନ୍ତୁ ନାହିଁ । ଅତିଥି ସେବାରେ ଦିନ ବିତିବ ।

**କନ୍ୟା:** ଅକସ୍ମାତ୍ ଅତିଥିଙ୍କ ଆଗମନ ହୋଇପାରେ । ରାଜନୀତି କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କ ମାନସମ୍ମାନ ବୃଦ୍ଧି ପାଇବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ତୁଳା:** ବୁଝି ବିଚାରି କାର୍ଯ୍ୟ କରିବା ଭଲ । ବ୍ୟବସାୟରେ ସଫଳତା ପାଇବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ବାଦବିବାଦ ଦେଖାଦେବ । ପୁରୁଣା ରୋଗ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିପାରନ୍ତି ।

**ବିଛା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ମାନସିକ ଅବସାଦ ଲାଗି ରହିବ । କର୍ମକ୍ଷେତ୍ରରେ ବିଭିନ୍ନ ବାଧାପ୍ରତିବନ୍ଧକ ଉପୁଜିପାରେ । ଆର୍ଥିକସ୍ଥିତି ଭଲ ରହିବ । ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ଧନୁ:** ନୂତନ ଜମି କିଣିବାକୁ ଚାହୁଁଥିଲେ, ବର୍ତ୍ତମାନ ଭଲ ସମୟ । ପରିବାର ସହିତ ସମୟ ବିତାଇବାକୁ ଭଲ ସମୟ । ମହିଳାମାନେ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବେ ।

**ମକର:** ପାରିବାରିକ ସମସ୍ୟା ଲାଗି ରହିବ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ନ୍ତୁ । ଆୟ ତୁଳନାରେ ବ୍ୟୟ ବୃଦ୍ଧି ପାଇବ । ନିଜ ବ୍ୟକ୍ତିଗତ ସମ୍ପର୍କରେ ଅନ୍ୟ କାହାକୁ ଜଣାନ୍ତୁନି ।

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବ୍ୟବସାୟରେ ଆଶାଠାରୁ ଅଧିକ ଲାଭ ପାଇବେ । ମାନସିକ ଅବସାଦରେ ରହିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହନ୍ତୁ ।

**ମୀନ:** ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରେ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ନିଜ ଲୋକଙ୍କ ସହ ମନୋମାଳିନ୍ୟ ହୋଇପାରେ ।

## ଆଜିର ଇତିହାସ

- ୧୯୫୧- ହାଇଦ୍ରାବାଦରେ 'ସାଲାର୍ ଜଙ୍ଗ୍ ସଂଗ୍ରହାଳୟ'ର ସ୍ଥାପନା କରାଗଲା ।
- ୧୯୬୦-ଆମେରିକାର ଦୁଇଟି ବିମାନ ପରସ୍ପର ମଧ୍ୟରେ ବାଡ଼େଇ ହୋଇଯିବାରୁ ୧୩୬ ଜଣଙ୍କ ମୃତ୍ୟୁ ।
- ୨୦୧୪- ପେଶୱାରର ଏକ ସ୍କୁଲ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଏଥିରେ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିଲା, ଯେଉଁଥିରେ ୧୩୪ ସ୍କୁଲ୍ ପିଲା ଥିଲେ ।



## ଇମ୍ତିଆଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ପୁଣିଥରେ ନିର୍ଦ୍ଦେଶକ ଇମ୍ତିଆଜ ଅଲ୍ଲୀଙ୍କ ସହ କାମ କରୁଛନ୍ତି । ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର୍ କରିଥିଲେ । ଏହି ଭିଡିଓ ମାଧ୍ୟମରେ ପୁଣିଥରେ ସେ ଇମ୍ତିଆଜଙ୍କ ସହ କାମ କରୁଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଦିଲିଜିତ୍‌ଙ୍କ ଏହି ମିନି ବ୍ଲଗ୍‌ରେ ସେ ଭୋର ସାଢ଼େ ୪ଟାରୁ ଉଠି ବ୍ୟାୟାମ କରୁଥିବାର ଦେଖାଯାଇଛନ୍ତି । ଏହାପରେ ସେ ସକାଳ ଜଳଖିଆ କରୁଛନ୍ତି । ଏହି ସମୟରେ ସେ ଗ୍ରୀନ୍ ସ୍କ୍ରିନ୍ ସମ୍ମୁଖରେ ସୁଟ୍ କରିବା ସହ ଇମ୍ତିଆଜଙ୍କ ସହ କଥା ହେଉଛନ୍ତି । ଦିଲଜିତ୍ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ଇମ୍ତିଆଜଙ୍କ ସହ କାମ କରୁଛନ୍ତି ବୋଲି ଏହି ଭିଡିଓ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଛନ୍ତି । ଏହାପୂର୍ବରୁ ଦିଲଜିତ୍, ଇମ୍ତିଆଜଙ୍କ ଫିଲ୍ମ 'ଅମର ସିଂହ ଚମକିଲା'ରେ କାମ କରିଥିଲେ । ଏଥିରେ ଦିଲଜିତ୍‌ଙ୍କ ବିପକ୍ଷରେ ପରିଣିତି ଚୋପ୍ରା ନଜର ଆସିଥିଲେ । ଦିଲଜିତ୍ ଖୁବ୍‌ଶୀଘ୍ର 'ବର୍ଡର ୨' ଫିଲ୍ମରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ସିଂହ । ଏଥିରେ ଦିଲଜିତ୍‌ଙ୍କ ସହ ବରୁଣ ଧୱନ୍, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା ପ୍ରମୁଖ ଦେଖାଯିବେ ।

## ବିଜୟ ଦିବସ



୧୬ ଡିସେମ୍ବର, ଭାରତୀୟ ଇତିହାସ ପୃଷ୍ଠାରେ ଏକ ସ୍ୱର୍ଣ୍ଣିମ ଦିନ । ଏହି ଦିନ ପାକିସ୍ତାନଠାରୁ ଭାରତର ଐତିହାସିକ ବିଜୟ କଥା ମନେ ପକାଇଦିଏ । ୧୯୭୧ ମସିହା ଡିସେମ୍ବର ୧୬ ତାରିଖରେ ଯୁଦ୍ଧରେ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା ଭାରତ । ଏହି ଯୁଦ୍ଧରେ ଭାରତର ୩,୮୪୩ ସୈନିକ ସହିଦ ହୋଇଥିବାବେଳେ ୯,୮୫୧ ଜଣ ଆହତ ହୋଇଥିଲେ । ସେବେଠାରୁ ଏହି ଦିନକୁ ମନେ ରଖିବା ପାଇଁ ବିଜୟ ଦିବସ ପାଳିତ ହୋଇଆସୁଛି । ମୋଟ ୧୩ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ, ଆତ୍ମସମର୍ପଣ କରିଥିଲା ପାକିସ୍ତାନୀ ସେନା । ଡିସେମ୍ବର ୧୬ ତାରିଖରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଏ.ଏ.କେ ନିୟାଜି ଖାନ ୯୩ ହଜାର ସୈନିକଙ୍କ ସହିତ, ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ । ୧୯୭୧ ପୂର୍ବରୁ ବାଂଲାଦେଶ ପାକିସ୍ତାନର ଏକ ଅଂଶ ଥିଲା, ଯାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା । ପୂର୍ବ ପାକିସ୍ତାନର ଲୋକଙ୍କୁ ପାକିସ୍ତାନୀ ସେନା ଦ୍ୱାରା ମାଡ଼ ମାରିବା, ଶୋଷଣ, ଦୁଷ୍କର୍ମ ଓ ହତ୍ୟା ଭଳି ଅତ୍ୟାଚାର କରାଯାଉଥିଲା । ଡିସେମ୍ବର ୩, ୧୯୭୧ରେ, ଭାରତ ସରକାର ପୂର୍ବ ପାକିସ୍ତାନର ଲୋକଙ୍କୁ ବଞ୍ଚାଇବା ପାଇଁ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ୨୭ ମାର୍ଚ୍ଚ, ୧୯୭୧ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନକୁ ସ୍ୱାଧୀନତା ଦେବାକୁ ଏବଂ ଶରଣାର୍ଥୀଙ୍କୁ ରକ୍ଷା କରିବା ପାଇଁ ପାକିସ୍ତାନ ସହ ଯୁଦ୍ଧ କରିବାକୁ ନିଷ୍ପତି ନେଇଥିଲେ । ୧୯୭୧ ଡ଼ିସେମ୍ବର ୩ ରେ ପାକିସ୍ତାନ ପକ୍ଷରୁ ପ୍ରାଥମିକ ଯୁଦ୍ଧ ଘୋଷଣା କରାଯାଇଥିଲା । ଏହି ଦିନ ସନ୍ଧ୍ୟାରେ ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଏୟାରଫିଲ୍ଡ ଉପରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା । ସେହିଦିନ ରାତିରେ ଭାରତ ପ୍ରତ୍ୟୁତ୍ତରରେ ପାକିସ୍ତାନ ଉପରେ ପାଲଟା ଆକ୍ରମଣ କରି ଏହାର ଉଚିତ ଜବାବ ଦେଇଥିଲା । ଏହାର ପରଦିନ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏହି ଯୁଦ୍ଧରେ ଭାରତ ଓ ପାକିସ୍ତାନ ଉଭୟ ଦେଶର ବହୁତ କ୍ଷୟକ୍ଷତି ହୋଇଥିଲା କିନ୍ତୁ ପାକିସ୍ତାନକୁ ଅଧିକ କ୍ଷତି ସହିବାକୁ ପଡିଥିଲା । ଏହି ଯୁଦ୍ଧରେ ପାକିସ୍ତାନକୁ ସବକ ଶିଖାଇଥିଲା ଭାରତ । ୧୯୭୧ ଯୁଦ୍ଧରେ ପାକିସ୍ତାନର ୯୩,୦୦୦ ସୈନିକ ଯୁଦ୍ଧ ସମୟରେ ଧଳାପତାକା ଦେଖାଇ ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ । ଏହି ଯୁଦ୍ଧ ବାଂଲାଦେଶ ମୁକ୍ତି ପାଇଁ ଥିଲା । ଭାରତୀୟ ଯୋଦ୍ଧାଙ୍କ ବଳିଦାନ ସ୍ୱରୂପ ବାଂଲାଦେଶ ସ୍ୱାଧୀନ ହୋଇଥିଲା । ଯାହା ଭାରତୀୟ ସେନା ପାଇଁ କୌଣସି ଉତ୍ସବଠାରୁ କମ୍ ନ ଥିଲା । ଏହି ବିଜୟ ଭାରତୀୟ ସେନାର ସାହସିକତାର ସାକ୍ଷୀ । ଏହି ଅବସରରେ ଦେଶକୁ ରକ୍ଷା କରି ଜୀବନର ବଳିଦାନ ଦେଇଥିବା ସମସ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ।

## ଘୋଷ୍ଟ ବେଡ୍ ପରମ୍ପରା



ଚୀନ୍‌ର ଝେଜିୟାଙ୍ଗ ଅଞ୍ଚଳର ରହନ୍ତି ୬୦ ବର୍ଷୀୟ ଚେନ୍ । ତାଙ୍କର ୮୬ ବର୍ଷୀୟା ମା'ଙ୍କ ଅଚାନକ ମୃତ୍ୟୁ ହେବାରୁ ଚେନ୍ ଭାଙ୍ଗିପଡ଼ିଲେ । ତେବେ ଚେନ୍‌ଙ୍କ ମା' ସବୁବେଳେ ସୁସ୍ଥ ଥିଲେ ଏବଂ ନିତିଦିନ କ୍ଷେତରେ କାମ କରୁଥିଲେ । ହେଲେ ଶରତ ଋତୁ ମହୋତ୍ସବ ପରେ ଅଚାନକ ଝାଡ଼ା ବାନ୍ତି ହେବାରୁ ତାଙ୍କର ହଠାତ୍ ମୃତ୍ୟୁ ହେଲା । ଦୁଃଖରେ ଭାଙ୍ଗିପଡ଼ିଥିବା ଚେନ୍ ସେଠାରେ ପ୍ରଚଳିତ ପରମ୍ପରାକୁ ସମ୍ମାନ ଦେଇ ଅନେକ ଦିନ ପର୍ଯ୍ୟନ୍ତ ମା'ଙ୍କ ଖଟରେ ଶୋଇବା ଆରମ୍ଭ କଲେ । ତେବେ ଏଠାକାର କିଛି ଗାଁରେ ମୃତ ଲୋକଙ୍କ ଶଯ୍ୟାରେ ଶୋଇବା ପରମ୍ପରାକୁ 'ଦ ଘୋଷ୍ଟ ବେଡ୍' କୁହାଯାଏ । ଏହି ପରମ୍ପରା ବ୍ୟକ୍ତିର ମୃତ୍ୟୁ ପରେ ୩୫ ଦିନ ପର୍ଯ୍ୟନ୍ତ ଜାରି ରହେ । କୁହାଯାଏ, ଏହାଦ୍ୱାରା ମୃତକର ଆତ୍ମାକୁ ଆଗାମୀ ଜୀବନ ଲାଗି ଶାନ୍ତିପୂର୍ଣ୍ଣ ମାର୍ଗ ମିଳିଥାଏ । ଚୀନ୍ ସଂସ୍କୃତିରେ ସାତ ଅଙ୍କର ବିଶେଷ ମହତ୍ତ୍ୱ ଅଛି । ସେହିପରି ପ୍ରତ୍ୟେକ ସାତ ଦିନ ଚକ୍ରରେ ଆତ୍ମାକୁ ଅନ୍ତିମ ବିଦାୟ ଆଡ଼କୁ ନେଇଥାଏ । ଚେନ୍ ତାଙ୍କ ମା'ଙ୍କର ମୃତ୍ୟୁର ଦଶମ ଦିନ ପର୍ଯ୍ୟନ୍ତ ସେଇ ଖଟରେ ଶୋଇ ରହିବା ଦ୍ୱାରା ସେ ବେଶ୍ ଦୁର୍ବଳ ଅନୁଭବ କଲେ । ତାଙ୍କ ମାଂସପେଶୀରେ ଯନ୍ତ୍ରଣା ହେବା ସହ ବାନ୍ତି ମଧ୍ୟ ହେଲା । ଚେନ୍‌ଙ୍କର ଠିକ୍ ସେମିତି ଅବସ୍ଥା ହେଲା, ଯେମିତି ତାଙ୍କ ମା'ଙ୍କର ମୃତ୍ୟୁ ପୂର୍ବରୁ ହୋଇଥିଲା । ସେହିପରି ତାଙ୍କ ସ୍ଥିତି ବିଗିଡ଼ିବାରୁ ସେ ହସ୍‌ପିଟାଲ ଗଲେ । ସେଠାରେ ଚିକିତ୍ସାରୁ ଜଣାପଡ଼ିଲା ଚେନ୍ ଏକ ବିପଜ୍ଜନକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି । ଡାକ୍ତର କହିଛନ୍ତି ଯେ, ଚେନ୍‌ଙ୍କ ମା'ଙ୍କୁ ଟିଙ୍କ କାମୁଡ଼ିବା ଯୋଗୁଁ ସେ ସେହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ । ତେଣୁ ତାଙ୍କ ମୃତ୍ୟୁ ପରେ ସେହି ବିଛଣାରେ ରହିଥିବା ଶରୀରର ତରଳ ପଦାର୍ଥର ସଂସ୍ପର୍ଶରେ ଚେନ୍ ଆସିବାରୁ ସେ ବି ସେଥିରେ ସଂକ୍ରମିତ ହେଲେ । ଏହି ଭୂତାଣୁ ଜ୍ୱର, ପେଟ ସମସ୍ୟା ସମେତ ପ୍ରତିରକ୍ଷା ପ୍ରଣାଳୀ ଫେଲ୍ ହେବା ଭଳି ଗମ୍ଭୀର ସ୍ଥିତି ସୃଷ୍ଟି କରିପାରେ । ଅବଶ୍ୟ ଚେନ୍‌ଙ୍କୁ ସମୟ ପୂର୍ବରୁ ଚିକିତ୍ସା ମିଳିବାରୁ ତାଙ୍କ ଅବସ୍ଥାରେ ସୁଧାର ଆସିଲା ।

## ଗାଁ ଗୋଟିଏ ଚୁଲି ଗୋଟିଏ

ଗୁଜରାଟର ଚାନ୍ଦଣକି ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ । ଗାଁଟି ତା'ର ନିଆରା ଜୀବନଶୈଳୀ ଯୋଗୁଁ ଚର୍ଚ୍ଚାରେ ଥାଏ । ଏଠାରେ କାହାରି ଘରେ ଚୁଲି ଜଳେ ନାହିଁ । ଏହାସତ୍ତ୍ୱେ ଲୋକମାନେ ପେଟଭରି ଖାଆନ୍ତି । ଏହି ଗାଁରେ ପ୍ରାୟ ହଜାରେ ଲୋକ ରହନ୍ତି । ଗାଁରେ କୌଣସି ଘରେ ଅଲଗା ଖାଦ୍ୟ ରନ୍ଧାଯାଏ ନାହିଁ । ପୂରା ଗାଁ ପାଇଁ ଥରେ ସାମୁହିକ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସବୁଲୋକ ଏକାଠି ବସି ଖାଆନ୍ତି । ଏହି ପରମ୍ପରା ଭାଇଚାରା, ପ୍ରେମ, ସାମାଜିକ ଏକତାର ନିଆରା ପ୍ରତୀକ ପାଲଟିଛି । ଚାନ୍ଦଣକିର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ କହିବାନୁସାରେ, ଏହି ପରମ୍ପରା ସେବେଠୁ ଆରମ୍ଭ ହୋଇଛି, ଯେବେ ଗାଁର ଯୁବପିଢ଼ି ଚାକିରି ତଥା ବ୍ୟବସାୟ ପାଇଁ ସହର ଓ ବିଦେଶରେ ରହିଲେ । ଫଳରେ ଗାଁରେ ରହିଯାଇଥିବା ବୟସ୍କଙ୍କ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିବା କଷ୍ଟକର ହୋଇପଡ଼ିଲା । ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ପାଇଁ ସାମୁହିକ ଭୋଜନର ବ୍ୟବସ୍ଥା ହେଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କେବଳ ଆବଶ୍ୟକତା ଥିଲା । ହେଲେ ସମୟ ସହିତ ପୂରା ଗାଁ ପାଇଁ ଏହା ଏକ ଦିନଚର୍ଯ୍ୟାରେ ପରିଣତ ହେଲା । ସେହିପରି କାମର ବୋଝ ଯେମିତି ଅଧିକ ନ ହେବ, ଆଜି ପ୍ରାୟ ଶହେ ଗ୍ରାମବାସୀ ମିଳିମିଶି ଭାତ, ଡାଲି, ତରକାରି, ରୁଟି ତିଆରି କରୁଛନ୍ତି । ବିଶେଷ ଦିନମାନଙ୍କରେ ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ । ଗାଁର ଏହି ପରମ୍ପରା ଏବେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ବାହରୁ ଆସୁଥିବା ଲୋକଙ୍କର ଗ୍ରାମବାସୀ ଆନନ୍ଦରେ ସ୍ୱାଗତ କରିଥାନ୍ତି ଏବଂ ସେମାନଙ୍କୁ ସାମୁହିକ ରନ୍ଧାଶାଳର ଖାଦ୍ୟ ପରଷା ଯାଏ । ଏହିପରି ଭାବେ ପର୍ଯ୍ୟଟକଙ୍କୁ ଏଠାକାର ସରଳ ଜୀବନ ଓ ନିଆରା ପରମ୍ପରାକୁ ପାଖରୁ ଦେଖିବାର ସୁଯୋଗ ଜୁଟେ । ଏହି କାରଣ ଯୋଗୁଁ ଏହି ଛୋଟିଆ ଗାଁ ଏବେ ଏକ ବିଶିଷ୍ଟ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିଛି ।

# ସୁବର୍ଣ୍ଣା

## ସୌରଚାଳିତ ଟ୍ରିମର



ଗଛ ଝଙ୍କାଳିଆ ତଥା ସୁସ୍ଥ ରଖିବା ପାଇଁ ଉପର ପତ୍ର ଗୁଡ଼ିକ ହଟାଇ ଦେବାକୁ ହୁଏ । ଅଧିକାଂଶ ହାତରେ ଏହି କାମ କରନ୍ତି । ଏଥିପାଇଁ ସମୟ ଲାଗେ । ଆଉ ଉଚିତ ସମୟରେ ଗଛରୁ ପତ୍ର ନ କାଢ଼ିଲେ ଏହା ଫସଲକୁ କ୍ଷତି ପହଞ୍ଚାଏ । ଏହାକୁ ହୃଦୟଙ୍ଗମ କରି କର୍ଣ୍ଣାଟକ, ବିଜୟପୁରର ଗିରିଶ ବଦ୍ରାଗୋଣ୍ଡ ସୌର ଚାଳିତ ଟ୍ରିମର ତିଆରି କରିଛନ୍ତି । ଏହା ସୂର୍ଯ୍ୟ କିରଣରେ ଚାର୍ଜ ହୋଇ ବ୍ୟବହାର କରାଯାଏ । ଏଥିପାଇଁ ପେଟ୍ରୋଲ, ଡିଜେଲ କିମ୍ବା ବିଦ୍ୟୁତର ଆବଶ୍ୟକ ପଡ଼େ ନାହିଁ । ଏହା କମ୍ ଓଜନର । ଚାଷୀ ସହଜରେ ଏହାକୁ ଜମିରେ ପ୍ରୟୋଗ କରିବା ପରି ତିଆରି କରାଯାଇଛି । ପତ୍ର କାଟିବାକୁ ଏଥିରେ ଓଜାରୋର ବ୍ୟବହାର କରାଯାଇଛି । ଏହି ଟ୍ରିମରଟି ଗଛ ପତ୍ରକୁ ସମାନ ରୂପେ କାଟିପାରେ । ଏହି ସୌରଚାଳିତ ଟ୍ରିମରଟି ଦିନକରେ ପାଖାପାଖି ୪ ଏକରରେ ପତ୍ର କାଟିବାରେ ସାହାଯ୍ୟ କରେ । ଫଳରେ ସମୟ ଓ ମଜୁରୀ ଖର୍ଚ୍ଚ କମ୍ ହୁଏ । ଗଛରେ ସଠିକ୍ ଢଙ୍ଗରେ ଟ୍ରିମିଂ ହେବା କାରଣରୁ ଗଛ ଝଙ୍କାଳିଆ ଏବଂ ସୁସ୍ଥ ରୁହେ । ଏହା ପରିବେଶ ଅନୁକୂଳ । ଏହା ଦ୍ୱାରା କେବଳ ଫସଲ ବୃଦ୍ଧି ହୁଏ ତାହା ନୁହେଁ, ଚାଷୀମାନେ ଲାଭାନ୍ୱିତ ହୋଇପାରନ୍ତି ।

## ଛତୁ ଶଯ୍ୟା ପଚୁଥିଲେ



**ଅଧିକାଂଶ ଚାଷୀ ଛତୁ ଚାଷ କରି ନିଜର ଜୀବିକା ନିର୍ବାହ କରନ୍ତି । ହେଲେ ଚିନ୍ତାର ବିଷୟ, ଶୀତଋତୁର ଥଣ୍ଡା ପବନ, ତାପମାତ୍ରା ହ୍ରାସ ଓ ଅଧିକ ଜଳ ସିଞ୍ଚନ ଯୋଗୁ ଛତୁ ଶଯ୍ୟା ପଚି ଯାଇଥାଏ । ଏଥିପାଇଁ ଚାଷୀ କ୍ଷତି ସହିଥାନ୍ତି । ତେଣୁ କିଛି ଉପାୟ ଆପଣାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ।**

ଥଣ୍ଡା ବଢ଼ିବା ସହିତ ଛତୁ ଚାଷ କରାଯାଉଥିବା କୋଠରିର ତାପମାତ୍ରା ହଠାତ୍ ହ୍ରାସ ପାଏ । ଛତୁ ଚାଷ ଅଧିକ ଥଣ୍ଡା ସହ୍ୟ କରିପାରେ ନାହିଁ । କୋଠରିକୁ ସୂର୍ଯ୍ୟକିରଣ ଭଲ ଭାବେ ପଡୁନଥିବାରୁ ଚାଷ କରାଯାଉଥିବା ଶଯ୍ୟାଗୁଡିକ ସନ୍ତସନ୍ତିଆ ରୁହେ । ଧୀରେ ଧୀରେ ଶଯ୍ୟା(କୁଟା) ନରମ ହୋଇ ପଚିଯାଏ । ଏହା ଶଡ଼ିବାକୁ ଲାଗେ । ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟାରେ ଏହି ସମାନ ସମସ୍ୟା ଦେଖାଯାଇଥାଏ । ତେଣୁ କୋଠରିର ସଠିକ୍ ତାପମାତ୍ରା,ଆର୍ଦ୍ରତା, ହାଲୁକା ଜଳସିଞ୍ଚନ, ସ୍ୱଚ୍ଛତାକୁ ଗୁରୁତ୍ୱ ଦେଲେ ଛତୁ ଅମଳ ଭଲ ହୁଏ ।

**ହାଲୁକା ଜଳ ସିଞ୍ଚନ:** ଛତୁ ଶଯ୍ୟାରେ ସର୍ବଦା ହାଲୁକା ପାଣି ସିଞ୍ଚିବା ଜରୁରି । କାରଣ ଅଧିକ ପାଣି ସିଞ୍ଚିଲେ ପାଣି ଶଯ୍ୟାରେ ପଶି ରହିଯାଏ । ଏହା କୁଟାକୁ ଶଡ଼ାଇ ଦିଏ । ସେଥିପାଇଁ କମ୍ ପାଣି ସିଞ୍ଚିବା ଦରକାର । ସେହିପରି ଛତୁ ଅମଳ ପରେ ବଳକା ଅବଶିଷ୍ଟାଂସକୁ ଆଦୌ ଛାଡ଼ନ୍ତୁନି । ଏହା କମ୍ ଆର୍ଦ୍ରତା ଶୀଘ୍ର ଶଡ଼ିବା ସହିତ କୋଠରିରେ ଜୀବାଣୁ ବଢ଼ାଇଦେଇଥାଏ । ସେଥିପାଇଁ ଫସଲ ଅମଳ ପରେ ପରେ ସ୍ୱଚ୍ଛତାକୁ ଧ୍ୟାନ ଦେବା ଦରକାର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତୁ ଫସଲ ଥରେ ପଚିବା ଆରମ୍ଭ ହେଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସଲ୍‌ଫର ଏବଂ ଚୂନ ସଠିକ୍ ମାତ୍ରାର ସିଞ୍ଚିପାରିବେ । ଏହାଦ୍ୱାରା ଶଯ୍ୟାର ଆର୍ଦ୍ରତା ସଠିକ ରୁହେ । କୋଠରିକୁ ବାୟୁ ଚଳାଚଳ କିପରି ହୋଇପାରିବ ତାହାକୁ ଧ୍ୟାନ ଦେବା ଦରକାର । ଏହାଦ୍ୱାରା ଛତୁ ଶଯ୍ୟା ପଚିବା ନିୟନ୍ତ୍ରଣ ହୁଏ । କୋଠରିରେ ହାଲୁକା ବଲ୍‌ବ, ଧୂଆଁ, କିମ୍ବା ବ୍ଲୋଅର ଆଦି ବ୍ୟବହାର ଦ୍ୱାରା କୋଠରିର ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ରହିପାରେ । ଛତୁ ସୁରକ୍ଷିତ ରୁହେ । ଚାଷୀ ଲାଭାନ୍ୱିତ ହୋଇଥାନ୍ତି ।

## ଏ ମାସର ଚାଷ

**ଚାଷକାର୍ଯ୍ୟ ପାଇଁ ଡିସେମ୍ବର ମାସଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହି ଦିନେ ଅନେକ ଫସଲ ଅମଳଯୋଗ୍ୟ ହୁଏ । କିଛି ଫସଲରେ ଘାସ ନିୟନ୍ତ୍ରଣ କରିବାକୁ ପଡ଼େ । ସେହିପରି ଏହି ମାସଟି ସୋରିଷ, ଫୁଲକୋବି, କୋବିଜାତୀୟ ଫସଲ, ଅମୃତଭଣ୍ଡା ଆଦି ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ସମୟ ।**



- ଡାଲୁଅ ଧାନ ପାଇଁ ତଳି ପକାନ୍ତୁ । ୧୨୦ ଦିନରୁ କମ୍ ଦିନରେ ଅମଳ ହେଉଥିବା ଧାନ କିସମ ଚାଷ କରନ୍ତୁ ।
- ପାଇରା ଫସଲ ଭାବେ ଚାଷ କରାଯାଉଥିବା ମୁଗ, ବିରି, ମଟର ମାସକର ହୋଇଯାଇଥିଲେ ଶତକଡ଼ା ୨ ଭାଗ ଡିଏପି ସିଞ୍ଚନ କରନ୍ତୁ । ଗେଣ୍ଡୁଫୁଲ ଚାଷ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ଉପରବେଳା ଉପାଡ଼ି ମୁଖ୍ୟ ଜମିରେ ଲଗାନ୍ତୁ । ଫୁଲକୋବିରେ ଶତକଡ଼ା ୦.୨ ଭାଗ ବୋରାକ୍ସ ସିଞ୍ଚନ କରନ୍ତୁ ।
- ଆଖୁ ଫସଲକୁ ହାତ ବ୍ରିକ୍ସିମିଟର ସାହାଯ୍ୟରେ ପରୀକ୍ଷା କରି ବ୍ରିକ୍ସି ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଧାରୁଆ କଟୁରୀରେ ଟିକିଏ ମାଟିତଳୁ କାଟନ୍ତୁ ।
- ମୂଳି ଆଖୁ ଫସଲ କରିବା ପାଇଁ କଟାଯାଇଥିବା ଆଖୁ କିଆରିରେ ଯତ୍ନ ନିଅନ୍ତୁ ।
- ଖରାଦିନିଆ ସୂର୍ଯ୍ୟମୁଖୀ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ସୋରିଷ, ପାଳଙ୍ଗ, ଗାଜର, ମଟର ଆଦି ବୁଣା କାମ କରିପାରିବେ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ ।
- ଆଖୁ ଫସଲକୁ ଜମି ପତନଠାରୁ ଏକ ଇଞ୍ଚ ତଳକୁ କାଟିଲେ ମୂଳି ଆଖୁ ଭଲ ଗଜା ହୁଏ । ଗଛ ସଂଖ୍ୟା ଠିକ୍ ରହେ ଓ ଅମଳ ଠିକ ମିଳେ ।
- ମୁଗ ଓ ବିରି ଫସଲରେ ଜଉ ପୋକର ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକସ୍ତରରେ ଏକର ପ୍ରତି ନିମ୍ବ ଆଧାରିତ ଔଷଧ ୧୫୦୦ ପିପିଏମ୍ ୬୦୦ ମିଲ ସିଞ୍ଚନ କରନ୍ତୁ ।
- ଶୀତଋତୁରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ୍ ବଲ୍‌ବ ଲଗାନ୍ତୁ ।

## ଆଇପିଏଲ୍-୧୯ : ଆଜି ମିନି ନିଲାମୀ

# ୩୫୦ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା

ଆବୁଧାବି, ୧୫ ।୧୨ (ଏଜେନ୍ସି

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମଙ୍ଗଳବାର ମିନି ଖେଳାଳି ନିଲାମ ଅନୁଷ୍ଠିତ ହେବ। ଆବୁ ଧାବିରେ ଅପରାହ୍ଣ ୨ଟା ୩୦ରୁ ଏହି ଦିନିକିଆ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆଇପିଏଲ୍‌ର ୧୦ଟି ଯାକ ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୭୭ଟି ସ୍ଥାନ



ବଳକା ରହିଛି। ଏହି ୭୭ଟି ସ୍ଥାନ ଲାଗି ପଞ୍ଜୀକରଣ କରିଥିବା ଖେଳାଳିଙ୍କ ମଧ୍ୟରୁ ୩୫୦ଜଣଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରାଯାଇଛି। ଯେଉଁଥିରେ ୨୪୦ଜଣ ଭାରତୀୟ ଓ ୧୧୦ଜଣ ବିଦେଶୀ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ମଙ୍ଗଳବାର ହେବ। ସେହିଭଳି ଏହି ୩୫୦ଜଣ ଖେଳାଳିଙ୍କ ମଧ୍ୟରୁ ୨୩୮ ଜଣ ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି ଅର୍ଥାତ୍ ଅନକ୍ୟାପଡ୍ ଖେଳାଳି।

### ୨ କୋଟି ମୂଳଦର ତାଲିକାରେ ୪୦ ଖେଳାଳି


ଅପରପକ୍ଷରେ ୪୦ଜଣ ଖେଳାଳିଙ୍କ ବେସ୍ ପ୍ରାଇସ ଅର୍ଥାତ୍ ମୂଳଦର ୨ କୋଟି ଟଙ୍କା ରହିଛି। ଏହି ୨ କୋଟି ତାଲିକାରେ କାମେରନ ଗ୍ରୀନ, ଷ୍ଟିଭ ସ୍ମିଥ୍, ଡେଭିଡ ମିଲର, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟର, ରବି ବିଷ୍ଣୋଇ ପ୍ରମୁଖଙ୍କ ଭଳି ଖେଳାଳି ରହିଛନ୍ତି। ସେହିଭଳି ମୂଳଦର ୧.୫ କୋଟି ତାଲିକାରେ ୯ଜଣ, ୧.୨୫ କୋଟି ମୂଳଦରରେ ୪ଜଣ, ୧ କୋଟି ମୂଳଦରରେ ୧୭ଜଣ ଖେଳାଳିଙ୍କୁ ରଖାଯାଇଛି। ୭୫ ଲକ୍ଷ, ୫୦ ଲକ୍ଷ, ୪୦ ଲକ୍ଷ ଓ ୩୦ ଲକ୍ଷ ମୂଳଦର ଥିବା ତାଲିକାରେ ଯଥାକ୍ରମେ ୪୨ଜଣ, ୪ ଜଣ, ୭ଜଣ ଓ ୨୨୭ ଜଣ ଖେଳାଳି ରହିଛନ୍ତି।

ନିଲାମରେ ଅଂଶଗ୍ରହଣ କରିବାକୁ ଥିବା ୧୦ ଗୋଟି ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୨୩୭.୫୫ କୋଟି ଟଙ୍କା ବଳକା ରହିଛି। ଫ୍ରାଞ୍ଚାଇଜ ଅନୁଯାୟୀ ଦେଖିଲେ କୋଲକାତା ନାଇଟ୍ ରାଇଡର୍ସ ନିକଟରେ ସର୍ବାଧିକ ୬୪.୩ କୋଟି ଟଙ୍କା ରହିଛି। ସେହିଭଳି ଚେନ୍ନାଇ ସୁପର୍ କିଙ୍ଗ୍‌ସ (୪୩.୪ କୋଟି), ସନରାଇଜର୍ସ ହାଇଦରାବାଦ୍ (୨୫.୫ କୋଟି), ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (୨୨.୯୫ କୋଟି), ଦିଲ୍ଲୀ କ୍ୟାପିଟାଲ୍ସ (୨୧.୮ କୋଟି) ପଛକୁ ପଛ ରହିଛନ୍ତି। ଚୂଡ଼ାନ୍ତ ଖେଳାଳି ରିଟେନ ତାଲିକା ପ୍ରକାଶ ପାଇବା ପରେ କେଉଁ ଫ୍ରାଞ୍ଚାଇଜ ନିକଟରେ କେତେ ଟଙ୍କା ବଳକା ରହିଥାଏ ତାହା ସ୍ପଷ୍ଟ ହୋଇଥାଏ। ଜଣାଶୁଣା ଅଙ୍କନର ମଲ୍ଲିକା ସାଗର ଆସନ୍ତାକାଲି ଏହି ନିଲାମୀକୁ ହୋଷ୍ଟ କରିବେ।

**ନିଲାମୀ ଆରମ୍ଭ : ଅପରାହ୍ଣ ୨ଟା ୩୦**

**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

### ମକ୍ ନିଲାମୀରେ ଚମକିଲେ ଗ୍ରୀନ




ମିନିନିଲାମୀ ପୂର୍ବରୁ ସୋମବାର ପ୍ରସାରଣକାରୀ ସଂସ୍ଥା ଷ୍ଟାର୍ ସ୍ପୋର୍ଟ୍ସ ପକ୍ଷରୁ ଏକ ମକ୍ ନିଲାମୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ ସମସ୍ତଙ୍କୁ ଚକିତ କରି ୩୦.୫୦ କୋଟି ଟଙ୍କାରେ କୋଲକାତା ଫ୍ରାଞ୍ଚାଇଜ ଦ୍ୱାରା କ୍ରୟ ହୋଇଥିଲେ। ତେବେ ମକ୍ ନିଲାମୀରେ ଚମକିଥିବା ଗ୍ରୀନଙ୍କ ଭାଗ୍ୟ କ'ଣ ହେଉଛି ତାହା ମୁଖ୍ୟ ନିଲାମୀରେ ମଙ୍ଗଳବାର ଜଣାପଡ଼ିବ। ତେବେ ଏଥର ଗ୍ଲେନ ମ୍ୟାକ୍ସୱେଲ ଓ ଫାଫ୍ ଡୁ ପ୍ଲେସିସ ଆଇପିଏଲ୍ ବଦଳରେ ପାକିସ୍ତାନ ଲିଗ୍ ଖେଳିବାକୁ ନିଷ୍ପତ୍ତି ନେଇଥବବାରୁ ସେମାନଙ୍କୁ ନିଲାମୀରେ ଦେଖିବାକୁ ମିଳିବନି।

### ଓଡ଼ିଶାରୁ ସ୍ଥାନ ପାଇଲେନି ଜଣେ ହେଲେ ଖେଳାଳି

ମଙ୍ଗଳବାର ହେବାକୁ ଥିବା ମିନି ନିଲାମୀରେ ସାରା ବିଶ୍ୱର ୩୫୦ଜଣ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ହେବ। ଯେଉଁଥିରେ ଭାରତର ୨୪୦ଜଣ ଖେଳାଳି ରହିଛନ୍ତି। ତେବେ ଓଡ଼ିଶାର ଜଣେ ହେଲେ କ୍ରିକେଟର୍ ସ୍ଥାନ ନ ପାଇବା ରାଜ୍ୟ କ୍ରିକେଟ୍ ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ନିଲାମୀ ଲାଗି ୧୩୯୦ଜଣ କ୍ରିକେଟର୍ ନାମ ପଞ୍ଜୀକରଣ କରିଥିଲେ। ପରେ ଏହାକୁ ସର୍ଟଲିଷ୍ଟ କରାଯାଇ ୩୫୦ କରାଯାଇଥିଲା। ଓଡ଼ିଶାର ଅନ୍ତିମ କ୍ରିକେଟର୍ ଭାବେ ଶୁଭ୍ରାଂଶୁ ସେନାପତି ଆଇପିଏଲ୍ ନିଲାମୀରେ କ୍ରୟ ହୋଇଥିଲେ। ୨୦୨୨ ଓ ୨୦୨୩ କ୍ରମାଗତ ୨ଟି ସିଜନ ସେ ଚେନ୍ନାଇ ଦଳରେ ରହିଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚ୍ ଖେଳିପାରି ନଥିଲେ।

## ମେସିଙ୍କ ଭାରତ ଗସ୍ତ ଶେଷ

**ନୂଆଦିଲ୍ଲୀ, ୧୫ ।୧୨ (ଏଜେନ୍ସି):** ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ ଲିଓନେଲ ମେସିଙ୍କ ୩ ଦିନିଆ ଭାରତ ଗସ୍ତ ଶେଷ ହୋଇଛି। ଶେଷ ତଥା ତୃତୀୟ ଦିନରେ ସୋମବାର ନୂଆଦିଲ୍ଲୀରେ ମେସିଙ୍କ ଏକାଧିକ କାର୍ଯ୍ୟକ୍ରମ ରହିଥିଲା। ବିଶେଷ କରି ଅରୁଣ ଜେଟଲୀ ଷ୍ଟାଡିୟମରେ ସେ ହଜାର ହଜାର ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ। ସ୍ପାନିଶ ଭାଷାରେ ସମ୍ବୋଧିତ କରି ମେସି ପୁଣିଥରେ ଭବିଷ୍ୟତରେ ନିଶ୍ଚୟ ଭାରତ ଆସି ପ୍ରଶଂସକଙ୍କ ସାମ୍ନାରେ ଏକ ଫୁଟ୍‌ବଲ ମ୍ୟାଚ୍ ଖେଳିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଆଇସିସି ଅଧ୍ୟକ୍ଷ ଜୟ ଶାହ, ବାଇଚୁଙ୍ଗ ଭୂତିଆଙ୍କ ସହ ମେସିଙ୍କ ସାକ୍ଷାତ୍ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଜୟ ଶାହ ଭାରତୀୟ କ୍ରିକେଟ୍ ଦଳର ଏକ ଜର୍ସି, ମେସିଙ୍କ ସହ ଅନ୍ୟ ଦୁଇ ମହାନ ଫୁଟ୍‌ବଲର ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲ୍‌ଙ୍କୁ ଉପହାର ଆକାରରେ ଦେଇଥିଲେ। ସେହିଭଳି ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଏକ ଟିକଟ୍ ମେସିଙ୍କୁ ଦେଇ ମ୍ୟାଚ୍ ଦେଖିବା ଲାଗି ନିମନ୍ତ୍ରଣ କରିଥିଲେ। ମେସି ଏହାପରେ ମୁଖ୍ୟ ବିଚାରପତି, ଆର୍ମି ମୁଖ୍ୟ ଓ ଆର୍ଜେଣ୍ଟିନା ଆମ୍ବାସଡରଙ୍କୁ ଭେଟି ସ୍ୱଦେଶ ଫେରିଯାଇଥିବା ଜଣାପଡ଼ିଛି।

## ଟି-୨୦ ସିରିଜ୍‌ରୁ ଅକ୍ଷର ବାଦ୍



**ମୁମ୍ବଇ, ୧୫ ।୧୨ (ଏଜେନ୍ସି):** ଭାରତୀୟ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚରେ ଖେଳିବେନି। ଅସୁସ୍ଥତା ଲାଗି ତାଙ୍କୁ ସିରିଜର ଶେଷ ଦୁଇଟି ମୁକାବିଲାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ଶାହବାଜ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରବିବାର ଧର୍ମଶାଳାରେ ଖେଳାଯାଇଥିବା ୩ୟ ଟି-୨୦ରେ ମଧ୍ୟ ଅକ୍ଷର ଖେଳି ନ ଥିଲେ। ତେବେ ଲକ୍ଷ୍ନୌରେ ବୁଧବାର ଖେଳାଯିବାକୁ ଥିବା ୪ର୍ଥ ଟି-୨୦ରେ ସେ ଦଳ ସହ ରହିବେ। ସେଠାରେ ବିସିସିଆଇ ମେଡିକାଲ ଟିମ୍ ପକ୍ଷରୁ ତାଙ୍କ ଅଧିକ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଥିବା ଅକ୍ଷର ୪୪ ରନ କରିବା ସହ ୩ଟି ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମ୍ୟାଚ ବିଶିଷ୍ଟ ସିରିଜରେ ଘରୋଇ ଭାରତ ବର୍ତ୍ତମାନ ୨-୧ରେ ଅଗ୍ରଣୀ ରହିଛି।

## ବିପ୍ଳବଙ୍କୁ ନେତୃତ୍ୱ; ୭ଜଣ ନୂଆ ମୁହଁ

**ଭୁବନେଶ୍ୱର,୧୫।୧୨(ସମିସ):** ବିସିସିଆଇର ଆଗାମୀ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ପ୍ରଥମ ୩ଟି ମ୍ୟାଚ୍ ଲାଗି ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଦଳରେ ୭ ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ବ୍ୟାଟର୍ ଶୁଭ୍ରାଂଶୁ ସେନାପତିଙ୍କୁ ସୁଯୋଗ ନ ମିଳିବା ସବୁଠୁ ବଡ଼ ଘଟଣା ରହିଥିଲା। ସେହିଭଳି ଦୁଇ ବରିଷ୍ଠ ଖେଳାଳି ବ୍ୟାଟର ଶାନ୍ତନୁ ମିଶ୍ର ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦେବବ୍ରତ ପ୍ରଧାନଙ୍କୁ ଚଳିତ ସିଜନରେ ପ୍ରଥମଥର ଲାଗି କୌଣସି ଫର୍ମାଟ୍‌ରେ ସ୍ଥାନ ମିଳିଛି। ଓଡ଼ିଶା ସିନିଅର ଚୟନ କମିଟିର ଅଧ୍ୟକ୍ଷ ସୌରଜିତ ମହାପାତ୍ର ଦଳ ଘୋଷଣାକ କରିଥିଲେ। ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରକୁ ଭେଟିବ।

**ଖେଳାଳି ଦଳ**

ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଦିନେଶ ମାଝୀ, ଆଶୀର୍ବାଦ ସ୍ୱାଇଁ, ବିପ୍ଳବ ସାମନ୍ତରାୟ (ଅଧିନାୟକ), ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରିଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୟଦ ତୁଫାୟଲ ଅହମ୍ମଦ୍।

## ବିସିସିଆଇ ଏକ ଜାତୀୟ କ୍ରୀଡ଼ା ସଂଗଠନ ନୁହେଁ: କ୍ରୀଡ଼ା ମନ୍ତ୍ରୀ

**ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):** ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ଏକ ଜାତୀୟ କ୍ରୀଡ଼ା ସଂଗଠନ (ଏନ୍‌ଏସ୍‌ଏଫ୍) ନୁହେଁ। ଏହି କ୍ରୀଡ଼ା ସଂଗଠନ ନିଜର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଲାଗି ସରକାର କିମ୍ବା ସରକାରୀ ଅନୁଦାନ ଉପରେ ନିର୍ଭର କରେ ନାହିଁ। ବିସିସିଆଇ ନିଜସ୍ୱ ଅର୍ଥରେ ତାହାର କାର୍ଯ୍ୟ ପରିଚାଳନା କରୁଛି। ଏଣୁ ତାହାକୁ ଏନ୍‌ଏସ୍‌ଏଫ୍‌ର ସ୍ୱୀକୃତି ମିଳିନାହିଁ ବୋଲି ଲୋକସଭାରେ ଟିଏମ୍‌ସି ସାଂସଦ ମାଲା ରାୟଙ୍କ ପ୍ରଶ୍ନର ଉତ୍ତରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ସେହିପରି ସରକାରଙ୍କ ଏଭଳି କ୍ରୀଡ଼ା ସଂଘ ଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ଆଣିବା ସକାଶେ କୌଣସି ଯୋଜନା ନାହିଁ। କିନ୍ତୁ ଚଳିତବର୍ଷ ଅଗଷ୍ଟରେ ନୂଆ ଜାତୀୟ କ୍ରୀଡ଼ା ଗଭର୍ଣ୍ଣାନ୍ସ ନିୟମ ହୋଇଛି। ଏହା ଆସନ୍ତାବର୍ଷ କାର୍ଯ୍ୟକାରୀ ହେବ। କ୍ରିକେଟ ଏକ ଅଲିମ୍ପିକ୍ ଖେଳ ନୁହେଁ, କିନ୍ତୁ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଏହା ଆୟୋଜିତ ହେଲେ, ବିସିସିଆଇକୁ ଏନ୍‌ଏସ୍‌ଏଫ୍ ଭାବେ ସ୍ୱୀକୃତି ପ୍ରଦାନ କରିବାର ରାସ୍ତା ଫିଟିବ। ଏବେ ବିସିସିଆଇକୁ ସୂଚନା ଅଧିକାର ନିୟମ ବାହାରେ ରଖାଯାଇଛି। ଜାତୀୟ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବା ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ସ୍ପଷ୍ଟ ହେବ।

## ରଣତୁଙ୍ଗାଙ୍କ ଭାଇ ଦାମିକା ଗିରଫ

**କଲମ୍ବୋ, ୧୫ ।୧୨ (ଏଜେନ୍ସି):** ଶ୍ରୀଲଙ୍କା କ୍ରିକେଟ୍ ଦଳର ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଭାଇ ତଥା ପୂର୍ବତନ କ୍ରିକେଟର୍ ଦାମିକାଙ୍କୁ ସୋମବାର ଦେଶର ଦୁର୍ନୀତି ବିରୋଧୀ କମିଶନ ଗିରଫ କରିଥିଲେ। ତେବେ ପରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା। ୨୦୧୭ରେ ରାଷ୍ଟ୍ରାୟତ୍ତ ସଂସ୍ଥା ସିଲନ ପେଟ୍ରୋଲିୟମ କର୍ପୋରେସନ (ସିପିସି) ଦ୍ୱାରା ଅଶୋଧିତ ତୈଳ କ୍ରୟରେ ଭୁଲ ଟେଣ୍ଡରିଂ ପ୍ରକ୍ରିୟା ପାଇଁ ୬୩ ବର୍ଷୀୟ ଧାମିକା ଗିରଫ ହୋଇଥିଲେ। ସେତେବେଳେ ଧାମିକା ସିପିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେଲେ ଅଚ୍ୟୁତ



**ଭୁବନେଶ୍ୱର, ୧୫ ।୧୨ (ସମିସ):** କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଏଫ୍‌ଆଇଭିବି) ଫାଉଣ୍ଡେସନର ସଦସ୍ୟ ଘୋଷଣା କରାଯାଇଛି। ଏଫ୍‌ଆଇଭିବିର ସଭାପତି ଫାବିଓ ଆଜେଭେଦୋ ରବିବାର ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ଫଳରେ ପ୍ରଥମ ଭାରତୀୟ ଭାବେ ଅଚ୍ୟୁତ ଏହି ସମ୍ମାନଜନକ ସଂସ୍ଥାର ସଦସ୍ୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେବା ପରେ ଅଚ୍ୟୁତ ସମଗ୍ର ବିଶ୍ୱରେ ଭଲିବଲର ପ୍ରସାର ସହ ସାମାଜିକ ଦାୟିତ୍ୱବୋଧ ଉପରେ କାର୍ଯ୍ୟ କରିବେ। ଏହି ଅବସରରେ ଶ୍ରୀ ସାମନ୍ତ ଏଫ୍‌ଆଇଭିବିକୁ ନିଜର କୃତଜ୍ଞତା ଜଣାଇବା ସହ ଫାବିଓଙ୍କୁ ଧନ୍ୟବାଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବିଶ୍ୱ ଭଲିବଲ୍‌ର ସର୍ବୋଚ୍ଚ ସଂସ୍ଥା ହେଉଛି ଏଫ୍‌ଆଇଭିବି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଦେଶ ସଦସ୍ୟ ରହିଛନ୍ତି।

● ଇଷ୍ଟର୍ଣ୍ଣ ଜୋନ୍ ପାୱାର ଲିଫ୍ଟିଂ

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୫ ପଦକ

**ଭୁବନେଶ୍ୱର,୧୫।୧୨(ସମିସ):** ହାୱଡ଼ାର ପୁରୁଲିଆଠାରେ ଶେଷ ହୋଇଥିବା ଇଷ୍ଟର୍ଣ୍ଣଜୋନ୍ ପାୱାର ଲିଫ୍ଟିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୦ ଜଣିଆ ପ୍ରତିଯୋଗୀ ଦଳ ୫ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ଅଖିଳ ନାଗ। ପୁରୁଷ ୮୪ କିଲୋଗ୍ରାମ୍ କାଟାଗୋରୀରେ




ଅଖିଳ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ, ରାକେଶ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହାଛଡ଼ା ପୁରୁଷ ୮୪ କିଲୋ ଇକ୍ୱିପ୍‌ଡରେ ଶକ୍ତିରଞ୍ଜନ ବାରିକ, ମହିଳା ୮୪ କିଲୋରୁ ଊର୍ଦ୍ଧ୍ୱ କାଟାଗୋରୀରେ ଅନିତ ବେହେରା, ୮୪ କିଲୋରେ ତନାଳି ମିଶ୍ର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରି ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## କିଟ୍ ଓ କିସ୍‌କୁ ଡବଲ ଟାଇଟଲ୍




**ଭୁବନେଶ୍ୱର,୧୫।୧୨(ସମିସ):** ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ୍‌ରେ କିଟ ଡିମ୍‌ଡ ୟୁନିଭର୍ସିଟି ଓ ସିଏଚ୍‌ଏସ୍‌ଇ ଆନ୍ତଃସ୍କୁଲ୍ ରଗ୍‌ବୀରେ କିସ୍ ସ୍କୁଲ୍‌କୁ ଡବଲ ଟାଇଟଲ ମିଳିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଦଳ ଟାଇଟଲ ବିଜୟୀ ହୋଇଛନ୍ତି। ଡିସେମ୍ବର ୧୦ରୁ ୧୪ ଯାଏ ବିଳାସପୁରରେ ୩୮ଟି ଦଳକୁ ନେଇ ପୂର୍ବାଞ୍ଚଳ ମହିଳା ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ବିଜେତା ହୋଇଥିଲା। ଏହି ସମୟରେ ୫୬ଟି ଦଳକୁ ନେଇ ବିହାର ମୁଜାଫରପୁରରେ ଖେଳାଯାଇଥିବା ପୁରୁଷ ଭଲିବଲ୍‌ରେ ମଧ୍ୟ କିଟ୍ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜୟପୁରରେ ଡିସେମ୍ବର ୨୦ରୁ ୨୪ ଯାଏ ଖେଳାଯିବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛି।

ସେହିପରି ଉଚ୍ଚଶିକ୍ଷା ମାଧ୍ୟମିକ ପରିଷଦ ଆନୁକୂଲ୍ୟରେ ରାଜ୍ୟ ଆନ୍ତଃସ୍କୁଲ୍ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ କିଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଉଭୟ ବିଭାଗରେ କିସ୍ ବିଜୟୀ ହୋଇ ବାଳିକା ଓ ବାଳକ ଟାଇଟଲ କବ୍‌ଜା କରିବାରେ ସମର୍ଥ ହୋଇଥିଲା।

**୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି**

## ଓଡ଼ିଶାକୁ ପ୍ରଥମ ବିଜୟ ଦେଲେ ବିଜୟଲକ୍ଷ୍ମୀ



**ଭୁବନେଶ୍ୱର, ୧୫ ।୧୨ (ସମିସ):** ଥିରୁଅନନ୍ତପୁରମରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଆସାମକୁ ପରାସ୍ତ କରିଥିଲା। ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଆସାମ ୩ ୱିକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ସ୍ନେହ ୧୪୭ ବଲରେ ଅପରାଜିତ ୧୦୭ ରନ କରିଥିଲେ। ଜବାବରେ ବିଜୟଲକ୍ଷ୍ମୀ ବେହେରା ଓ ଅନନ୍ୟା ରାଉତଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୪୩.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟଲକ୍ଷ୍ମୀ ୧୩ ଚୌକା ଓ ଗୋଟିଏ ଛକା ସହାୟତାରେ ୯୯ ବଲରେ ୯୯ ରନ କରି ଅପରାଜିତ ରହିଥିଲେ। ସେହିଭଳି ଅନନ୍ୟା ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବିଜୟ ସହ ଓଡ଼ିଶା ପଏଣ୍ଟ ଖାତା ଖୋଲିଛି। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୭ ୱିକେଟ୍‌ରେ ଗୁଜରାଟ ନିକଟରୁ ପରାସ୍ତ ହୋଇଥିଲା।

**ଗଣ୍ଡରପୁର କପ୍ ଫୁଟବଲ**

## ସହରାଞ୍ଚଳ ସେମିରେ ଓଡ଼ିଶା ପୁଲିସ

**ବାରଙ୍ଗ/ନନ୍ଦନକାନନ,୧୫।୧୨(ସମିସ):** ଏଠାରେ ଚାଲିଥିବା ୨୨ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରାମାଞ୍ଚଳ ବିଭାଗର ବି' ଡିଭିଜନରେ ସାଇଁଶୋ ଫୁଟବଲ କ୍ଲବ୍ ଓ ଉତ୍ତମପୁର ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା ୫ଟି ମ୍ୟାଚ୍ ମଧ୍ୟରୁ ୪ଟି ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରରେ ମିଳିଛି। ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସାଇଁଶୋ ୫-୪ ଟାଇବ୍ରେକର ଗୋଲରେ ଜୟଦେବ କ୍ଲବ୍‌କୁ ପରାସ୍ତ କରିଛି। ସେହିଭଳି



ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତମପୁର ଫୁଟବଲ କ୍ଲବ୍ ୬-୫ ଟାଇବ୍ରେକରରେ ନରିଶୋ କଣ୍ଟାପଡ଼ାକୁ ହରାଇଥିଲା। ଗ୍ରାମାଞ୍ଚଳ ଏ' ଡିଭିଜନର ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ମା' ମଙ୍ଗଳା କ୍ଲବ୍ ୫-୪ ଟାଇବ୍ରେକରରେ କୁରଙ୍ଗର ୟୁନିଭର୍ସାଲ କ୍ଲବ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବାଉଲକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍ ୪-୦ ଗୋଲରେ କୁଜିମହଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ଅଜିତ ରାଉତ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ବାଉଲକୁଦର ଦୀନବନ୍ଧୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

### ସନ୍‌ରାଇଜ୍‌କୁ ହରାଇଲା ଓଡ଼ିଶା ପୁଲିସ୍

ସହରାଞ୍ଚଳ ବିଭାଗରେ ଓଡ଼ିଶା ପୁଲିସ୍ ୮-୭ ସଡନ୍‌ଡେଥ ଗୋଲ୍‌ରେ ସନ୍‌ରାଇଜ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି।

**ସଦାଶିବ ସ୍ମାରକୀ କ୍ରିକେଟ**

## ସେମିରେ ସମ୍ବଲପୁର ଏମ୍‌ଏସ୍‌ସିସି

ଭାପୁର,୧୫।୧୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି (ମା ମେଟକାନୀ କ୍ରିକେଟ କ୍ଲବ୍) ୮୪ ରନ୍‌ର ବିପୁଳ ବ୍ୟବଧାନରେ କୋଲକାତାର ଏ ଆଣ୍ଡ ଏସ୍‌କୁ ପରାସ୍ତ କରି ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସମ୍ବଲପୁର ସହ ଭୁବନେଶ୍ୱରର ସାଇ ଇଲେଭେନ୍‌ର ମୁକାବିଲା ହେବ। ଗତକାଲି ଉଦ୍‌ଘାଟନୀ ମୁକାବିଲାରେ ସାଇ ଇଲେଭେନ୍ ୧୪୬ ରନ୍‌ରେ ୟୁପି ଟାଇଗରକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

ନୟାଗଡ଼ ଜିଲ୍ଲା ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦୀପାଶୁ ଫୋରେ




ସର୍ବାଧିକ ୫୪ ରନ୍ କରିଥିଲେ। ଜବାବରେ କୋଲକାତା ୧୯୬ ରନ୍‌ର ଟାର୍ଗେଟକୁ ପିଛା କରି ୧୫.୫ ଓଭରରେ ୧୧୧ ରନ୍ କରିଥିଲା। ରିଷିକେଶ ତିୱାରୀଙ୍କ ୨୩ ବଲ୍‌ରୁ ବିସ୍ଫୋରକର ୪୬ ରନ୍ କିଛି କାମ ଦେଇ ନ ଥିଲା। ବିଜୟୀ ଦଳର ବିକାଶ ଦୀକ୍ଷିତ ୧୨ବଲ୍‌ରୁ ୨୬ରନ୍ ଓ ୨ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ପୂର୍ବରୁ ନିମାଣି ସରପଞ୍ଚ ସୁଧାଂଶୁ ଭୂଷଣ ସ୍ୱାଇଁ ଓ କ୍ରିକେଟ ବିଶାରଦ ସୁଧାଂଶୁ ଶେଖର କର ମିଳିତଭାବେ ଏହି ମ୍ୟାଚ୍‌କୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS